# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-231 ◆MONDAY ◆16 FEBRUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୩୧ ◆ସୋମବାର ◆୧୬ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଇଶାନ୍‌ଙ୍କ ବିସ୍ଫୋରକ ବ୍ୟାଟିଂ, ପାକିସ୍ତାନ ଧରାଶାୟୀ

▶ପୃଷ୍ଠା ୧୨ ଦେଖନ୍ତୁ...





10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | SHRIRAM Finance | IDFC FIRST Bank | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ସଞ୍ଚୟ 28 ଫେବୃଆରୀ 2026 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ସଞ୍ଚୟ ହେଉଛି କ୍ୟାଶ୍ ବ୍ୟାକ୍‌ଜନିତ ସଞ୍ଚୟ । ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 5 ମାଗଣା ସର୍ଭିସ୍ (3 ଷ୍ଟାଣ୍ଡାର୍ଡ ମାଗଣା ସର୍ଭିସ୍ ଓ 2 ଅତିରିକ୍ତ ମାଗଣା ସର୍ଭିସ୍) । ମାଗଣା ସର୍ଭିସ୍ ଙ୍କ ସଞ୍ଚୟସବୁ ନିର୍ଦ୍ଧାରିତ ଲେବର୍ ଚାର୍ଜେସ୍ ଉଦ୍ଦିଷ୍ଟ । ପ୍ରଯୁଜ୍ୟ ଅଫର୍‌ସବୁ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ । ଶୂନ୍ୟ ପିଏଫ୍ ରେ ସଞ୍ଚୟ, ଫାଇନାନ୍ସର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଭିନ୍ନ ହୋଇପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ । ପଲ୍‌ସର 125 ଅଫର୍ ନିଅନ୍ ଓ କାର୍ବନ୍ ଫାଇବର୍ ମଡେଲ୍ ସହାଣେ ।

Authorised Dealers for BAJAJ Auto Ltd.: Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722 • Jajpur Road PARIDA BAJAJ 7381012602 • Rahama MAITREE BAJAJ 9668801781 • Cuttack: Badambadi SURAJ BAJAJ 8093066603 • Shikharpur RASHMI BAJAJ 9237379210 • Satichaura RASHMI BAJAJ 9237379211 • Chandikhole TARINI BAJAJ 9937310800. • Pattamundai MAITREE BAJAJ 7064987720/9668801781, • Kendrapara TARINI BAJAJ 8338944471 • Rajnagar MAITREE BAJAJ 7064987720/9668801781 • Anandapur PARIDA BAJAJ 7381670007, • Udala BALA BAJAJ 8260843646 • Jaleswar SURAJ BAJAJ 9124626016, • Markona SURAJ BAJAJ 9124626001 • Basudevpur SHANKAR BAJAJ 9040902802 • Rairangpur BALA BAJAJ 9583777236 • Harichandanpur JR BAJAJ 7008484029.

# ଶିବମୟ ସାରା ରାଜ୍ୟ


ଶ୍ରୀଲିଙ୍ଗରାଜ, ଭୁବନେଶ୍ୱର




ଲୋକନାଥ, ପୁରୀ


ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ମହାଦେବଙ୍କ ଚିତ୍ରକଳା


ଭୂଷଣ୍ଡେଶ୍ୱର, ବାଲେଶ୍ୱର

■ ତାରିଣୀ ଦର୍ଶନ ନୋହିଲା

## ଗଛରେ ପିଟିହେଲା କାର୍; ଜଣେ ମୃତ

ଘଟଗାଁ, ୧୫।୨ (ସମିସ): ଭୁବନେଶ୍ୱରରୁ ଏକ କାର୍‌ରେ ତାରିଣୀ ଦର୍ଶନ ପାଇଁ ଘଟଗାଁ ଆସୁଥିବା ବେଳେ ଭାରସାମ୍ୟ ହରାଇ ଏକ କାର୍ ଗଛରେ ପିଟି ହେବାରୁ ଜଣଙ୍କର ମୃତ୍ୟୁ ହୋଇଛି। ଏଥିରେ ଗୋଟିଏ ପରିବାର ଆଉ ୫ଜଣ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି।

**ପରିବାରର ଅନ୍ୟ ୫ ଗୁରୁତର**



ମୃତକ ହେଲେ, କଟକ ଜିଲ୍ଲା ଆଠଗଡ଼ ବଡମ୍ବା ଗ୍ରାମର ରବୀନ୍ଦ୍ରନାଥ ମହାନ୍ତି। ପବିତ୍ର ମହାଶିବରାତ୍ରି ଅବସରରେ ଝିଅ-ଜ୍ୱାଇଁ ଓ ପରିବାର ସହ ଏକ କାର୍‌ରେ ସେ ମା' ତାରିଣୀଙ୍କ ଦର୍ଶନ ପାଇଁ ଆସୁଥିଲେ। ଜ୍ୱାଇଁ କାର୍ ଚଳାଉଥିବା ବେଳେ ରବୀନ୍ଦ୍ରନାଥ ଆଗ ସିଟ୍‌ରେ ବସିଥିଲେ। ଧୁବୁଲାବେଡ଼ା ଛକ ନିକଟରେ ରାସ୍ତାକଡ଼ ଏକ ଗଛରେ କାର୍‌ଟି ପିଟି ହୋଇଯାଇଥିଲା। ଏଥିରେ ଘଟଣାସ୍ଥଳରେ ରବୀନ୍ଦ୍ରନାଥଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟମାନେ ଗୁରୁତର ଆହତ ହୋଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହିତ ତଦନ୍ତ ଚଳାଇଛି।

## ହାତୀ ଆକ୍ରମଣରେ ଜଣେ ମୃତ

ବାଲିବନ୍ଧ/ଯୋଡ଼ା,୧୫।୨(ସମିସ): କେନ୍ଦୁଝର ବନଖଣ୍ଡ ଚମ୍ପୁଆ ରେଞ୍ଜ ବାମେବାରୀ ବନାଞ୍ଚଳ ଝୁମ୍ପୁରା ବ୍ଲକ୍ ନୟାଗଡ଼ ନିକଟସ୍ଥ ଶରଧାପଙ୍କ ଗ୍ରାମର ଜଣେ ଯୁବକ ହାତୀପଲଙ୍କ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ମୃତକ ହେଲେ, ସନ୍ତୋଷ ମାଝୀ (୩୪)। ସନ୍ତୋଷ ଗତକାଲି ସନ୍ଧ୍ୟାରେ ନେଙ୍କଡ଼ାପାଲି ଗ୍ରାମକୁ କୌଣସି କାମରେ ଯାଇଥିଲେ। ସେଠାରୁ କାମ ସାରି ଫେରୁଥିବା ବେଳେ ଏକ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ସେ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଗୋଟିଏ ହାତୀ ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା। ପରେ ଅନ୍ୟ ହାତୀମାନେ ସନ୍ତୋଷଙ୍କୁ ପାଦରେ ଦଳି ଦେଇଥିଲ। ଘଟଣାସ୍ଥଳରେ ହିଁ ସନ୍ତୋଷଙ୍କ ମୃତ୍ୟୁ ହୋଇଯାଇଥିଲା। ବାମେବାରୀ ବନପାଳ ବୁଲୁ ନାହକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଅପରପେକ୍ଷ, ହାତୀପଲଙ୍କ ଗତିବିଧି ଉପରେ ବନ ବିଭାଗର କର୍ମଚାରୀ ନଜର ରଖିଥିବା ବନପାଳ ଶ୍ରୀ ନାହକ କହିଛନ୍ତି।

# ବିଜୁ ମହିଳା ଜନତା ଦଳର ନବକଳେବର

ଭୁବନେଶ୍ୱର,୧୫।୨(ସମିସ): ବିଜୁ ମହିଳା ଜନତା ଦଳ (ବିଏମ୍‌ଜେଡି) ସାଂଗଠନିକ ନବକଳେବର କରିଛନ୍ତି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ । ରାଜ୍ୟସ୍ତରରୁ ଆରମ୍ଭ କରି ଜୋନ୍ ବିଭିନ୍ନ ନେତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହାସହିତ ଦଳର ୨୬ଟି ସାଂଗଠନିକ ଜିଲ୍ଲା ପାଇଁ ସଭାନେତ୍ରୀ ଓ କାର୍ଯ୍ୟକାରୀ ସଭାନେତ୍ରୀଙ୍କୁ ନିଯୁକ୍ତି ମିଳିଛି। ରାଜ୍ୟସ୍ତରରେ ୧୮ ଜଣ ନେତ୍ରୀଙ୍କୁ ବରିଷ୍ଠ ଉପସଭାନେତ୍ରୀ, ୪୨ ଜଣଙ୍କୁ ଉପସଭାନେତ୍ରୀ, ୫୧ଜଣଙ୍କୁ ସାଧାରଣ ସମ୍ପାଦିକା ଓ ୪୨ ଜଣଙ୍କୁ ସମ୍ପାଦିକା ଭାବରେ ଅବସ୍ଥାପିତ କରାଯାଇଛି। ସେହିପରି ଜୋନାଲ ସଭାନେତ୍ରୀ ଓ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ୧୩ ଜଣଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି।

ସୂଚନା ଅନୁସାରେ କନକପ୍ରଭା ଲେଙ୍କା, ଉମାଦେବୀ ଅଗ୍ରୱାଲ, କ୍ୟୁ ସୁଲତାନା, ବାସନ୍ତୀ ମଲ୍ଲିକ, ଉଷାରାଣୀ ମହାନ୍ତି, ସରଳା ସ୍ୱାଇଁ, ସୁନୀତି ସିଂହ, ଶକୁନ୍ତଳା ମହାପାତ୍ର, ସନ୍ଧ୍ୟାରାଣୀ ବିଶ୍ୱାଳ, ସବିତା ମହାପାତ୍ର, ଉଷା ପ୍ରଧାନ, ସଂଯୁକ୍ତା ମହାନ୍ତି, ଜୟଶ୍ରୀ ଦାସ, ଗୋପା ମହାନନ୍ଦ, ଶାନ୍ତିଲତା ପ୍ରଧାନ, ଶକୁନ୍ତଳା ସାହୁ, ସୁଭଦ୍ରା ଦାସ, ସ୍ନେହାଞ୍ଜଳି ମହାନ୍ତିଙ୍କୁ ରାଜ୍ୟ ବରିଷ୍ଠ ଉପସଭାନେତ୍ରୀ ଭାବରେ ନିଯୁକ୍ତି ମିଳିଛି।

ଅନୁରୂପ ଭାବରେ ଅନଗୁଳ ଜିଲ୍ଲା ମହିଳା ଜନତା ଦଳର ସଭାନେତ୍ରୀ ଭାବେ ବବିତା ପ୍ରଧାନ, ବୌଦ୍ଧ ପାଇଁ ଦିପ୍ତୀ ପ୍ରଭା ସ୍ୱାଇଁ, ବରଗଡ଼ କଳ୍ପନା ମାଝୀ, ବଲାଙ୍ଗୀର ଗୀତା ବିଶି, ଦେବଗଡ଼ ଅରଣି ପ୍ରଧାନ, ଗଜପତି ସଞ୍ଜୁକ୍ତା ବେହେରା, ଜଗତସିଂହପୁର ପାଇଁ ଲୋରା ମହାପାତ୍ର, କଳାହାଣ୍ଡି ପାଇଁ

■ ୧୮ ନେତ୍ରୀଙ୍କୁ ବରିଷ୍ଠ ଉପସଭାନେତ୍ରୀ ଦାୟିତ୍ୱ
■ ୧୩ ନେତ୍ରୀ ହେଲେ ଜୋନାଲ ସଭାନେତ୍ରୀ ଓ କାର୍ଯ୍ୟକାରୀ ସଭାନେତ୍ରୀ
■ ୨୬ ସାଂଗଠନିକ ଜିଲ୍ଲାରେ ସଭାନେତ୍ରୀ ଓ କାର୍ଯ୍ୟକାରୀ ସଭାନେତ୍ରୀ ନିଯୁକ୍ତ

ସବିତା ପ୍ରଧାନ, କେନ୍ଦ୍ରାପଡ଼ା ସରିତା ସାହୁ, ମାଲକାନଗିରି ସମରୀ ଟଙ୍ଗୁଲ, ନବରଙ୍ଗପୁର ମଞ୍ଜୁଲା ମାଝୀ, ନୂଆପଡ଼ା ସନ୍ତୋଷିନୀ ସାମଲ, ନୟାଗଡ଼ ବିଜୟଲକ୍ଷ୍ମୀ ସାହୁ, ରାୟଗଡ଼ା ଅନସୂୟା ମାଝୀ, ସମ୍ବଲପୁର ସଞ୍ଜୁକ୍ତା ମେହେର, ସୁବର୍ଣ୍ଣପୁର ପଦ୍ମିନୀ ବାଘର, ସୁନ୍ଦରଗଡ଼ ରଞ୍ଜନା ପଣ୍ଡା, ରାଉରକେଲା ପାଇଁ ସନ୍ଧ୍ୟାରାଣି ଲାକ୍ରାଙ୍କୁ ଜିଲ୍ଲା ସଭାନେତ୍ରୀ ଭାବେ ଅବସ୍ଥାପିତ କରାଯାଇଛି । ଏହାସହିତ ଭଦ୍ରକ ଜିଲ୍ଲାରେ ସଭାନେତ୍ରୀ ଭାବେ ବିଦ୍ୟୁତଲତା ନାୟକ ଓ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ଦେବୀଦତ୍ତା ମହାନ୍ତ, କଟକରେ ଅନିତା ବେହେରା ସଭାନେତ୍ରୀ ଓ ପୁର୍ଣ୍ଣିମା ସିଂହଙ୍କୁ କାର୍ଯ୍ୟକାରୀ ସଭାନେତ୍ରୀ, ଢେଙ୍କାନାଳରେ ସାଗରିକା ମିଶ୍ର ସଭାନେତ୍ରୀ, ଶୁଭଲକ୍ଷ୍ମୀ ସାହୁ କାର୍ଯ୍ୟକାରୀ ସଭାନେତ୍ରୀ, ଝାରସୁଗୁଡ଼ାରେ ଜୟନ୍ତୀ ବହୁ ସଭାନେତ୍ରୀ, ପଦ୍ମିନୀ ସିଂହ କାର୍ଯ୍ୟକାରୀ ସଭାନେତ୍ରୀ କେନ୍ଦୁଝରରେ କମଳିନୀ ପାତ୍ର ସଭାନେତ୍ରୀ, ସାବିତ୍ରୀ ସେଠୀ କାର୍ଯ୍ୟକାରୀ ସଭାନେତ୍ରୀ, କୋରାପୁଟରେ ପାର୍ବତୀ ମଣ୍ଡିଙ୍କୁ ସଭାନେତ୍ରୀ ଓ ଉର୍ମିଳା ମୁଦୁଲିଙ୍କୁ କାର୍ଯ୍ୟକାରୀ ସଭାନେତ୍ରୀ, ପୁରୀରେ କସ୍ତୁରୀ ସ୍ୱାଇଁଙ୍କୁ ସଭାନେତ୍ରୀ ଓ ମାନସୀ ହରିଚନ୍ଦଙ୍କୁ ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

ଏହା ବ୍ୟତୀତ ୩୫ ଟି ସାଂଗଠନିକ ଜିଲ୍ଲା ପାଇଁ ମୋଟ୍ ୧୩ ଜଣ ନେତ୍ରୀଙ୍କୁ ଜୋନାଲ୍ ସଭାନେତ୍ରୀ ଓ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ଦାୟିତ୍ୱ ବଣ୍ଟନ କରାଯାଇଛି। ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ ଜୋନ୍ ପାଇଁ ପୁଷ୍ପାଞ୍ଜଳି ରଣା ସଭାନେତ୍ରୀ ଓ ରଞ୍ଜୁଲତା ରାୟ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ନିଯୁକ୍ତି ପାଇଛନ୍ତି । ସେହିପରି କଟକ ଜିଲ୍ଲା, କଟକ ସହର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଢେଙ୍କାନାଳ ଓ ଅନୁଗୁଳ ଜୋନ୍ ପାଇଁ ଜ୍ୟୋତ୍ସ୍ନାମୟୀ ପରିଡ଼ା ସଭାନେତ୍ରୀ ଓ ସ୍ୱର୍ଣ୍ଣଲତା ସାମଲ କାର୍ଯ୍ୟକାରୀ ସଭାନେତ୍ରୀ ଦାୟିତ୍ୱ ପାଇଛନ୍ତି । ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ-୧ ଓ ମୟୂରଭଞ୍ଜ-୨ ଜୋନ୍ ପାଇଁ ପ୍ରିତୀନନ୍ଦା କାନୁନଗୋଙ୍କୁ ସଭାନେତ୍ରୀ ଓ ଉମିଳତା ଦାସଙ୍କୁ କାର୍ଯ୍ୟକାରୀ ସଭାନେତ୍ରୀ, ସୁନ୍ଦରଗଡ଼, ରାଉରକେଲା, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ବରଗଡ଼ ଜୋନ୍ ପାଇଁ ସିପ୍ରା ମହାନ୍ତିଙ୍କୁ ସଭାନେତ୍ରୀ ଓ ନିଲ୍ କୁମାରୀ ନାୟକଙ୍କୁ କାର୍ଯ୍ୟକାରୀ ସଭାନେତ୍ରୀ ଦାୟିତ୍ୱ ଦିଆଯାଇଛି। ବଲାଙ୍ଗୀର ସୋନପୁର, ନୂଆପଡ଼ା ଓ କଳାହାଣ୍ଡି ପାଇଁ ଲଳିତା ନାୟକଙ୍କୁ ସଭାନେତ୍ରୀ ଓ ଦମୟନ୍ତୀ ବାଗଙ୍କୁ କାର୍ଯ୍ୟକାରୀ ସଭାନେତ୍ରୀ ରୂପେ ଦାୟିତ୍ୱ ବଣ୍ଟନ କରାଯାଇଛି। ଗଞ୍ଜାମ, ବ୍ରହ୍ମପୁର, ଗଜପତି, କନ୍ଧମାଳ ଓ ବୌଦ୍ଧ ଜୋନ୍ ପାଇଁ ମମତା ବିଶୋୟୀଙ୍କୁ ସଭାନେତ୍ରୀ ନିଯୁକ୍ତ କରାଯାଇଛି। ମାଲକାନଗିରି, ନବରଙ୍ଗପୁର, କୋରାପୁଟ ଓ ରାୟଗଡ଼ା ପାଇଁ ନବୀନା ନାୟକଙ୍କୁ ଜୋନାଲ ସଭାନେତ୍ରୀ ଓ ଲତା ରାୟଙ୍କୁ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ଦାୟିତ୍ୱ ଦିଆଯାଇଛି।

**ସାଇବର ଅପରାଧୀଙ୍କ ଉପରେ ପୁଲିସର 'କବଚ' ପ୍ରହାର**

# ୭୩ ବେନାମୀ ଆକାଉଣ୍ଟ ଜବତ, ୬ ଗିରଫ

କଟକ,୧୫।୨(ସମିସ): ସାଇବର ଅପରାଧର ନେଟ୍‌ୱର୍କକୁ ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ କରିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅଭିଯାନ 'ଅପରେସନ ସାଇବର କବଚ'। ଏହି ଅଭିଯାନ ଅଧୀନରେ ଆଜି ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଚଢ଼ଉ କରାଯାଇ ସାଇବର ଠକେଇରେ ବ୍ୟବହାର ହେଉଥିବା 'ବେନାମୀ ବ୍ୟାଙ୍କ ଆକାଉଣ୍ଟ' ଗୁଡ଼ିକୁ ଚିହ୍ନଟ କରାଯାଇଛି। ସମଗ୍ର ରାଜ୍ୟରେ ମୋଟ ୭୩ଟି ସନ୍ଦିଗ୍ଧ ଆକାଉଣ୍ଟ ଯାଞ୍ଚ ହେବା ସହ ଠକେଇରେ ସହାୟତା କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ସ୍ୱତନ୍ତ୍ର ଅଭିଯାନରେ ପୁଲିସକୁ ବଡ଼ ସଫଳତା ମିଳିଛି।

ବୌଦ୍ଧ ଜିଲ୍ଲାରେ ସର୍ବାଧିକ ୪୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରାଯିବା ସହ ୪୫ଜଣଙ୍କୁ ନୋଟିସ୍ ଜାରି ହୋଇଛି। ସେହିପରି ମାଲକାନଗିରିରେ ୨୦ଟି ଏବଂ ସୁନ୍ଦରଗଡ଼ରେ ୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରାଯାଇଛି। ପୂର୍ବରୁ ରୁଜୁ ହୋଇଥିବା ମାମଲାରେ ତଦନ୍ତ କରିବା ପରେ ପ୍ରମାଣ ମିଳିବାରୁ ସୁନ୍ଦରଗଡ଼ ପୁଲିସ ୬ଜଣ ସାଇବର ଅପରାଧୀଙ୍କୁ ଗିରଫ କରିଛି। କଟକ ୟୁପିଡି ଅଞ୍ଚଳରେ ମଧ୍ୟ ୬ଟି ମ୍ୟୁଲ୍ ଆକାଉଣ୍ଟ ଯାଞ୍ଚ କରାଯାଇ ନୂତନ ମାମଲା ରୁଜୁ ହେବା ସହ ୬ ଜଣଙ୍କୁ ନୋଟିସ୍ ଦିଆଯାଇଛି। ଅପରେସନ ସାଇବର କବଚକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ସମ୍ପୃକ୍ତ ଜିଲ୍ଲାର ଏସପି ଏବଂ ଡିସିପି

■ ୫୧ ଜଣଙ୍କୁ ଆଇନଗତ ନୋଟିସ୍
■ ସାଇବର ଠକେଇ ନେଟ୍‌ୱର୍କକୁ ଧ୍ୱଂସ କରିବାକୁ ପୁଲିସର ବଡ଼ ପଦକ୍ଷେପ

ମାନେ ପ୍ରତ୍ୟକ୍ଷ ଭାବେ ଏହାର ନେତୃତ୍ୱ ନେଉଛନ୍ତି। ଜିଲ୍ଲା ସାଇବର ଟିମ୍ ସହାୟତାରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଉଛି। ସନ୍ଦିଗ୍ଧ ଆକାଉଣ୍ଟଧାରୀଙ୍କୁ ଧରିବା ସହ ସେମାନଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବା ପାଇଁ ରାଜ୍ୟବ୍ୟାପୀ ୫୧ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି।

ସୂଚନାଯୋଗ୍ୟ, ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ସାଇବର ଅପରାଧୀଙ୍କ ଆର୍ଥିକ ଭିତ୍ତିଭୂମିକୁ ନଷ୍ଟ କରିବା। ସାଇବର୍ ଠକେଇର ଶିକାର ହେଉଥିବା ସାଧାରଣ ଜନସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ଓଡ଼ିଶା ପୁଲିସ ସର୍ବଦା ପ୍ରସ୍ତୁତ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ଏହି ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ସୂଚନା ମିଳିଛି।

# ଜାଗରରେ ସେବାୟତଙ୍କୁ କପିଳାସ ପୀଠ ମନା

ଗଁଦିଆ,୧୫।୨(ସମିସ): ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସରେ ଜାଗର ପର୍ବରେ ଦେଖିବାକୁ ମିଳିଛି ବ୍ୟାପକ ଅବ୍ୟବସ୍ଥା। ପୀଠର ବାରବାଙ୍କ ନିକଟରେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଓ ମନମାନିକୁ ନେଇ ତାତିଥିଲେ ସେବାୟତ। ମୁଖ୍ୟ ସେବାୟତ

■ ନୀତିକାନ୍ତି ୪ ଘଣ୍ଟା ବିଳମ୍ବ, ଭକ୍ତ ମହଲରେ ଅସନ୍ତୋଷ
■ ଦେଓଗାଁ ଜଗନ୍ନାଥ ମନ୍ଦିରରେ ଦେଲେ ଧାରଣା



ଓ ଛତିଶା ନିଯୋଗକୁ ପର୍ବତ ଶିଖରରେ ବିରାଜମାନ ମହାପ୍ରଭୁଙ୍କ ମନ୍ଦିରକୁ ଯିବାକୁ ଦିଆଯାଇନଥିଲା। ଏପରିକି, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ଛଡ଼ାଯାଇନଥିଲା। ଏହାର ପ୍ରତିବାଦରେ ସେବାୟତମାନେ ନୀତିକାନ୍ତି ବନ୍ଦ କରି କପିଳାସ ପାଦଦେଶରେ ଜଗନ୍ନାଥ ମନ୍ଦିରରେ ଧାରଣାରେ ବସିଥିଲେ। ଫଳରେ ନୀତିକାନ୍ତି ୪ ଘଣ୍ଟା ବିଳମ୍ବ ହୋଇଥିଲା। ଏନେଇ ଭକ୍ତଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସଦର ଏସ୍‌ଡିପିଓ ଓ ଦେବୋତ୍ତର ଇନ୍ସପେକ୍ଟର୍ ପହଞ୍ଚି ବୁଝାସୁଝା କରିବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ଉପଜିଲ୍ଲାପାଳ ଘଟଣାସ୍ଥଳରେ ପହଞ୍ଚି କ୍ଷମା ପ୍ରାର୍ଥନା କରିଥିଲେ। ପୁଲିସର ଏଭଳି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ଆସନ୍ତା ୨୦ ତାରିଖ ବସିବାକୁ ଥିବା ବୈଠକରେ ସେବାୟତ, ଛତିଶାନିଯୋଗ ଓ ପ୍ରଶାସନ ଉପସ୍ଥିତିରେ ଅବ୍ୟବସ୍ଥାକୁ ବିଶଦ୍ ଆଲୋଚନା ପାଇଁ ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହେବା ସହ ନୀତିକାନ୍ତି ଆରମ୍ଭ ହୋଇଥିଲା।

ସୂଚନାଯୋଗ୍ୟ, ଗତବର୍ଷ ମଧ୍ୟ ଏଭଳି ପରିସ୍ଥିତି ଉପୁଜିଥିଲା। ବାରମ୍ବାର ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ହେଉଥିବାରୁ ଏହାର ସ୍ଥାୟୀ ସମାଧାନ ଦାବି କରିଛନ୍ତି ସମସ୍ତ ସେବାୟତ। ପୂର୍ବରୁ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସେବାୟତମାନେ ସେମାନଙ୍କ ପରିଚୟପତ୍ର ଦେଖାଇ ଯିବା ବ୍ୟବସ୍ଥା ହୋଇଥିଲା। କିନ୍ତୁ, ପ୍ରଥମ ବାଙ୍କରେ ନିୟୋଜିତ ପୁଲିସ କର୍ମଚାରୀମାନେ ତାଙ୍କୁ ଯିବାକୁ ଦେଇ ନ ଥିଲେ। ଯାହାକୁ ନେଇ ଏପରି ପରିସ୍ଥିତି ଉପୁଜିଥିଲା।

# ଦକ୍ଷିଣା ପାଇଁ ଏତେ ଜୁଲମ୍ କାହିଁକି?

■ ଜାଗରରେ ତିକ୍ତ ଅନୁଭୂତି ସାଉଣ୍ଟିଲେ ଦମ୍ପତି
■ ପାଉଣା ମନକୁ ପାଇଲାନି, ଭୋଗଥାଳି ପେଲିଦେଲେ ସେବାୟତ

ପୁରୀ, ୧୫।୨(ସମିସ): ଦକ୍ଷିଣା ପାଇଁ ଜୁଲମ୍। ପବିତ୍ର ଜାଗରରେ ଶ୍ରୀଲୋକନାଥଙ୍କ ପୀଠରୁ ଆଜି ଏକ ଦମ୍ପତି ଏମିତି ତିକ୍ତ ଅନୁଭୂତି ନେଇ ଫେରିଛନ୍ତି। ପିପିଲି ଦାଣ୍ଡମୁକୁନ୍ଦପୁରର ଲକ୍ଷ୍ମୀଧର ମିଶ୍ର ତାଙ୍କ ରୋଗିଣା ପତ୍ନୀଙ୍କୁ ଧରି ଆଜି ପ୍ରଭୁ ଲୋକନାଥଙ୍କ ଦର୍ଶନ ପାଇଁ ଆସିଥିଲେ। ଇଚ୍ଛା ଥିଲା, ଠାକୁରଙ୍କୁ ଦର୍ଶନ କରି ନିଜ ଦୁଃଖକଷ୍ଟ ଜଣାଇବେ। ହେଲେ ପୀଠରେ ପହଞ୍ଚିବା ପରେ ଦର୍ଶନ ପାଇଁ ତାଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା। ଦକ୍ଷିଣା ପାଇଁ ତାଙ୍କୁ ଏକପ୍ରକାର ଜୁଲମ୍‌ର ଶିକାର ହେବାକୁ ପଡ଼ିଥିଲା ବୋଲି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଲକ୍ଷ୍ମୀଧର।

ସେ ଅଭିଯୋଗ କରିଛନ୍ତି, 'ମୁଁ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ହୋଇଥିବା ବେଳେ ମୋ ସ୍ତ୍ରୀ ଜଣେ ରକ୍ତ କର୍କଟ ରୋଗୀ। ଆମ ଦୁଇଜଣଙ୍କୁ ଭିତରକୁ ଯିବା ପାଇଁ ୧ ହଜାର ଟଙ୍କା ମାଗିଲେ। ହେଲେ ଏତେ ଟଙ୍କା ଆମେ ଦେବାକୁ ସକ୍ଷମ ନ ଥିଲୁ। ତେଣୁ ୨୦୦ ଟଙ୍କା ଦେଇ ୨ଟି ଟିକେଟ୍ କରି ସ୍ୱତନ୍ତ୍ର ଟିକେଟଧାରୀଙ୍କ ପାଇଁ ଉଦ୍ଦିଷ୍ଟ ଲାଇନରେ ଗଲୁ। ହେଲେ ଭିତରେ ଭୋଗ ଲାଗିବା ପାଇଁ ସେବାୟତ ୨୦୦ ଟଙ୍କା ମାଗିଲେ। ମୁଁ ୨୦ ଟଙ୍କା ଥାଳିରେ ପକାଇଲି। ସେ ୨୦ ଟଙ୍କା ମୋ ପକେଟରେ ପୂରେଇ ଦେଲେ ଏବଂ ଭୋଗକୁ ପେଲିଦେଲେ। କହିଲେ ୨୦୦ ଦିଅ, ନହେଲେ ଭୋଗ କରିପାରିବ ନାହିଁ। ସବୁଠୁ ଦୁର୍ଭାଗ୍ୟର କଥା ହେଉଛି, ଭୋଗ ଆଣିପାରିଲୁ ନାହିଁ, ସେହିଠାରେ ରହିଗଲା। ପୁଲିସ ଆମକୁ ଭିଡ଼ି ବାହାର କରିଦେଲେ'।

ସେ ଆହୁରି ମଧ୍ୟ କହିଥିଲେ, ତାଙ୍କ ପତ୍ନୀଙ୍କ ଦେହ ଅସୁସ୍ଥ ଯୋଗୁ ସେ ମାନସିକ ରଖିଥିଲେ। ସେଥିପାଇଁ ପ୍ରଭୁ ଲୋକନାଥଙ୍କୁ ଦର୍ଶନ କରିବାକୁ ଆସିଥିଲୁ। କିନ୍ତୁ ଠାକୁରଙ୍କୁ ଠିକ୍ ଭାବେ ଦର୍ଶନ ହେଲା ନାହିଁ, ବରଂ ସେମାନଙ୍କୁ ଜୁଲମର ଶିକାର ହେବାକୁ ପଡ଼ିଥିଲା। ଏବେ ଚିନ୍ତା କରୁଛି ଯଦି କେବେ ମାନସିକ ରଖିବୁ, ଦୁଆର ମୁହଁରେ ଦୀପ ଜାଳି ଠାକୁରଙ୍କୁ ମୁଣ୍ଡିଆଟିଏ ମାରିଦେବୁ। ଆଜି ଜାଗର ପାଇଁ ଅବଶ୍ୟ ଭକ୍ତଙ୍କ ଭିଡ଼ ଥିଲା। ହେଲେ ମହାଶିବରାତ୍ରୀ ଭଲ ଦିନ ଭାବି ଠାକୁରଙ୍କୁ ଦୁଃଖ ଜଣାଇବା ପାଇଁ ଆସିଥିଲୁ। କିନ୍ତୁ, ଏଠି ଆସି ଯାହା ଅନୁଭବ କଲୁ, ପାଖରେ ଯଦି ପଇସା ଅଛି ଦର୍ଶନ ମିଳିବ ନ ହେଲେ ନାହିଁ ବୋଲି ଲକ୍ଷ୍ମୀଧର କ୍ଷୋଭର ସହ କହିଛନ୍ତି।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-231 MONDAY 16 FEBRUARY 2026 PAGE-12 ₹ 7.00
ବର୍ଷ-୪୩ ସଂଖ୍ୟା-୨୩୧ ସୋମବାର ୧୬ ଫେବୃଆରୀ ୨୦୨୬ ପୃଷ୍ଠା-୧୨ ଟ.୭.୦୦

## ମହାଶିବରାତ୍ରିରେ ଉତ୍ସବମୁଖର ଶୈବପୀଠ

### ଶିବ ପଞ୍ଚାକ୍ଷରୀ ମନ୍ତ୍ରରେ ଗଗନପବନ ପ୍ରକମ୍ପିତ



### ଆରଡ଼ି କ୍ଷେତ୍ରରେ ଭକ୍ତଙ୍କ ଗହଳି

■ ଭୁବନେଶ୍ୱର, ୧୫।୨ (ସମିସ): ଗାଁଠୁ ସହର, ପୀଠରୁ ମନ୍ଦିର; ସବୁ କିଛି ଓ ସବୁଆଡ଼ ଶିବମୟ। ସବୁଠି ନାହିଁ ନଥିବା ଭିଡ଼। ଭକ୍ତଙ୍କ ଗହଳି ଓ କୋଳାହଳରେ ଫାଟି ପଡୁଛି ଶିବାଳୟ। ଶିବପଞ୍ଚାକ୍ଷରୀ ମନ୍ତ୍ରରେ ପ୍ରକମ୍ପିତ ଗଗନପବନ। ଶାନ୍ତିଶୃଙ୍ଖଳାର ସହ ଆଜି ରାଜ୍ୟବ୍ୟାପୀ ପବିତ୍ର ମହାଶିବରାତ୍ରି ଭକ୍ତିସହକାରେ ପାଳିତ ହୋଇଯାଇଛି। କାଁ ଭାଁ କେଉଁଠି ଅବ୍ୟବସ୍ଥାକୁ ବାଦ୍ ଦେଲେ ମହାଦେବଙ୍କ ନୀତିକାନ୍ତି ସୁରୁଖୁରୁରେ ସଂପାଦିତ ହେବା ସହ ନିର୍ଦ୍ଧାରିତ ସମୟରେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଛି। ଭୁବନେଶ୍ୱରର ପ୍ରସିଦ୍ଧ ଏକାମ୍ରକ୍ଷେତ୍ରଠାରୁ ଆରମ୍ଭ କରି ଭଦ୍ରକର ବାବା ଆଖଣ୍ଡଳମଣିଙ୍କ ଆରଡ଼ି କ୍ଷେତ୍ର, ପୁରୀରେ ଶ୍ରୀଲୋକନାଥ, କପିଳାସରେ ବାବାଚନ୍ଦ୍ରଶେଖର, କଟକ ଧବଳେଶ୍ୱର, ବଲାଙ୍ଗିରର ପ୍ରସିଦ୍ଧ ହରିଶଙ୍କର, ରାଉରକେଲା ବେଦବ୍ୟାସ ପୀଠ ସମେତ ରାଜ୍ୟର ପ୍ରମୁଖ ଓ ଛୋଟବଡ଼ ଶୈବପୀଠକୁ ଆଜି ଭୋର୍‌ରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ▶ପୃଷ୍ଠା-୭

# ବଢ଼ିଲା ଖରା; ୩୬ ଡିଗ୍ରୀ ଛୁଇଁଲା ପାରଦ

■ ଭୁବନେଶ୍ୱର, ୧୫।୨ (ସମିସ): ରାଜ୍ୟରେ ଦିନର ତାପମାତ୍ରା ବଢ଼ିବାରେ ଲାଗିଛି। ସୋମବାର ଝାରସୁଗୁଡ଼ାରେ ପାରଦ ୩୬ ଡିଗ୍ରୀ ଛୁଇଁଛି। ଏହାସହିତ ସମ୍ବଲପୁର ୩୪.୫, ଢେଙ୍କାନାଳରେ ତାପମାତ୍ରା ୩୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଭୁବନେଶ୍ୱରରେ ତାପମାତ୍ରା ୩୩.୬ ଡିଗ୍ରୀ ରେକର୍ଡ ହୋଇଛି। କ୍ରମାଗତ ଭାବେ ସୂର୍ଯ୍ୟଙ୍କ କିରଣ ପ୍ରଖର ହେବା ସହିତ ରାଜ୍ୟକୁ ଶୁଷ୍କ ପବନର ପ୍ରବାହ ବୃଦ୍ଧି ପାଉଛି। ଏହା ତାପମାତ୍ରା ବୃଦ୍ଧି ହେବାରେ ସହାୟକ ହେଉଛି। ଏହି ସ୍ଥିତି ଆଗକୁ ଜାରି ରହିବା ସହ ଆସନ୍ତା ସପ୍ତାହେ ମଧ୍ୟରେ ଅର୍ଥାତ ୨୩ ତାରିଖ ସୁଦ୍ଧା ରାଜ୍ୟର କିଛି ସ୍ଥାନରେ ତାପମାତ୍ରା ୩୭ରୁ ୩୮ ଡିଗ୍ରୀ ଛୁଇଁବାର ସମ୍ଭାବନା ରହିଛି।

ଅନ୍ୟପଟେ ଉପକୂଳ ଓଡ଼ିଶାରେ ବାୟୁମଣ୍ଡଳ ବର୍ତ୍ତମାନ କିଛି ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରଭାବ ରହିଛି। ଏହା ପ୍ରଭାବରେ ସୋମବାର ରାଜ୍ୟର କିଛି ସ୍ଥାନରେ ଘନ କୁହୁଡ଼ି ଦୃଶ୍ୟମାନ ହୋଇଛି। ଉପକୂଳ ଓଡ଼ିଶା ଯଥା ଭଦ୍ରକ, ବାଲେଶ୍ୱର ସମେତ କେନ୍ଦ୍ରାପଡ଼ା ଆଦିରେ ଘନ କୁହୁଡ଼ି ହୋଇଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ କୁହୁଡ଼ିର ପ୍ରଭାବ ଦେଖିବାକୁ ମିଳିଛି। ଘନ କୁହୁଡ଼ି ଯୋଗୁଁ ସକାଳୁ ଗାଡ଼ି ଚଳାଚଳରେ ବ୍ୟାପକ ବ୍ୟାହତ ସୃଷ୍ଟି ହୋଇଛି। ଏହି ସ୍ଥିତି ଆହୁରି ଦିନେ ଦୁଇ ଦିନ ଜାରି ରହିବା ସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁର ଜିଲ୍ଲାରେ କୁହୁଡ଼ି ▶ପୃଷ୍ଠା-୭

# କାଲିଠୁ ବିଧାନସଭାର ବଜେଟ ଅଧିବେଶନ

### ଆଜି ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ

■ ଭୁବନେଶ୍ୱର, ୧୫।୨ (ସମିସ): ଦିନକ ପରେ ଅର୍ଥାତ ମଙ୍ଗଳବାରଠାରୁ ଆରମ୍ଭ ହେବ ବିଧାନସଭାର ବଜେଟ୍ ଅଧିବେଶନ। ଲମ୍ବା ଅବଧିର କାର୍ଯ୍ୟ ଦିବସକୁ ନେଇ ଆରମ୍ଭ ହେବାକୁ ଥିବା ଏଥର ଅଧିବେଶନ ବେଶ୍ ରୋଚକ ହୋଇପାରେ। କାରଣ, ଆର୍‌ôଥକ ବର୍ଷ ୨୦୨୬-୨୭ ପାଇଁ ବଜେଟ ସହ ଏହି ଅଧିବେଶନରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆସିବାର ସମ୍ଭାବନା ରହିଛି। ୧୭ ତାରିଖରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମ୍ପାଟି ଗୃହକୁ ସମ୍ବୋଧନ କରିବେ। ଏହାପରେ ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆର୍‌ôଥକ ବର୍ଷ ୨୦୨୬-୨୭ ପାଇଁ ବଜେଟ ଉପସ୍ଥାପନ କରିବେ। ବଜେଟ ଅଧିବେଶନ ୨ଟି ପର୍ଯ୍ୟାୟରେ ପ୍ରାୟ ଦେଢ଼ ମାସ ଧରି ଚାଲିବ।

ଗୃହକୁ ସୁରୁଖୁରୁରେ ଚଳାଇବା ପାଇଁ ଆସନ୍ତାକାଲି (ସୋମବାର) ପୂର୍ବାହ୍ଣ ସାଢ଼େ ୧୧ଟାରେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ବସିବା ନେଇ ସ୍ଥିର ହୋଇଛି। ଉକ୍ତ ବୈଠକରେ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସଂଦୀୟ ବ୍ୟାପାର ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀଦଳ ମୁଖ୍ୟସଚେତକ ସରୋଜ କୁମାର ପ୍ରଧାନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଜେପି ବିଧାୟକ ଜୟନାରାୟଣ ମିଶ୍ର ଏବଂ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଉପସ୍ଥିତ ରହିବେ।

ଅନ୍ୟପଟେ ବିଧାନସଭାରେ ଏଥର ଶାସକ ଦଳକୁ ଘେରିବା ପାଇଁ ବିରୋଧୀ ବିଜେଡି ଓ କଂଗ୍ରେସ ମାଳମାଳ ପ୍ରସଙ୍ଗ ସହ ପ୍ରସ୍ତୁତ ହେଉଛନ୍ତି। ସୋମବାର ସନ୍ଧ୍ୟାରେ ଶଙ୍ଖ ଭବନରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ବିଧାୟକ ଦଳ ବୈଠକ ବସିବା ନେଇ ମଧ୍ୟ ସ୍ଥିର ହୋଇଛି। ବୈଠକରେ କେଉଁ ପ୍ରସଙ୍ଗରେ ସରକାରଙ୍କୁ ଦଳ

### ▶▶ ସନ୍ଧ୍ୟାରେ ବିଜେଡି ଓ କଂଗ୍ରେସ ବିଧାୟକ ଦଳ ବୈଠକ

### ▶▶ ସରକାରଙ୍କୁ ଘେରିବାକୁ ମାଳମାଳ ପ୍ରସଙ୍ଗର ତାଲିକା

ଘେରିବ, ସେନେଇ ରଣନୀତି ପ୍ରସ୍ତୁତ ହେବ। ଏଥର ମୁଖ୍ୟତଃ ଧାନ କିଣା ଅବ୍ୟବସ୍ଥାକୁ ନେଇ ସରକାରଙ୍କୁ ବିଜେଡି ଅଡୁଆରେ ପକାଇପାରେ।

ସମାନ ଭାବେ କଂଗ୍ରେସ ଦଳ ମଧ୍ୟ ସନ୍ଧ୍ୟା ୫ ଟାରେ ବିଧାୟକ ଦଳ ବୈଠକ ଆୟୋଜନ ▶ପୃଷ୍ଠା-୭

### ଦିଲ୍ଲୀରେ ନୂଆ ଓଡ଼ିଶା ଭବନ

# ୧୮ ମାସରେ ପଡ଼ିଲାନି ଖଣ୍ଡିଏ ଇଟା

■ ଭୁବନେଶ୍ୱର, ୧୫।୨ (ସମିସ): ନୂଆଦିଲ୍ଲୀସ୍ଥିତ ଚାଣକ୍ୟପୁରୀରେ ଓଡ଼ିଶା ଭବନକୁ ଅସୁରକ୍ଷିତ ଘୋଷଣା କରି ୨୦୨୪ ସେପ୍ଟେମ୍ବର ମାସରେ ଭାଙ୍ଗି ଦିଆଗଲା। ସେହି ସ୍ଥାନରେ ୪୭୬୧ବର୍ଗମିଟର ଅଞ୍ଚଳରେ ୭ ମହଲା ବିଶିଷ୍ଟ ନୂଆ ଅଟ୍ଟାଳିକା ନିର୍ମାଣ କରାଯିବ ବୋଲି କୁହାଗଲା। ନୂଆ ଅଟ୍ଟାଳିକାରେ ମୋଟ ୪୫ ସୁଇଟ୍ ଓ କୋଠରୀ ନିର୍ମାଣ ନିମନ୍ତେ ନକ୍ସା ବି ପ୍ରସ୍ତୁତ ହେଲା। ନୂତନ ଓଡ଼ିଶା ଭବନ ତୁରନ୍ତ ନିର୍ମାଣ ନିମନ୍ତେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଲେ; ମାତ୍ର ଇତିମଧ୍ୟରେ ୧୮ ମାସ ବିତି ଯାଇଥିଲେ ବି ନୂଆ ଭବନ ପାଇଁ ଇଟାଖଣ୍ଡେ ପଡ଼ି ପାରିଲା ନାହିଁ। ପରିଣତିସ୍ୱରୂପ ଦାପ୍ତରିକ କାର୍ଯ୍ୟରେ ଦିଲ୍ଲୀ ଯାଉଥିବା ମନ୍ତ୍ରୀ, ଅଧିକାରୀ, ସରକାରୀ କର୍ମଚାରୀଙ୍କୁ ବିଳାସପୂର୍ଣ୍ଣ ଅଶୋକା ହୋଟେଲ ରହିବା ପାଇଁ ବ୍ୟବସ୍ଥା କରାଯାଉଛି ଏବଂ ଏ ବାବଦରେ ରାଜ୍ୟ ରାଜକୋଷରୁ ପ୍ରତି ମାସରେ ବିପୁଳ ଅର୍ଥ ବ୍ୟୟ ହେଉଛି। ଚାଣକ୍ୟପୁରୀ କୌଟିଲ୍ୟ ମାର୍ଗରେ ଓଡ଼ିଶା ନିବାସ ଓ ସେକ୍ଟର ୧୬ରେ ଓଡ଼ିଶା ସଦନ ନାମରେ ଓଡ଼ିଶା ସରକାରଙ୍କ ଦୁଇଟି ଅତିଥି ଭବନ ଥିବା ସତ୍ତ୍ୱେ ତାରକା ହୋଟେଲରେ ରାଜ୍ୟ ସରକାରୀ ଅଧିକାରୀ, କର୍ମଚାରୀଙ୍କ ରହଣି ବ୍ୟବସ୍ଥା କରାଯିବା ରାଜ୍ୟବାସୀଙ୍କ ପାଇଁ ଅବୋଧ ହୋଇଛି। ଏହି ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ସରକାର ଯାତାୟତ ଖର୍ଚ୍ଚ ବହନ କରୁଛନ୍ତି, ଦିଲ୍ଲୀରେ ଏୟାରପୋର୍ଟରୁ ନେବା ଆଣିବା ସହ ଅନ୍ୟାନ୍ୟ କାର୍ଯ୍ୟ ଓ ବୁଲାବୁଲି ପାଇଁ ଗାଡ଼ି ବ୍ୟବସ୍ଥା ହୋଇଛି। ମାତ୍ର ତାରକା ହୋଟେଲରେ

### ତାରକା ହୋଟେଲକୁ ସରକାର ଭଡ଼ା ଗଣୁଛନ୍ତି କୋଟିକୋଟି ଟଙ୍କା

### ଦୁଇଟି ଅତିଥି ଭବନ ଥିବା ସତ୍ତ୍ୱେ ହୋଟେଲ ରହଣିକୁ ନେଇ ପ୍ରଶ୍ନ

### ତାରକା ହୋଟେଲରେ ଓଡ଼ିଶାକୁ ଲଜ୍ଜିତ କଲେ ଓଡ଼ିଆ ଅଧିକାରୀ

ବାବୁମାନଙ୍କ ରାତ୍ରୀଯାପନର ଆସକ୍ତି ପାଇଁ ରାଜ୍ୟବାସୀଙ୍କ ଟିକସ ଅର୍ଥ ବ୍ୟୟ ହେଉଛି।

ଦିଲ୍ଲୀରେ ଅଶୋକା ହୋଟେଲରେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଆତିଥ୍ୟ ପାଇଁ ରାଜ୍ୟ ସରକାର ଇତିମଧ୍ୟରେ ବିପୁଳ ଅର୍ଥ ବ୍ୟୟ କରି ସାରିଛନ୍ତି। ସାଧାରଣ ଅଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ କୋଠରୀ ନିମନ୍ତେ ସରକାର ଦିନକୁ ଅନ୍ୟୂନ ୧୩ ହଜାରରୁ ୧୫ ହଜାର ଟଙ୍କା ବ୍ୟୟ କରୁଛନ୍ତି। ସଚିବସ୍ତରୀୟ ଅଧିକାରୀଙ୍କ ପାଇଁ ୩୦ ▶ପୃଷ୍ଠା-୭

### ମାଇକ୍ରୋସଫ୍ଟ ସିଇଓଙ୍କ ଚେତାବନୀ

# ବଡ଼ବଡ଼ିଆ ପଦବୀକୁ ଏଆଇ ବିପଦ

■ ୱାଶିଂଟନ୍, ୧୫।୨ (ଏଜେନ୍ସି): ମାଇକ୍ରୋସଫ୍ଟ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ବର୍ଦ୍ଧିତ ପ୍ରଭାବକୁ ନେଇ ଏକ ବଡ଼ ଚେତାବନୀ ଜାରି କରିଛି। ଆଇଟି କ୍ଷେତ୍ରରେ ଏଆଇର ବଢୁଥିବା ପ୍ରଭାବ ଏବଂ ଛଟେଇ ମଧ୍ୟରେ ବଡ଼ ବଡ଼ିଆ ପଦପଦବୀ (ହ୍ୱାଇଟ୍ କଲାର) ଏବେ ବିପଦରେ ବୋଲି ମାଇକ୍ରୋସଫ୍ଟ (ଏମଏସ) ଏଆଇର ସିଇଓ ମୁସ୍ତାଫା ସୁଲେମାନ କହିଛନ୍ତି। ତାଙ୍କ କହିବାନୁଯାୟୀ, ଆଗାମୀ ଦେଢ଼ ବର୍ଷ ମଧ୍ୟରେ ଅଧିକାଂଶ ବଡ଼ ପଦପଦବୀରେ ଏଆଇ ଦ୍ୱାରା କାମ ହେବ। ଅଫିସ୍‌ରେ କାମ କାର୍ଯ୍ୟ ସବୁ ସ୍ୱୟଂଚାଳିତ ହୋଇଯିବ। ଏଆଇର ପ୍ରଭାବ କେବଳ ସଫ୍ଟୱେର ଇଞ୍ଜିନିୟରମାନଙ୍କ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ବରଂ ଓକିଲ, ଆକାଉଣ୍ଟାଣ୍ଟ, ପ୍ରୋଜେକ୍ଟ ମ୍ୟାନେଜର ଏବଂ ମାର୍କେଟିଂ ବୃତ୍ତିଧାରୀଙ୍କ କାମ ଉପରେ ମଧ୍ୟ

### ଦେଢ଼ ବର୍ଷରେ ସବୁ ପଦରେ ସ୍ୱୟଂକ୍ରିୟ ଭାବେ ହେବ କାମ

ରହିବ। ତେଣୁ ଏହି ଦେଢ଼ ବର୍ଷ ମଧ୍ୟରେ ପ୍ରାୟ ସମସ୍ତ କମ୍ପ୍ୟୁଟର-ଆଧାରିତ କାମ ସ୍ୱୟଂଚାଳିତ ହେବ। ଆସନ୍ତା ୨-୩ ବର୍ଷ ମଧ୍ୟରେ ଏଆଇ ଏଜେଣ୍ଟମାନେ ବଡ଼ କମ୍ପାନୀଗୁଡିକର କାର୍ଯ୍ୟକୁ ଭଲ ଭାବରେ ପରିଚାଳନା କରିପାରିବେ। ସୁଲେମାନଙ୍କ ଅନୁଯାୟୀ, ଭବିଷ୍ୟତରେ ଏଆଇ ମଡେଲ ସୃଷ୍ଟି କରିବା ବ୍ଲଗ୍ ଲେଖିବା ପରି ସହଜ ହେବ। ଅନ୍ୟପକ୍ଷରେ, ଏହା ଉପରେ ଭାରତ ସରକାରଙ୍କ ମତ ଭିନ୍ନ। କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲ ଦାବି କରିଛନ୍ତି ଯେ ଏଆଇ ଚାକିରି ଛଡ଼ାଇ ନେବନାହିଁ, ବରଂ ଯୁବକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। ଏଆଇ କାମ କରିବାର ପଦ୍ଧତିରେ ପରିବର୍ତ୍ତନ ଆଣି ନୂତନ ସୁଯୋଗ ସୃଷ୍ଟି କରିବ। ୨୩ ଲକ୍ଷରୁ ଅଧିକ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ ସ୍ନାତକ ଶ୍ରମ ସମ୍ବଳରେ ଯୋଗଦେଉଛନ୍ତି। ଏହି ଆଧୁନିକ ପ୍ରଯୁକ୍ତିବିଦ୍ୟା ଏଆଇ ପ୍ରୟୋଗଗୁଡ଼ିକୁ ପରିଚାଳନା କରିବାକୁ ସକ୍ଷମ।



### ଭିତର ପୃଷ୍ଠାରେ...

ପରଲୋକରେ ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ

# ସ୍ନାତକ ଫଳ ପୂର୍ବରୁ ପିଜି ଆବେଦନ

■ ଭୁବନେଶ୍ୱର, ୧୫।୨(ସମିସ): ସ୍ନାତକ ବା ୟୁଜି ପରୀକ୍ଷାଫଳ ପ୍ରକାଶ ପାଇବା ପୂର୍ବରୁ ସ୍ନାତକୋତ୍ତର ନାମଲେଖା ପାଇଁ ଆବେଦନ ଆରମ୍ଭ ହେବ। ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀମାନେ ମାର୍କ ଅପ୍‌ଡେଟ୍ କରିବେ। ମେ' ପ୍ରଥମ ସପ୍ତାହରେ ସ୍ନାତକୋତ୍ତର ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା ସିପିଇଟି

### ଜୁଲାଇ ୧୦ରୁ ପାଠପଢ଼ା

ଅନୁଷ୍ଠିତ ହେବ। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ସାରି ଜୁଲାଇ ୧୦ ତାରିଖ ସୁଦ୍ଧା ପିଜି ପାଠ୍ୟକ୍ରମ ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ଲକ୍ଷ୍ୟ ରଖିଛି।

ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜୁଲାଇ ୧୦ ରୁ ପିଜି ପାଠପଢ଼ା ଆରମ୍ଭ କରିବାକୁ ଆଗୁଆ ନାମଲେଖା ପ୍ରକ୍ରିୟା କରାଯିବ। ଆସନ୍ତା ଏପ୍ରିଲ ୩୦ ତାରିଖ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ▶ପୃଷ୍ଠା-୭






ସକାଳ
THE SAKALA


## ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି

# ତ୍ରିମୂର୍ତ୍ତି ଶିବଜୟନ୍ତୀ ମହୋତ୍ସବରେ ଉଡ଼ିଲା ଝଣ୍ଡା







କେନ୍ଦୁଝର, ୧୫।୨(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, କେନ୍ଦୁଝର ଶାଖା ତରଫରୁ ଆଜି ୯୦ତମ ପବିତ୍ର ତ୍ରିମୂର୍ତ୍ତି ଶିବଜୟନ୍ତୀ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରାତଃ ୭ରୁ ଏହି କାର୍ଯ୍ୟକ୍ରମ ସାମନ୍ତରାୟପୁରସ୍ଥିତ ସେବାକେନ୍ଦ୍ରରେ ନିରାକାର ପରମାତ୍ମା ଶିବଙ୍କୁ ଭୋଗ ସ୍ୱୀକାର କରାଇ ଶିବଧ୍ୱଜା ଉତ୍ତୋଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ ଯୋଗ ଦେଇଥିଲେ। କେନ୍ଦୁଝର ସେବାକେନ୍ଦ୍ର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ବିନ୍ଦୁ ତଥା ସଂସ୍ଥାର ସମସ୍ତ ଭାଇଭଉଣୀମାନେ ଶିବଧ୍ୱଜା ତଳେ ଶପଥ ପାଠ କରିଥିଲେ। ଏହାପରେ ଡିଏନ୍ ହାଇସ୍କୁଲଠାରୁ ଏକ ଭବ୍ୟ ଶିବ ସନ୍ଦେଶ ଶୋଭାଯାତ୍ରା ବାହାରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଆଟୋପୁର,ପୁରୁଣାବଜାର ବଡଦାଣ୍ଡ ଦେଇ ରାଜବାଟୀ ନିକଟସ୍ଥ ସୁଖଶାନ୍ତି ସରୋବରରେ ପହଞ୍ଚିଥିଲା। ଏହି ଶାନ୍ତି ଶୋଭାଯାତ୍ରାର ମୂଳ ଉଦ୍ଦେଶ୍ୟ ମହାଶିବରାତ୍ରି ପର୍ବର ଯଥାର୍ଥ ରହସ୍ୟ ଜଣେଇବା ସଂଗେ ସଂଗେ ଶିବ ପରମାତ୍ମାଙ୍କ ସତ୍ୟ ପରିଚୟ, ଆତ୍ମିକ ଜାଗରଣ ତଥା ପରମାତ୍ମାଙ୍କ ଦିବ୍ୟ ଅବତରଣର ଶୁଭ ସନ୍ଦେଶ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା। ନୂତନ ପରିସର ସୁଖଶାନ୍ତି ସରୋବରଠାରେ ୫୦୦ରୁ ଉର୍ଦ୍ଧ୍ୱ ଭାଇଭଉଣୀଙ୍କ ଉପସ୍ଥିତିରେ ଶିବରାତ୍ରି ପର୍ବ ପାଳନ କରାଯାଇଥିଲା। ସଭାରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି, ଏସ୍‌ବିଆଇର ମୁଖ୍ୟ ପ୍ରବନ୍ଧକ ସଂଜୟ ସାମଲ, ଡାକ୍ତର ସଂଜୀବ ଓତା, ବୈଦ୍ୟୁତିକ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରଶ୍ମିକାନ୍ତ ବେହେରା, ମୁକୁନା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବ୍ରହ୍ମାକୁମାରୀ ଜୟନ୍ତୀ ଥାଟୋଇ ତଥା ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ପରମାତ୍ମାଙ୍କ ସ୍ତୁତିଚାରଣ କରିଥିଲେ। ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ବିନ୍ଦୁଙ୍କ ତତ୍ତ୍ୱାବଧାନରେ ଶିବଧ୍ୱଜା ଉତ୍ତୋଳନ କରିବା ସଂଗେ ସଂଗେ ଅତିଥିମାନେ ମହାଶିବରାତ୍ରି ଉପଲକ୍ଷେ ଉପସ୍ଥିତ ଜନତାଙ୍କୁ ଶୁଭକାମନା ଜଣାଇଥିଲେ। କେନ୍ଦୁଝର ସେବାକେନ୍ଦ୍ର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ବିନ୍ଦୁ ଜାଗର ମହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏକାଗ୍ରତା ଓ ନିଷ୍ଠାର ସହ ଭଗବାନଙ୍କୁ ସ୍ମରଣ କଲେ ସକଳ କାର୍ଯ୍ୟ ସଫଳ ହୋଇଥାଏ ବୋଲି ସେ କହିବା ସହ ଅନ୍ୟର ମଙ୍ଗଳ କାମନା କରିବାକୁ ପରାମର୍ଶ ଦେଇଥିଲେ। ପ୍ରସାଦ ସେବନ ପରେ ଶିବସନ୍ଦେଶ ପଦଯାତ୍ରା ପୁରୁଣାବଜାରର ପ୍ରତ୍ୟେକ ସାହିରେ ପରିକ୍ରମା କରି ଘରକୁ ଘର ପ୍ରଭୁ ସନ୍ଦେଶ ପ୍ରଚାରପତ୍ର ବଣ୍ଟନ କରିଥିଲେ। ସନ୍ଧ୍ୟା ସମୟରେ ମଧ୍ୟ ବ୍ରହ୍ମାକୁମାର ଭାଇଭଉଣୀମାନେ ସହରର ପ୍ରମୁଖ ଶିବ ମନ୍ଦିରମାନଙ୍କୁ ଯାଇ ପ୍ରଚାରପତ୍ର ବଣ୍ଟନ ପୂର୍ବକ ଶିବ ସନ୍ଦେଶ ଦେବା ସହ ଜନସାଧାରଣଙ୍କୁ ଆଧ୍ୟାତ୍ମିକ ଜାଗରଣ ପ୍ରତି ଉତ୍ସାହିତ କରିଥିଲେ। ବ୍ରହ୍ମାକୁମାରୀ ପ୍ରତିଭା, ମିନତୀ, ପ୍ରିୟଙ୍କା, ହୈମବତୀ, ବିନତା, ରୁନୁ, ସ୍ୱାତୀ, ସୁନୀତା ଏବଂ ସଦସ୍ୟ ବ୍ରହ୍ମାକୁମାର କୁଳମଣି, କୃତ୍ତିବାସ, ସତ୍ୟ, ଲୋକନାଥ, ଅନୁପ, ଅକ୍ଷୟ, ଝରିଲାଲ, ରାଜ ପ୍ରମୁଖ ସହଯୋଗ କରିଥିଲେ।

**ହାଟଡ଼ିହୀ:** ପବିତ୍ର ମହାଶିବରାତ୍ରି ଉପଲକ୍ଷେ ପ୍ରତ୍ୟେକଟି ଶୈବପୀଠରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଏହି ପରିପ୍ରେକ୍ଷୀରେ ହାଟଡ଼ିହୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ବିରାଜମାନ କରିଥିବା ମହାଦେବ ଶିବଶମ୍ଭୁଙ୍କ ପୂଜା ଖୁବ୍ ଧୁମଧାମରେ ପାଳନ ଚାଲିଛି। ହାଟଡ଼ିହୀ ଗ୍ରାମର ସର୍ବପୁରାତନ ତଥା ପାତାଳି ମହାଦେବଙ୍କଠାରେ ଭୋର ସମୟରୁ ପୂଜା ଆରମ୍ଭ ହୋଇଛି। ଆଜି ସକାଳୁ ରାତ୍ର ଯାଏଁ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ହଟକେଶ୍ୱର ଶୈବ ମନ୍ଦିରର ଚତୁଃପାର୍ଶ୍ୱ ଶିବ ଭକ୍ତି ଓ ରସରେ ଜମିଥିଲା। ରାତ୍ର ୧୧ଟା ପରେ ଉଠିଥିଲା ମହାଦୀପ। ଏହିପରି ସଡ଼ାସ୍ଥିତ ବାବା ବୈଦ୍ୟନାଥଙ୍କ ପୀଠରେ ୩୦ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ପବିତ୍ର ଜାଗରରେ ଅଞ୍ଚଳ ତଥା ଅଞ୍ଚଳ ବାହାରର ଆବାଳବୃଦ୍ଧବନିତା ବୈଦ୍ୟନାଥଙ୍କ ଦିବ୍ୟ ଦର୍ଶନ କରିଥିଲେ। ପ୍ରାୟ ୫ ଶହ ବର୍ଷ ହେବ ହାବଳେଶ୍ୱର ଗାଁରେ ପୂଜା ପାଇଆସୁଛନ୍ତି। ଭୋରରୁ ବୈତରଣୀ ନଦୀରେ ସ୍ନାନ ସାରି ହାବଳେଶ୍ୱର ମହେଶ ବିଜେଙ୍କ ଦର୍ଶନ କରିଛନ୍ତି ଶ୍ରଦ୍ଧାଳୁ। ସନ୍ଧ୍ୟା ସମୟରୁ ମନ୍ଦିର ପ୍ରାଙ୍ଗଣରେ ଭକ୍ତମାନେ ଜାଗର ଦୀପ ଜାଳିଥିଲେ।

### ବଟେଶ୍ୱରରେ ଟଳିଲା ଅଘଟଣ

ଛେନାପଦି ଶୈବପୀଠରେ ମଧ୍ୟ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖାଯାଇଥିଲା। ବଞ୍ଚୋ ବଟେଶ୍ୱର ମନ୍ଦିରରେ ଦୀପ ଜଳୁଥିବା ବେଳେ ଅଳ୍ପକେ ଏକ ବିରାଟ ଅଘଟଣ ଟଳିଯାଇଛି। ଜଣେ ମହିଳା ଭକ୍ତଙ୍କ ଶାଢ଼ିରେ ଅଗ୍ନି ଲାଗିଯାଇଥିଲା। ତୁରନ୍ତ ତାଙ୍କୁ ମେଡିକାଲ ନେଇ ଚିକିତ୍ସା କରାଇବା ପରେ ସେ ଏବେ ସୁସ୍ଥ ଅଛନ୍ତି। ଶାଳଣିଆଁ, ସମଣା, ଆମ୍ରୋ, ପଞ୍ଚୁଗୋଛିଆ, ମରେଇଗାଁ, ଜମ୍ବରା, ହଦଗଡ଼, ବାଲିବରେଇ, ପଡ଼ିଆରିପଲ୍ଲୀ, ମହୁଲପଙ୍ଖା, ଜମ୍ପିରା, ଓରାଳି, ଅଁରା, ଜାମିତୀରା, କଳିଗାଁ, ଇଞ୍ଚୋଳ, ଟୁକୁଣା, ରମ୍ଭାସ ଆଦି, ଗୁହାଳଗଡିଆ ଆଦି ଗ୍ରାମରେ ପାଳନ ହୋଇଛି ମହାଶିବରାତ୍ରି।

**ଚମ୍ପୁଆ:** ମହାଦେବଙ୍କ ଆରାଧନା ପର୍ବ ଜାଗର ବା ମହାଶିବରାତ୍ରି ଚମ୍ପୁଆ ଅଞ୍ଚଳର ସମସ୍ତ ଶୈବପୀଠରେ ପାଳିତ ହୋଇଯାଇଛି। ଭୋର ୩ଟାଠାରୁ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ବିଶେଷ ଭାବରେ ଚମ୍ପୁଆ ସଦର ମହକୁମାର ବାବା ଚନ୍ଦ୍ରଶେଖର ମହାଦେବ ମନ୍ଦିର, ମୁଖ୍ୟାଳୟରେ ଥିବା ରାମେଶ୍ୱର ମନ୍ଦିର, ଗୋଧୂଳି ବିଶ୍ୱରୂପାୟ ମହାଦେବ ମନ୍ଦିର, ମହେଶ୍ୱରପୁର ଝାଡେଶ୍ୱର ମହାଦେବ ମନ୍ଦିର ସମେତ ସମସ୍ତ ଶୈବପିଠରେ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବ୍ରାହ୍ମଣମାନଙ୍କ ଦ୍ୱାରା ମନ୍ତ୍ର ମନ୍ଦିର ପରିବେଶକୁ ଶିବମୟ କରି ତୋଳିଥିଲା। ସନ୍ଧ୍ୟାରେ ଶ୍ରଦ୍ଧାଳୁ ଦୀପ ଧାରୀମାନେ ଶୈବପିଠରେ ମାନସିକ ଦୀପ ଜାଳିଥିଲେ। ଜାଗର ତଥା ମନ୍ଦିର କମିଟି ପକ୍ଷରୁ ଚମ୍ପୁଆ ଓ ଗୋଧୂଳିଠାରେ ମେଳା ଓ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ନିର୍ଘଣ୍ଟ ସମୟ ଅନୁସାରେ ମହାଦୀପ ଉଠାଯାଇଥିବା ବେଳେ ଚମ୍ପୁଆ ଚନ୍ଦ୍ରଶେଖର ମହାଦେବ ମନ୍ଦିର ଦେବୋତ୍ତର ଅଧୀନରେ ଯାଉଥିବାରୁ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏହି ମହାପର୍ବ ସମାପନ ହୋଇଛି। ଚନ୍ଦ୍ରଶେଖର ମହାଦେବ ମନ୍ଦିରର ପୂଜକ ଅନିଲ ମିଶ୍ର ଓ ଦିଲ୍ଲୀପ ନନ୍ଦ ପୂଜାର୍ଚ୍ଚନା କରିଥିଲେ।

**ତୁରୁମୁଙ୍ଗା:** ପାଟଣା ମୁଖ୍ୟାଳୟ ପ୍ରାଚୀନ ଆନନ୍ଦେଶ୍ୱର ମନ୍ଦିରର ଜାଗରମହୋତ୍ସବ୍ ପାଇଁ ଉତ୍ସବ ମୁଖର ହୋଇ ଉଠିଛି। ପ୍ରବଳ ଭକ୍ତଙ୍କ ସମାଗମ ହୋଇଛି। ଶୃଙ୍ଖଳିତ ଦେବ ଦର୍ଶନ ପାଇଁ ପାଟଣା ପୁଲିସ୍, ପାଟଣା ମହାବିଦ୍ୟାଳୟ ଏନସିସି ଓ ଏନଏସଏସ ଛାତ୍ରଛାତ୍ରୀ, ବାଳିକା ଉଚ୍ଚବିଦ୍ୟାଳୟ ଏବଂ ଜିଏନ ହାଇସ୍କୁଲର ସ୍କାଉଟ ଛାତ୍ରଛାତ୍ରୀଙ୍କ ସହ ଡ୍ରାଇଭ୍ ମହାସଂଘ ସଦସ୍ୟ, ଦାରୁବ୍ରହ୍ମ ପ୍ରତିଷ୍ଠା ସଂସ୍ଥାନ ମଲ୍ଲୀପଶି ସାମିଲ ଥିଲେ। ମୁଖ୍ୟ ପୂଜକ ପର୍ଶୁରାମ ପଣ୍ଡା, ନବକିଶୋର ଦାଶ, କିଶୋର ଦ୍ୱିବେଦୀ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର କମିଟିର ସଭାପତି ଅଜୟ ଦାଶ, ସମ୍ପାଦକ ସନାତନ ଦାଶ, ଉପସଭାପତି ଯୁଗୋଳକିଶୋର ଦାଶ ଅରୁଣ ମିଶ୍ର, ନାରାୟଣ ବାରିକ, ଅଜୟ ବେହେରା, ଶିବନାରାୟଣ ମିଶ୍ର, କମଳାକାନ୍ତ ପତି, ସହଦେବ ବେହେରା, ଲକ୍ଷ୍ମଣ ପତିଙ୍କ ତତ୍ତ୍ୱାବଧାରେ ପୂଜାର୍ଚ୍ଚନା ଚାଲିଛି। ଶୁକ୍ରବାର ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଫେବୃଆରୀ ୨୧ରୁ ୨୪ ପର୍ଯ୍ୟନ୍ତ ସିଂହ ବାହିନୀ ଅପେରା ମଞ୍ଚସ୍ଥ ହେବ। ସେହିଭଳି ତୁରୁମୁଙ୍ଗା ଗିରିଜା ଶଙ୍କର ମନ୍ଦିରରେ କର୍ତ୍ତା ଭାବେ ଗୌତମ ସାହୁ ଓ ତାଙ୍କ ପତ୍ନୀ ମଞ୍ଜୁରାଣୀ ସାହୁ ସଂକଳ୍ପ କରିଥିଲେ। ମନ୍ଦିର ପୂଜକ ଅରୁଣ ମିଶ୍ର, ଶରତ ତ୍ରିପାଠୀ ଦେବନୀତି ସମ୍ପାଦନ କରିଥିବା ବେଳେ ସେବାୟତ ମଙ୍ଗୁଲୁ ନାଏକ ସହାୟତା କରିଥିଲେ। ପାଟଣା ଆନନ୍ଦେଶ୍ୱର ମନ୍ଦିରରେ ରାତ୍ରୀ ୧୧, ସ୍ୱାମ ଶାସନରେ ରାତ୍ରୀ ୯.୩୦ ଏବଂ ଗିରିଜା ଶଙ୍କରରେ ୧୦ଟା ୧୫ ମିନିଟ୍ ପରେ ମହାଦୀପ ଉଠିବ ବୋଲି କମିଟି ସଦସ୍ୟମାନେ କହିଛନ୍ତି।

---

## କମଳିନୀ କେନ୍ଦୁଝର ଜିଲ୍ଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ, ସାବିତ୍ରୀ କାର୍ଯ୍ୟକାରୀ ସଭାନେତ୍ରୀ

**● ରାଜ୍ୟ କମିଟିରେ ଜିଲ୍ଲାରୁ ୪ ଉପସଭାନେତ୍ରୀ, ୭ ସମ୍ପାଦିକା ମନୋନୀତ**





କେନ୍ଦୁଝର/ହାଟଡିହୀ, ୧୫।୨(ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କେନ୍ଦୁଝର ଜିଲ୍ଲା ସମେତ ଅନ୍ୟାନ୍ୟ ଜିଲ୍ଲାର ମହିଳା ଶାଖାର ମୁଖ୍ୟମାନଙ୍କ ନାମ ଘୋଷଣା କରିଛନ୍ତି। କେନ୍ଦୁଝର ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷା କମଳିନୀ ପାତ୍ର ଜିଲ୍ଲା ସଭାନେତ୍ରୀ ଭାବେ ମନୋନୀତ ହୋଇଥିବା ବେଳେ ହାଟଡିହି ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ନିଯୁକ୍ତି ପାଇଛନ୍ତି। କେନ୍ଦୁଝରଗଡ଼ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷା ମୀନା ମାଝୀ, ଜିଲ୍ଲା ପରିଷଦ ସଦସ୍ୟା ତଥା ପୂର୍ବତନ ଜିଲ୍ଲା ମହିଳା ସଭାନେତ୍ରୀ ଓ ଚମ୍ପୁଆ ବ୍ଲକର ପୂର୍ବତନ ଅଧ୍ୟକ୍ଷା ରମଣୀ ନାଏକ, ମହିଳା କମିସନର ପୂର୍ବତନ ସଦସ୍ୟା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଛୋଟରାୟ ମାଝୀଙ୍କ ବୋହୂ ବାସନ୍ତୀ ମାଝୀ, ତେଲକୋଇ ବ୍ଲକର ପୂର୍ବତନ ଅଧ୍ୟକ୍ଷା ସତ୍ୟଭାମା ସିଂ ରାଜ୍ୟ କମିଟିରେ ଉପସଭାନେତ୍ରୀ ପଦ ପାଇଥିବା ବେଳେ ଯୋଡ଼ା ପୌରପାଳିକାର ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର, ୨୩ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ୧୦ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ମଧୁସ୍ମିତା ଦାସ, ୭ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ଯାଜ୍ଞସେନୀ ମହାନ୍ତ, ମଞ୍ଜୁଲତା ଓରାମ, ବୀଣାପାଣି ଦାସ ଓ ବଡ଼ବିଲ ପୌରପାଳିକାର ଉପାଧ୍ୟକ୍ଷା ସରସ୍ୱତୀ ନାଏକ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି ବୋଲି ଜିଲ୍ଲା ବିଜୁ ଜନତା ଦଳ ସଭାପତି ଆଶିଷ ଚକ୍ରବର୍ତ୍ତୀ ପ୍ରକାଶ କରିଛନ୍ତି। ସମସ୍ତ କର୍ମକର୍ତ୍ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ପୂର୍ବରୁ ସାବିତ୍ରୀ ସେଠୀ, ସରପଞ୍ଚ, ସମିତିସଭ୍ୟା ଏବଂ ବ୍ଲକ୍ ଅଧ୍ୟକ୍ଷା ସହ ମହିଳା ସଭାନେତ୍ରୀ ଭାବେ ଦାୟିତ୍ୱ ସମ୍ପନ୍ନ କରିଥିବା ବେଳେ ଏନେଇ ସେ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## କଣ୍ଟାବଣିଆ ଗାଁ ବଇଦଙ୍କ ପରଲୋକ

ଆନନ୍ଦପୁର, ୧୫।୨ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଗଡ଼ବାନ୍ଧଗୋଡ଼ା ପଞ୍ଚାୟତର କଣ୍ଟାବଣିଆ ଗ୍ରାମ ନିବାସୀ ଅନାମ ଚରଣ ଜେନା (୮୦)ଙ୍କ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥାଇ ଘରୋଇ ଭାବେ ଚିକିତ୍ସିତ ହେଉଥିଲେ। ବନବିଭାଗରେ ଚାକିରି କରି ଅବସର ଗ୍ରହଣ କରିବା ପରେ ସେବାମୂଳକ କାର୍ଯ୍ୟରେ ସମର୍ପିତ ଥିଲେ। ଜିଲ୍ଲା ଏବଂ ଜିଲ୍ଲା ବାହାରେ ମଧ୍ୟ ଚେରମୂଳିକା ଔଷଧ ପ୍ରସ୍ତୁତ କରି ଲୋକଙ୍କୁ ଉପଶମ କରି ବେଶ୍ ପରିଚିତ ଥିଲେ। ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ରହି ସାମାଜିକ ଶିକ୍ଷା ଦେଉଥିଲେ। ତାଙ୍କ ବଡ଼ ପୁଅ ସଞ୍ଜୟ ମୁଖାଗ୍ନି ଦେଇଥିଲେ।



## ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ

**● ନୟାଗଡ଼ ଉଚ୍ଚବିଦ୍ୟାଳୟ**

କେନ୍ଦୁଝର,୧୫।୨(ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନୟାଗଡ଼ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଗିରିଶଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ କେ.ସି ପ୍ରଧାନ, ମୁଖ୍ୟବକ୍ତା ଝୁମ୍ପୁରା ପଞ୍ଚାୟତ ସମିତିର ଅଧ୍ୟକ୍ଷା ମାଳତୀ ନାଏକ, ସ୍ୱତନ୍ତ୍ର ଅତିଥି ନୟାଗଡ ଗ୍ରାମର ସମାଜସେବୀ ବାବୁରାମ ନାଏକ, ସମ୍ମାନିତ ଅତିଥି ବାମେବାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ନରେନ୍ଦ୍ର ପୂଜାରୀ, ବସନ୍ତପୁର ସାଧନକେନ୍ଦ୍ର ସଂଯୋଜକ ହେମନ୍ତ ମାଝୀ, ବସନ୍ତପୁର ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସଚନ୍ଦ୍ର ମୁଦୁଲି, ପୁରୁଣାପାଣି ପରିଚାଳନା କମିଟିର ସଭାପତି ଶିଲା ନାଏକ, ପଞ୍ଚସଖା ଶିକ୍ଷାସେତୁର ସମ୍ପାଦକ ରମେଶଚନ୍ଦ୍ର ନାଏକ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଏବଂ ବିଦ୍ୟାଳୟରେ ଆୟୋଜିତ ଅନ୍ୟାନ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ କିଶୋରଚନ୍ଦ୍ର ମାଝୀ ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।



**● ଭଣ୍ଡାରିଡିହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର**

ଆନନ୍ଦପୁର: ଘସିପୁରା ବ୍ଲକ ଅନ୍ତର୍ଗତ ଭଣ୍ଡାରିଡିହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଊନବିଂଶତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟର ସମ୍ପାଦକ ବିପିନ ବିହାରୀ ରାଉତଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଫାଟକ ନିକଟରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ପାରମ୍ପରିକ ବାଦ୍ୟ ସହ ନିମନ୍ତ୍ରିତ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସାଂସଦ ଅନନ୍ତ ନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଯୋଗାଣ ଆଧିକାରୀ ତଥା ସମାଜସେବୀ ଯୁଧିଷ୍ଠିର ନାୟକ, ସଭାପତି ପ୍ରବାସ ନନ୍ଦନ ରାଉତ, ବିଜେପି ଜିଲ୍ଲା ସମ୍ପାଦକ ଏବଂ ବ୍ରାହ୍ମଣୀପାଳ ଜୟବଜରଙ୍ଗ ବଲୀ ଟ୍ରକ ମାଲିକ ସଂଘ ସଭାପତି ଙ୍କ ଦୀପକ ଜେନା, ଭଣ୍ଡାରିଡିହା ଗ୍ରାମପଞ୍ଚାୟତ ସମିତିସଭ୍ୟା ଶୁଭାସିନୀ ପ୍ରିୟଦର୍ଶିନୀ ରାଉତ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟା ସୁଲୋଚନା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା ତଥା ପୂର୍ବତନ ପ୍ରଧାନଆଚାର୍ଯ୍ୟା ହରପ୍ରିୟା ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷକ ରଞ୍ଜନ ରାଉତ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରଛାତ୍ରୀ, ବିଗତ ବର୍ଷ ବାର୍ଷିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ, କ୍ରୀଡ଼ା ପ୍ରତିଯୋଗିତାର ବିଜେତା ଓ ଚାମ୍ପିଅନ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁମନ୍ଦିରର ଗୁରୁଜୀ ଗୁରୁମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା। ଶିଶୁମନ୍ଦିରର ଗୁରୁମା ଆରତୀ ପାଇକରାୟ, ରଶ୍ମିରାଣୀ ରାଉତ, ସ୍ନେହଲତା ବେହେରା, ପ୍ରଜ୍ଞାସିନୀ ରାଉତ, ବନଲତା ଜେନା, ବର୍ଷା ବେଜ, ସୁସ୍ମିତା ଦାସ, ଅନିତା ଜେନା, ଅକ୍ଷୟ ବୋଇତେଇ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସକ୍ରିୟ ସଭ୍ୟ ପ୍ରଭାତ ପୁହାଣ, ପ୍ରକାଶଚନ୍ଦ୍ର ପୁହାଣ, ପ୍ରସନ୍ନ ପୁହାଣ, ପ୍ରଦୀପ ରଣା ସହଯୋଗ କରିଥିଲେ। ଶିଶୁ ମନ୍ଦିର ଉପଦେଷ୍ଟାମଣ୍ଡଳୀର ରଞ୍ଜନ ରାଉତ ଧନ୍ୟବାଦ ଦେଇଥିଲେ।



## ରାଇସୁଆଁରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର



ତେଲକୋଇ, ୧୫।୨(ସମିସ): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ କେନ୍ଦୁପତ୍ର ସଂସ୍ଥା ତଥା ଏସବିଆଇ ଫାଉଣ୍ଡେସନ ଏବଂ କିଓ୍ୱର ବେ'ର ମିଳିତ ପ୍ରୟାସରେ କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡ ଅଧୀନ ଆକୁଳ ପତ୍ରଫଡ଼ି ବନାଞ୍ଚଳର ଉପାନ୍ତ ରାଇସୁଆଁ ପଞ୍ଚାୟତ ରାଣିବେଡା (ନୂଆସାହି) ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନାଞ୍ଚଳ ଅଧିକାରୀ ଡିଲେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ମେଗା ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡର ଏସିଏଫ ସ୍ୱାଗତିକା ସାହୁ, ସମ୍ମାନିତଅତିଥି ଭାବେ ରାଇସୁଆଁ ସରପଞ୍ଚ ବାଗୁନ ଚମ୍ପିଆ, ସମିତିସଭ୍ୟ ଅଶୋକ ନାଏକ ଶିବିରକୁ ଉଦଘାଟନ କରିଥିଲେ। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟର ଡାକ୍ତର ଦେବବ୍ରତ ଉପାଧ୍ୟାୟ ଓ ଡ଼ାକ୍ତର ମନମୋହନ ବେହେରା ରାଣୀବେଡ଼ା, ନୂଆସାହି, ଝାଟକିପଶି, କୁଳଙ୍ଗ, ରାଇସୁଆଁ, କୁଡବିଲ ଆଦି ଗ୍ରାମର ୨୩୦ଜଣ ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଫରେଷ୍ଟର ସୁଧାଂଶୁ ଶେଖର ସେଠୀ ରାଜେଶ ଚକ୍ର, ସୁନୀଲ ବେହେରା, ରାମଚନ୍ଦ୍ର ବେହେରା, ଫରେଷ୍ଟଗାର୍ଡ ଗ୍ରିଧାରୀ ମିଶ୍ର, ବଳରାମ ମାଝୀ ସହଯୋଗ କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ଆନନ୍ଦପୁର, ୧୫।୨ (ସମିସ): ଆନନ୍ଦପୁର ପୌରାଞ୍ଚଳର ଖପରାଖୋଇ ନିକଟସ୍ଥ ଜନାର୍ଦ୍ଦନପୁର ନିବାସୀ ଦିଗାମ୍ବର ମହାପାତ୍ରଙ୍କ ଧର୍ମପତ୍ନୀ ପାର୍ବତୀ ମହାପାତ୍ର (୯୦)ଙ୍କ ରବିବାର ସକାଳେ ପରଲୋକ ହୋଇଯାଇଛି। ସେ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ନିଜ ନାତିଙ୍କ ସହିତ ଥଟା ମଜା ହେଉଥିବା ବେଳେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶେଷ ଦର୍ଶନ କରିଥିଲେ। ସେ ଜଣେ ଧର୍ମପ୍ରାଣା ମହିଳା ଥିଲେ।

## ଆଞ୍ଚଳିକ କ୍ରୀଡ଼ା

# ପୁଲଓ୍ୱାମା ସହିଦ ସ୍ମାରକୀ କ୍ରିକେଟ: ଘୋଷଦା ଚାମ୍ପିଅନ



କେନ୍ଦୁଝର, ୧୫।୨(ସମିସ): କେନ୍ଦୁଝର ସଦର ବ୍ଲକ ମହାଦେଇଯୋଡ଼ା ରିଡର୍ସ ବ୍ଲକ ଆନୁକୂଲ୍ୟରେ ଲକ୍ଷ୍ମୀପଡିଆଠାରେ ଚାଲିଥିବା ଷଷ୍ଠ ବାର୍ଷିକ ପୁଲଓ୍ୱାମା ସହିଦ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ୧୬ଟି ଦଳ ଅଂଶଗ୍ରହଣ କରିଥିବା ଏହି ପ୍ରତିଯୋଗିତାର ଫାଇନାଲରେ ଖୁଣ୍ଟାପଡାକୁ ୩ ୱିକେଟ୍‌ରେ ହରାଇ ଘୋଷଦା ଚାମ୍ପିଅନ ହୋଇଛି। ଅମ୍ପାୟାର ଚିତ୍ରସେନ ସାହୁ, ତପନ ଖୁଣ୍ଟିଆ ଖେଳ ପରିଚାଳନା କରିଥିଲେ। ଦେବବ୍ରତ ମହାନ୍ତ ଓ ଶାନ୍ତନୁ ବାରିକ ଧାରା ବିବରଣୀ ପ୍ରଦାନ ଦେଇଥିଲେ। ବାଦଲ ମହାନ୍ତ, ରୋହିତ ମହାନ୍ତ, ପରେଶ ମହାନ୍ତ ସ୍କୋରର ଥିଲେ। ମୁଖ୍ୟଅତିଥି ଭାବେ ତେଲକୋଇ ବିଧାୟକ ଡା ଫକିର ମୋହନ ନାଏକ, ମୁଖ୍ୟବକ୍ତା ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ସମ୍ମାନିତ ଅତିଥି କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଯୁବମୋର୍ଚ୍ଚା ଉପସଭାପତି ଆନିଦ୍ୟ ବେହେରା, ସିଟିଜି ଶିକ୍ଷାନୁଷ୍ଠାନର ମୁଖ୍ୟ ରାଜେନ୍ଦ୍ର ପଲେଇ, ସାମ୍ବାଦିକ ସୁବ୍ରତ ସ୍ୱାଇଁ, ସଦର ବ୍ଲକ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଧନୁର୍ଜୟ ମହାନ୍ତ, ଦିଲ୍ଲୀପ ପଣ୍ଡା, ରାଇସୁଆଁ ମଣ୍ଡଳ ସଭାପତି ସମିର ସାହୁ, ସମାଜସେବୀ ରବିନ୍ଦ୍ର ପୈଁଜି, ସଞ୍ଜୀବ ସାହୁ, ସରପଞ୍ଚ ରମେଶ ମୁଣ୍ଡା, ବିଜେପି ଉପସଭପତି ବିବେକାନନ୍ଦ ମହାନ୍ତ, ବିଜେପି ସାଧାରଣ ସମ୍ପାଦକ ବିଶ୍ୱଜିତ ତ୍ରିପାଠୀ, ସିଦ୍ଧିରିଦ୍ଧି ସମାଜସେବୀ ପ୍ରଶାନ୍ତ ସାହୁ ପ୍ରମୁଖ ଚାମ୍ପିଅନ ଦଳକୁ ୪୦ ହଜାର ସହ ଟ୍ରଫି ଏବଂ ରନର୍ସ ଦଳକୁ ୩୦ ହଜାର ସହ ଟ୍ରଫି ପ୍ରଦାନ କରିଥିଲେ। ମହାଦେଇଯୋଡା ରିଡର୍ସ ବ୍ଲକ ସଭାପତି ବୁବୁ ସାହୁ, ସମ୍ପାଦକ ସୁରେଶ ମହାକୁଡ, ସଦସ୍ୟ ଚିନ୍ମୟ ସାହୁ, ମାନସ ମହାରଣା, ଦେବବ୍ରତ କାର୍ଜି, ସୁବାସ ନାଏକ, ପପୁ ସାହୁ, ଚନ୍ଦନ ସେଠୀ, ଶିବାନି ଶଙ୍କର ପାତ୍ର, ପ୍ରମୋଦ କାର୍ଜି, ପ୍ରଦୀପ କାର୍ଜି, ଶିବାନୀ ଶଙ୍କର ମିଶ୍ର, ବାପୁନ ନାଏକ, ସିପୁନ ନାଏକ, ମିଥୁନ ମହାକୁଡ ସହଯୋଗ କରିଥିଲେ। ବହୁସଂଖ୍ୟାରେ ଦର୍ଶକ ଏହି ଖେଳକୁ ଉପଭୋଗ କରିଥିଲେ।

## ମା' ଠାକୁରାଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କେନ୍ଦୁଝର,୧୫।୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କାଦଗଡ଼ ଗ୍ରାମର ମା' ଠାକୁରାଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ଆଶୀର୍ବାଦ ନାଏକ, ସମ୍ମାନିତ ଅତିଥି ୱାର୍ଡମେମ୍ବର ଯଦୁମଣି ଦେହୁରୀ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ବାଉରୀପଦା ଏବଂ ମହାଦେଇଯୋଡା ମଧ୍ୟରେ ଖେଳାଯାଇଥିଲା। ମହାଦେଇଯୋଡା ନିର୍ଦ୍ଧାରିତ ୧୦ ଓଭରରେ ୪ୱିକେଟ ହରାଇ ୧୨୪ ରନ୍ କରିଥିଲା। ବାଉରୀପଦା ୧୦ ଓଭରରେ ୪ୱିକେଟ ହରାଇ ୧୧୧ ରନ୍ କରିବାରେ ସକ୍ଷମ ହୋଇଥିଲା। ଅମ୍ପାୟାର ବୁଦ୍ଧଦେବ ଦେହୁରୀ ଓ ଦିଲ୍ଲେଶ୍ୱର ଦେହୁରୀ ଖେଳ ପରିଚାଳନା କରିଥିଲା। ଆରଜେ ମଣ୍ଟୁ ଧାରା ବିବରଣୀ ପ୍ରଦାନ କରିଥିଲେ। ନିରୋଜ ଅମାନ୍ତ ଓ ତାପସରଞ୍ଜନ ଦେହୁରୀ ସ୍କୋରର ଥିଲେ। କାଦଗଡ ମା' ଠାକୁରାଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ କ୍ଲବ ସଭାପତି ହେମାନନ୍ଦ ଦେହୁରୀ, ସମ୍ପାଦକ କିଶୋରଚନ୍ଦ୍ର ଅମାନ୍ତ, ସଦସ୍ୟ ମକରଧ୍ୱଜ ଦେହୁରୀ, ଗୋଲକ ବିହାରୀ ଦେହୁରୀ, ହରେକୃଷ୍ଣ ଦେହୁରୀ, ଗୋପବନ୍ଧୁ ଦେହୁରୀ, ମାନସ ରଞ୍ଜନ ଦେହୁରୀ, କେଦାର ଦେହୁରୀ, ବୁଦ୍ଧଦେବ ମହାକୁଡ, ନିରଞ୍ଜନ ଦେହୁରୀ, ଟୁକୁ ଦେହୁରୀ, ଗୋଲକ ବିହାରୀ ଅମାନ୍ତ, ବିଭୁତି ଭୂଷଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

**● କୁଶ ପଟ୍ଟନାୟକ ସ୍ମାରକୀ ଫୁଟ୍‌ବଲ**

## ଫାଇନାଲ ମୁକାବିଲା ଆଜି

ଆନନ୍ଦପୁର, ୧୫।୨ (ସମିସ): ଆନନ୍ଦପୁର ଷ୍ଟାଡିଅମ ପଡିଆଠାରେ ଚାଲିଥିବା ଷଷ୍ଠ କୁଶରଞ୍ଜନ ପଟ୍ଟନାୟକ ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ମିଶନ ଟାଇଗର ବାଲେଶ୍ୱର, ଜଗା ୟୁନାଇଟେଡ ଭୁବନେଶ୍ୱରକୁ ୨-୧ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ନବରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ଧନେଶ୍ୱର ସର୍ଦ୍ଦାର, ଆଲୋକ ଦେହୁରୀ, ଚନ୍ଦନ ସାହୁ, ଅୟସକାନ୍ତ ସ୍ୱାଇଁ ପ୍ରମୁଖ ରେଫରୀ ଦାୟିତ୍ୱ ତୁଲାଇଥିଲେ। ଚତୁର୍ଥ ରେଫରୀ ଭାବେ ଆୟୁଷକାନ୍ତି ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ଏହି ମ୍ୟାଚରେ ବିନୋଦ ମିଶ୍ର ଗଗନ ସିଂହ ଅକ୍ଷୟ ମହାନ୍ତି ରମେଶ ସିଂହ ଅଶୋକ ରାଉଳ ଅଜୟ ସେଠୀ ସନ୍ତୋଷ ଜେନା ମନୋରଞ୍ଜନ ସିଂହ ଦେବେନ୍ଦ୍ର ମିଶ୍ର ଅନିମେଷ ମିଶ୍ର ଆଦିକନ୍ଦ ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ। ସୋମବାର ଫାଇନାଲ ମ୍ୟାଚ ଅପରାହ୍ଣ ୩ଟାରେ ଅନୁଷ୍ଠିତ ହେବ।

# ହର ହର ମହାଦେବ ଧ୍ୱନିରେ ପ୍ରକମ୍ପିତ ଶୈବକ୍ଷେତ୍ର





ବାଲେଶ୍ୱର, ୧୫ ।୨(ସମିସ)

ବାଲେଶ୍ୱର ପୁରପଲ୍ଲୀରେ ମହାଶିବରାତ୍ରୀ ପାଳନ କରାଯାଇଛି । ସକାଳୁସକାଳୁଶ୍ରଦ୍ଧାଳୁମାନେମହାଦେବଙ୍କୁଦର୍ଶନକରିପୂଜାର୍ଚ୍ଚନା

ହୋଇଥିବା ବେଳେ ଭୋର ୪ ଟା ୧୫ ରୁ ମହାଦୀପ ଉଠିଥିଲା । ସେହିପରି ଏସିଆର ସର୍ବ ବୃହତ ଶିବଲିଙ୍ଗ ସୁବର୍ଣ୍ଣରେଖା ମୁହାଣରେ ଥିବା ବାବା ଭୂଷଣ୍ଡେଶ୍ୱରଙ୍କ ପୀଠରେ ୧ଲକ୍ଷ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ମହା ସମାରୋହରେ ସମାପନ ହୋଇଛି ।

ସୁରୁଖୁରୁରେ ଅନୁଷ୍ଠିତ ହୋଇଛି । ଏଥିପାଇଁ ଶୈବ ପୀଠ ଗୁଡିକରେ ଭକ୍ତ ମାନଙ୍କ ପ୍ରବଳ ଗହଳି ପରି ଲକ୍ଷିତ ହୋଇଛି । ପ୍ରାଚୀନ ଶୈବ ପୀଠ ଲଙ୍ଗଳେଶ୍ୱର, ଜଗଡେଶ୍ୱର, ଚାନ୍ଦେଶ୍ୱର, ନିଖିରେଶ୍ୱର ଆଦି ପୀଠରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ବୈଦ୍ୟୁତିକ ଆଲୋକ

ସାମ୍ପ୍ରଦାୟିକ ଶିବ ଚତୁର୍ଦ୍ଦଶୀ ଉତ୍ସବ ଓ ଜାଗର ଯାତ୍ରା ରବିବାର ଆରମ୍ଭ ହୋଇଛି । ୫ଦିନ ଧରି ହେବାକୁ ଥିବା ମେଳାରେ ଶହଶହ ବ୍ରତଧାରୀଙ୍କ ଦ୍ୱାରା ମହାଦେବଙ୍କ ଠାରେ ପୂଜାର୍ଚ୍ଚନା ଜଳାଭିଷେକ ହୋଇଥିଲା । ସନ୍ଧ୍ୟାରେ ବ୍ରତଧାରୀଙ୍କ ଦ୍ୱାରା

ମହାଦେବ ମନ୍ଦିର, କରସାହି, ନୂଆ ବଜାର, ଥାନା ବଜାର, ଶାନ୍ତିଆ, ଷ୍ଟେସନ ବଜାର ମିଲ ବାଡି, ନନ୍ଦିକା ସ୍ଥିତ ଶୈବପିଠ ମାନଙ୍କରେ ଭକ୍ତଙ୍କ ଭିଡ ଲାଗି ରହିଥିବାର ଦେଖିବାକୁ ମିଳିଛି । ପ୍ରବଳ ଭିଡ ମଧ୍ୟରେ ବ୍ରତୀମାନେ ଶାନ୍ତିଶୃଙ୍ଖଳାର ସହିତ






କରିଥିଲେ । ଶିବ ମନ୍ତ୍ରରେ ଗୁଞ୍ଜରି ହୋଇ ଉଠିଥିଲା ସହର ଠାରୁ ଗାଁ ଗହଳି । ସବୁଠି ଚାଲିଥିଲା ଦେବ ଦେବ ମହାଦେବଙ୍କ ଷୋଡ଼ଶ ଉପଚାର ପୂଜାର୍ଚ୍ଚନା । ସହରର ପୁରୁଣା ବାଲେଶ୍ୱର, ବାରବାଟୀ, ଗୋପାଳଗାଁ, ସୁଏଲପୁର, ମାଣିଖମ୍ବ, କଙ୍ଗଜିଆ, ନାଥପାଣି, ମାନସିଂ ବଜାର, ରେମୁଣା, ମଣିନାଗେଶ୍ୱର, ପଞ୍ଚଲିଙ୍ଗେଶ୍ୱର ଭଳି ଜିଲ୍ଲାର ବିଭିନ୍ନ ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ମହିଳା ଓ ପୁରୁଷ ମାନଙ୍କର ଲମ୍ବାଧାଡ଼ି ଲାଗିଥିଲା । ଶିବରାତ୍ରୀରେ ସନ୍ଧ୍ୟା ଠାରୁ ରାତିର ଶେଷ ପ୍ରହର ପର୍ଯ୍ୟନ୍ତ ମହିଳାମାନେ ଅନିଦ୍ରା ରହି ମହାଦେବଙ୍କ ମନ୍ଦିର ବେଢ଼ାରେ ଘିଅ ଦୀପ ଜାଳିବାର ବିଧି କାହିଁ କେଉଁ କାଳରୁ ଚଳି ଆସୁଅଛି । ରାତି ଉଜାଗର ରହି ଶିବ ବ୍ରତ ପାଳନ କଲେ ସର୍ବସିଦ୍ଧି ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି । ସକାଳ ଠାରୁ ଉପବାସ ରହି ମହାଦେବଙ୍କ ପାଦୁକ ସେବନ କରି ମହାଦୀପ ଉଠିବାକୁ ସମସ୍ତେ ଅପେକ୍ଷା କରିଥାଆନ୍ତି । ଚତୁର୍ଥ ପ୍ରହର ପୂଜା ଶେଷ ହେବା ପରେ ମହାଦୀପ ଦର୍ଶନ କରି ବ୍ରତୀମାନେ ଘରକୁ ଯାଇଥାଆନ୍ତି ଏବଂ ପରଦିନ ମହାଦେବଙ୍କୁ ପୁଣି ଥରେ ଦର୍ଶନ କରି ବ୍ରତ ଫିଟାଇଥାଆନ୍ତି । ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ବିଭିନ୍ନ ଶିବ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ମହିଳା ଏବଂ ପୁରୁଷ ଭକ୍ତମାନଙ୍କ ପାଇଁ ଅଲଗା ଅଲଗା ବ୍ୟାରିକେଡ ସହ ଭିଡ ନିୟନ୍ତ୍ରଣ ପାଇଁ ପୁଲିସ ବ୍ୟବସ୍ଥା କରାଯାଇଥିଲା ।

## ଉତ୍ସବ ମୁଖର ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱର ଶୈବ ପୀଠ

ଚନ୍ଦନେଶ୍ୱର: ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ହୁଗୁଳି ପଞ୍ଚାୟତର ବିରାଜିତ ପୂର୍ବ ଭାରତର ପ୍ରସିଦ୍ଧ ଶୈବ ପୀଠ ଚନ୍ଦନେଶ୍ୱର ଜାଗର ଲାଗି ଉତ୍ସବ ମୁଖର ହୋଇଉଠିଛି । ଜିଲ୍ଲା ପ୍ରଶାସନ ଓ ମନ୍ଦିର ସେବାୟତଙ୍କ ମିଳିତ ସହଯୋଗରେ

ଏହି ଭବ୍ୟ କାର୍ଯ୍ୟକ୍ରମରେ ଦଳମତ ନିର୍ବିଶେଷରେ ସମସ୍ତ ଭୋଗରାଇବାସୀଙ୍କ ସମେତ ଅଧିକରୁ ଅଧିକ ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ସୂଚନାଯୋଗ୍ୟ ଯେ, କୁମ୍ଭୀରଗଡି ପଞ୍ଚାୟତ

ସଜ୍ଜା, ରାତିରେ ଦୀପ ଜାଳିବା ନେଇ ଢେର ସାରା ବ୍ୟବସ୍ଥା କରାଯାଇଛି । ଲଙ୍ଗଳେଶ୍ୱର ଶୈବ ପୀଠ ରେ ଆଜିଠୁ ୧୫ ଦିନ ଧରି ମେଳା ବସୁଛି । ସେହିପରି ଖଗଡ଼େଶ୍ୱର, କାଞ୍ଚନେଶ୍ୱର,

ନିଷ୍ଠାପ ଭାବେ ରାତ୍ରି ତମାମ ଜାଗର ଦୀପ ପ୍ରଜ୍ୱଳନ ସହିତ ଭୋର ମହାଦୀପ ଉଠିବା ସହ ବ୍ରତ ସମ୍ପନ୍ନ ହୋଇଥିଲା । ବ୍ରତୀଙ୍କ ମନୋରଞ୍ଜନ ଲାଗି ଅଞ୍ଚଳର ଜୁନି କୁନି ପିଲାଙ୍କୁ ନେଇ

ପୂଜାଅର୍ଚ୍ଚନା କରିବା ପାଇଁ ପ୍ରତ୍ୟେକ ମନ୍ଦିର କମିଟି ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଥିବାର ଦେଖିବାକୁ ମିଳିଛି ।




ଅଧୀନ ସୁବର୍ଣ୍ଣରେଖା ମୁହାଣରେ ଥିବା ଭୂଷଣ୍ଡେଶ୍ୱରଙ୍କ ଲିଙ୍ଗ ବିଶ୍ୱରେ ଅନନ୍ୟ । ମନ୍ଦିରର କୀର୍ତ୍ତି, ଐତିହ୍ୟକୁ ଅଧିକ ପ୍ରଚାର ଓ ପ୍ରସାର ପାଇଁ ଚଳିତ ବର୍ଷ ମନ୍ଦିର କମିଟି ପକ୍ଷରୁ ୧ଲକ୍ଷ ଦୀପଦାନର ବ୍ୟବସ୍ଥା ହୋଇଛି । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବିଜେପି ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ସମାଜସେବୀ ଇଂ ଅଭିଜିତ ଦାସ, ବିଜେପି ନେତା ଆଶିଷ କୁମାର ପାତ୍ର, କଂଗ୍ରେସ ଜିଲ୍ଲା ସଭାପତି ସତ୍ୟଶିବ ଦାସ, ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଜେନା, ଦମୟନ୍ତୀ ସାହୁ, କବିତା ମହାନ୍ତି, ତହସିଲଦାର ସୂର୍ଯ୍ୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।

ବୈଦ୍ୟନାଥ, ଥାନା ପରିସରସ୍ଥ ଆଖଣ୍ଡମଣି, ଶଙ୍କର ନାଥ ଆଦି ଶୈବ ପୀଠ ଗୁଡିକ ରେ ଧୂମ ଧାମ ରେ ମହାଶିବରାତ୍ରୀ ଜାଗର ଅନୁଷ୍ଠିତ ହୋଇଛି । ପୀଠ ଗୁଡିକରେ ଭୋର ୪ ଟା ରେ ମହାଦୀପ"ଉଠିବ ବୋଲି ମନ୍ଦିର କର୍ତ୍ତୃପକ୍ଷ ଆୟୋଜକ ମାନଙ୍କ ଠାରୁ ପ୍ରକାଶ । ପୁଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ଓ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା, ନାଇଟ ପେଟ୍ରୋଲିଙ୍ଗ ମଧ୍ୟ ହୋଇଛି ।

## କୁମାରେଶ୍ୱର ଜୀଉଙ୍କ ୫ଦିନିଆ ଚତୁର୍ଦ୍ଦଶୀ ମେଳା

ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମାଧ୍ୟମରେ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଗ୍ରାମ୍ୟ ମୁଖ୍ୟ ଗୋପାଳ ହୁଇଙ୍କ ନେତୃତ୍ୱରେ ବରେନ୍ଦ୍ର ମହାନ୍ତି, ଧରଣୀ କାନୁ ରାୟ, ସୁଶାନ୍ତ ସିଂହ, ରାମକୃଷ୍ଣ ଶତପଥୀ, ଅଧୂର କର, ରଣଜିତ୍ ହୁଇ, ରବୀନ୍ଦ୍ର ହୁଇ, ରାମେଶ୍ୱର ହୁଇ, ବ୍ରଜ କିଶୋର ମହାନ୍ତି, ବରୁଣ ହୁଇ,ଗୁଣାକର ପାତ୍ର, ପ୍ରତାପ ଭଞ୍ଜ, ପ୍ରସନ୍ନ ହୁଲ, ଅଜୟ ହୁଇ, ଅଲେଖ ପାତ୍ର, ଚନ୍ଦନ ପାତ୍ର, ନବୀନ କୁମାର ହୁଇ, ବିଜୟ ମହାନ୍ତି, ପ୍ରଫୁଲ୍ଲ ମହାନ୍ତି, ପୂଜକ ଓ କମିଟିର ସମସ୍ତ ସଭ୍ୟ ସଭ୍ୟା ଗ୍ରାମବାସୀ ମହୋତ୍ସବକୁ ପରିଚାଳନା କରୁଛନ୍ତି । ସେହିପରି ଜଳେଶ୍ୱର ସହରର ନିକଟ ଫଂଚୁଘଣ୍ଟା-ଶାସନବାଡ ସ୍ଥିତ

## ପଞ୍ଚଲିଙ୍ଗେଶ୍ୱର ପୀଠରେ ୧୫ ହଜାର ଶ୍ରଦ୍ଧାଳୁ

ନୀଳଗିରି : ମହାଶିବରାତ୍ରୀ ଅବସରରେ ଓଁ ନମଃ ଶିବାୟ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଛି ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ସମେତ ବିଭିନ୍ନ ଶୈବପୀଠ । ନୀଳଗିରି ଉପଖଣ୍ଡରେ ବହୁ ବର୍ଷ ପୂର୍ବରୁ ନୀର ଶଯ୍ୟାରେ ବିଜେ ପାଞ୍ଚଟି ଲିଙ୍ଗକୁ ପଞ୍ଚଲିଙ୍ଗେଶ୍ୱର ନାମରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରୁଛନ୍ତି । ରବିବାର ଭୋର ୫ଟା ୧୫ରେ ମଙ୍ଗଳ ଆଳତି ହେବା ପରେ ୬ଟା ସମୟରେ ଗେଟ ଖୋଲିବାପରେ ହଜାର ହଜାର ଶ୍ରଦ୍ଧାଳୁ ପୂଜାର୍ଚ୍ଚନା ପାଇଁ ୩୧୧ଟି ପାହାଚ ଚଢ଼ି ଲାଇନରେ ଆସି ଶାନ୍ତି ଶୃଙ୍ଖଳାରେ ପୂଜା ଅର୍ଚ୍ଚନା କରିଥିଲେ । ବାବାଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ବ୍ୟାରିକେଟ ବ୍ୟବସ୍ଥା ସହ ଲମ୍ବା ଧାଡି ଲାଗିବା ସହ ପ୍ରାୟ ୧୫ ହଜାରରୁ ଅଧିକ ଶ୍ରଦ୍ଧାଳୁ ପଞ୍ଚଲିଙ୍ଗେଶ୍ୱରରେ ପୂଜାର୍ଚ୍ଚନା କରିଥିବା ସୂଚନା ମିଳିଛି । ଟ୍ରଷ୍ଟ ବୋଡର୍ ପକ୍ଷରୁ ମ୍ୟାନେଜିଂ ଟ୍ରଷ୍ଟି, ଟ୍ରଷ୍ଟ ବୋଡର୍ ସଦସ୍ୟ, ସମେତ ଅନ୍ୟମାନେ ପୀଠ ଉପରେ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି । ଶ୍ରଦ୍ଧାଳୁଙ୍କ ଜନସମାଗମକୁ ଦୃଷ୍ଟିରେ ରଖି ପୁଲିସ ମୁତୟନ ସହ ପୀଠରେ ଶୌଚାଳୟ, ପିଇବା ପାଣି, ସ୍ୱଚ୍ଛତା, ବ୍ୟାରିକେଟ୍ ଓ ଭିତରେ ବାହାରେ ଉଜ୍ୱଳ ଆଲୋକ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ବିଭିନ୍ନ ସଂଗଠନ ପକ୍ଷରୁ ଜଳ ଛତ୍ର ଖୋଲାଯାଇ ଶ୍ରଦ୍ଧାଳୁ ମାନଙ୍କ ଶୋଷ ମେଣ୍ଟାଉଛନ୍ତି । ସେହିପରି ନୀଳଗିରିର ଶାଳବଣି ଗାଁରେ ଆବିର୍ଭାବ ହୋଇଥିବା ବାବା ଜଟାଧାରୀଙ୍କ ପୀଠରେ ଏବଂ ନୀଳଗିରି ସଜନାଗଡ଼ ପଞ୍ଚାୟତ ତେଣ୍ଡା ନିକଟ କୁଲଡିହା ଅଭୟାରଣ୍ୟ ର ପାଦଦେଶରେ ଗୋଟିଏ ବିରାଟ ପଥର ଚଟିରି ତଳେ ପୂଜା ପାଉଥିବା ବାବା





ଏହି ଜାଗର ମେଳା ଶାନ୍ତି ଶୃଙ୍ଖଳାରେ ସମାପନ ହୋଇଛି । ସମଗ୍ର ଶୈବପୀଠ ହର ହର ମହାଦେବ ଧ୍ୱନିରେ ପ୍ରକମ୍ପିତ

କାଳିପଦା: ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ମହା ଶିବରାତ୍ରୀ ଜାଗର ଓ ମେଳା ଅନୁକୂଳ ପାଗ ଯୋଗୁଁ ଆଜି

ଜଳେଶ୍ୱର: ଜଳେଶ୍ୱର ବ୍ଲକ ନେତୁଆ ଗ୍ରାମ ପଞ୍ଚାୟତ କମାର ଶାଳିଆ ଗ୍ରାମସ୍ଥିତ ଶ୍ରୀ ଶ୍ରୀ କୁମାରେଶ୍ୱର ଜୀଉଙ୍କ ପୀଠ ରେ

ବୃଦ୍ଧଲିଙ୍ଗ ସିଦ୍ଧେଶ୍ୱର ମହାଦେବ ମନ୍ଦିର, ଦେଉଳି ଫଂଚୁଘଣ୍ଟା ସ୍ଥିତ ଧବଳେଶ୍ୱର ମହାଦେବ ମନ୍ଦିର, ପଥରପୁରା ପଙ୍କେଶ୍ୱର

ଶଙ୍ଖେଶ୍ୱର ମହାଦେବ ସହ ନୀଳଗିରିରେ ବିଭିନ୍ନ ସ୍ଥାନରେ ମଧ୍ୟ ଧୁମଧାମରେ ଶିବରାତ୍ରି ପାଳନ ହୋଇଛି ।

# 'ଶ୍ରୀଧରସ୍ୱାମୀ' ପୁସ୍ତକର ଲୋକାର୍ପଣ ଉତ୍ସବ




**ବାଲେଶ୍ୱର,୧୫ ।୨(ସମିସ):** ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱର ଓ ଜନକଲ୍ୟାଣକାରୀ ସଂସ୍ଥା 'ସହାୟକ'ର ମିଳିତ ଆନୁକୂଲ୍ୟରେ ଇଂ ବନମାଳୀ ନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପ୍ରଫୁଲ୍ଲ କୁମାର ଦାସ ଅତିଥିଙ୍କୁ ମଂଚ ଆହ୍ୱାନ କରିଥିବା ବେଳେ 'ସହାୟକ'ର ସଭାପତି ଡ. କ୍ଷିତୀଶ୍ୱର ଦାଶ ସଂଯୋଜନା କାର୍ଯ୍ୟ ନିର୍ବାହ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ପୂର୍ବତନ ପ୍ରଫେସର ଡ ଗୋପାଳକୃଷ୍ଣ ଦାଶ,ସଂସ୍କୃତ ବିଭାଗ, ଉତ୍କଳବିଶ୍ୱବିଦ୍ୟାଳୟ, ବାଣୀବିହାର ତଥା ବିଶିଷ୍ଟ ଐତିହାସିକ ପ୍ରଫେସର ଡ. ହରିହର ପଣ୍ଡା ଯଥାକ୍ରମେ ବରେଣ୍ୟ ଅତିଥି ଏବଂ ମୁଖ୍ୟବକ୍ତା ଭାବେ ଯୋଗଦେଇ 'ଶ୍ରୀଧରସ୍ୱାମୀ' ପୁସ୍ତକର ଲୋକାର୍ପଣ କରିବା ସହିତ ବିସ୍ତୃତ ଆଲୋଚନା ରଖିଥିଲେ । ଉକ୍ତ ପୁସ୍ତକଟି ଡ.ଦାସଙ୍କ ବିଶ୍ୱର ପ୍ରଥମ ଗବେଷଣା ସନ୍ଦର୍ଭ 'ଶ୍ରୀଧରସ୍ୱାମୀ ଏକ ଅଧ୍ୟୟନ' ଆଧାରରେ ରଚିତ । ଉକ୍ତ ବୌଦ୍ଧିକ ଆଲୋଚନାରେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଓ 'ସହାୟକ'ର ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ । ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ଉପସଭାପତି ସୁଦର୍ଶନ ଦାସ 'ଶ୍ରୀଧରସ୍ୱାମୀ'ଙ୍କ ନାମରେ ବାଲେଶ୍ୱର ଜିଲ୍ଲାର କୌଣସି ପ୍ରମୁଖ ଅନୁଷ୍ଠାନର ନାମକରଣ କରାଯିବାର ପ୍ରସ୍ତାବ ରଖିଥିଲେ । ଉକ୍ତ ସଭାରେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଦାମୋଦର ନାୟକ,ପୂର୍ବତନ ସମ୍ପାଦକ ବସନ୍ତ କୁମାର ନାୟକ,ଡ କାଦମ୍ବିନୀ ଦାଶ, ସୁବର୍ଣ୍ଣ ଦାସ,ବସନ୍ତମଞ୍ଜରୀ ଦାଶ, ଡ ତାରାକାନ୍ତ ନନ୍ଦ, ଗୀତାଞ୍ଜଳି ଶତପଥୀ, ଗୌରାଙ୍ଗ ପାଣିଗ୍ରାହୀ, ନିରଞ୍ଜନ ପରିଡ଼ା, ହୃଷିକେଶ ସାହୁ, ପ୍ରଣିତା ମିଶ୍ର, ଦେବେନ୍ଦ୍ର ଚୌଧୁରୀ, ପ୍ରତିମା ପଣ୍ଡା, ଭାଗବତ ପ୍ରସାଦ ଦଳାଇ, ଦୟାନିଧି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଉମାକାନ୍ତ ଦାଶ ଧନ୍ୟବାଦ ଦେଇଥିଲେ ।

# ନୋସି ଉତ୍କଳାରେ 'ଖାସ୍ ତୁମ ପାଇଁ' କାର୍ଯ୍ୟକ୍ରମ

**ବାଲେଶ୍ୱର,୧୫।୨(ସମିସ):** ନୋସି ଉତ୍କଳା ପରିସରରେ ତୃତୀୟ 'ଖାସ୍ ତୁମ ପାଇଁ" କାର୍ଯ୍ୟକ୍ରମ ନୋସି କଲଚୁରାଲ ଏକାଡେମି ଦ୍ୱାରା ଆୟୋଜନ କରାଯାଇଥିଲା । ଏଥିରେ ନୋସିର ଉପସଭାପତି ସୁବ୍ରତ ନାୟକ ଓ ରୁଚିକା ନାୟକ ଦମ୍ପତି ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିବା ବେଳେ ବସ୍ତା ବିଧାୟିକା ତଥା ସଫଳ ରାଜନୈତିକ ଦମ୍ପତି ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ସମସ୍ତ ସଫଳ ନିଆରା ଦମ୍ପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସାରସ୍ୱତ ଦମ୍ପତି ଜ୍ୟୋତ୍ସ୍ନା ଓ ଗଂଗାଧର ବିଶ୍ୱାଳ, ଶିଳ୍ପୀ ଦମ୍ପତି କନକ ଓ କେଶୁ ଦାସ, ନୃତ୍ୟଶିଳ୍ପୀ ଦମ୍ପତି ଜୟମାଳା ଓ କାମିନୀକାନ୍ତ ଚୌଧୁରୀ, ସମାଜସେବୀ ଦମ୍ପତି ସକୀଲା ଓ ମହମ୍ମଦ ଇସଲାମ୍,



ବ୍ୟବସାୟୀ ଦମ୍ପତି ରାଜଶ୍ରୀ ଓ ଲକ୍ଷ୍ମୀକାନ୍ତ ମିଶ୍ରଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା । ଉପସ୍ଥିତ ସବିତା ଓ କାର୍ତ୍ତିକ ଚନ୍ଦ୍ର ସାହୁ, ରଶ୍ମିରେଖା ଓ ପ୍ରଦୀପ ମହାପାତ୍ର, ମୀନତି ଓ ସୀତାନାଥ ଦାସ, ମୀନତି ଓ ମନୋଜ ପଣ୍ଡା ପ୍ରମୁଖ ଦମ୍ପତି ଉଭୟଉଭୟଙ୍କୁ ଗୋଲାପ ଫୁଲ ପ୍ରଦାନ କରିଥିଲେ । ସାଂସ୍କୃତିକ ସନ୍ଧ୍ୟାରେ ଢକୁମାର ଅତନୁ, ଜୀବନ, ଏକାଦଶୀ, ପ୍ରବୀର କମିଲା, ଶ୍ରୀମତୀ ରଶ୍ମିରେଖା, କୁମାରୀ ରୂପାଲୀ, କୁମାରୀ ନନ୍ଦିନୀ, ସନ୍ତୋଷ ବିଶ୍ୱାଳ ସଂଗୀତ ପରିବେଷଣ କରିଥିବା ବେଳେ ଦୁର୍ଗେଶନନ୍ଦିନୀ ସିଂ, ଦେବାନନ୍ଦ ସିଂଢ ନୃତ୍ୟ ଓ ଡା ରଜନୀକାନ୍ତ ନାୟକ ମାଉଥ ଅର୍ଗାନ ବଜାଇ ମନ୍ତ୍ରମୁଗ୍ଧ କରିଥିଲେ । ଶିଳ୍ପୀ କେଶୁ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କନକଲତା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସମ୍ପାଦକୀୟ



କୌଣସି ସମ୍ଭାବ୍ୟ ବିପଦ ପୂର୍ବରୁ ପ୍ରସ୍ତୁତିରେ ବିଫଳତାର ଅର୍ଥ ତୁମେ ନିଜ ବିଫଳତା ଲାଗି ପ୍ରସ୍ତୁତି କରୁଛ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

ସକାଳ
THE SAKALA

## ବୈଧାନିକ ପ୍ରହାର!

ଏକ ନାଟକୀୟ ଘଟଣାକ୍ରମେ ସଂସଦର ଚଳିତ ବଜେଟ୍ ଅଧିବେଶନରେ ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀଙ୍କ ବିରୋଧରେ ଶାସକ ଦଳର ସାଂସଦ ନିଶିକାନ୍ତ ଦୁବେ ଏଭଳି ଏକ ପ୍ରସ୍ତାବ ଆଗତ କରିଛନ୍ତି, ଯାହା ଅନେକ ଜଟିଳ ବୈଧାନିକ ଓ ରାଜନୈତିକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଶାସକଦଳର ନୀତିଗତ ନିଷ୍ପତ୍ତିକୁ ରାହୁଲ୍ ଗାନ୍ଧୀ ଦେଶବିରୋଧୀ ଭାବେ ଅଭିହିତ କରି ଯେଭଳି ଭାବେ ସମାଲୋଚନା କରିଛନ୍ତି ସେଥିରେ ବ୍ୟତିବ୍ୟସ୍ତ ହୋଇ ନିଶିକାନ୍ତ ଦୁବେଙ୍କ ଜରିଆରେ ଶାସକ ଦଳ ଉଦ୍ଦେଶ୍ୟମୂଳକ ଭାବେ ଏଭଳି ଏକ ପ୍ରସ୍ତାବ ଆଗତ କରି ଦେଶର ଜନତାଙ୍କ ଦୃଷ୍ଟି ଏଡ଼ାଇବାକୁ ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ ହୋଇଛି।

'ସବ୍‌ଷ୍ଟାନ୍‌ସିଆଲ୍ ମୋସନ୍' ଭାବେ ନାମିତ ଏଭଳି ପ୍ରସ୍ତାବକୁ ସଂସଦର ଅମୋଘ ଓ ଶେଷ ଅସ୍ତ୍ର ଭାବେ ସ୍ୱୀକୃତି ଦିଆଯାଇଛି। ରାଷ୍ଟ୍ରପତି କିମ୍ବା ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କୁ ବହିଷ୍କାର ବା ମହାଭିଯୋଗ ପ୍ରସ୍ତାବର ନୀତିଗତ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଏହି ଅସ୍ତ୍ରକୁ ବ୍ୟବହାର କରାଯାଏ। ସାଂସଦ ଶ୍ରୀଦୁବେଙ୍କ ଅଭିଯୋଗର ମର୍ମାର୍ଥ ହେଉଛି ରାହୁଲ୍ ଗାନ୍ଧୀ ବିଦେଶୀ ତତ୍ତ୍ୱ ସହିତ ହାତମିଳାଇ ଭାରତର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରିଛନ୍ତି, ସରକାରଙ୍କ ନୀତି ଓ ନିଷ୍ପତ୍ତିକୁ ଦେଶବିରୋଧୀ ବୋଲି କହି ସଂସଦକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଛନ୍ତି ଏବଂ ସଂସଦର ଅବମାନନା କରିଛନ୍ତି। ତେଣୁ ରାହୁଲ୍ ଗାନ୍ଧୀଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ଆଜୀବନ ବାସନ୍ଦ କରାଯାଉ ବୋଲି ପ୍ରସ୍ତାବରେ ଉଲ୍ଲେଖ ରହିଛି।

ଏହି ଉତ୍କଣ୍ଠାପୂର୍ଣ୍ଣ ପ୍ରସ୍ତାବ ଆଲୋଚନା ପରେ ରାହୁଲ୍ ଗାନ୍ଧୀଙ୍କ ରାଜନୈତିକ ଭବିଷ୍ୟତ କ'ଣ ହେବ ତାହା ଯେତେବଡ଼ ପ୍ରଶ୍ନ ନୁହେଁ, ତା'ଠାରୁ ଉଦ୍‌ବେଗଜନକ ହେଉଛି ସଂସଦୀୟ ଗଣତନ୍ତ୍ରରେ ଏହି ପ୍ରସ୍ତାବର ଦୁରୁପଯୋଗ ଅଭିଯୋଗ। ଆମେ ଏଠାରେ ସଂସଦ କିମ୍ବା ସାଂସଦଙ୍କ ନିଷ୍ପତ୍ତିକୁ ଆପତ୍ତିଜନକ ବୋଲି କହୁନାହୁଁ। ସେ ଅଧିକାର ମଧ୍ୟ ଆମର ନାହିଁ। କିନ୍ତୁ ଗଣମାଧ୍ୟମର ଦାୟିତ୍ୱ ଓ କର୍ତ୍ତବ୍ୟ ଭାବରେ ଆଇନ ବିଶାରଦ, ସମ୍ବିଧାନ ବିଶେଷଜ୍ଞ ଓ ବୁଦ୍ଧିଜୀବୀଙ୍କ ମତ ଓ ମନ୍ତବ୍ୟକୁ ଆମ ମାଧ୍ୟମ ଜରିଆରେ ଗଣଙ୍କ ଆଗରେ ଉପସ୍ଥାପନ କରିବାକୁ ଉଚିତ ମଣୁଛୁ।

ବିଶେଷଜ୍ଞଙ୍କ ମତାନୁଯାୟୀ, ଯଦି ବିରୋଧୀ ଦଳ ଅବାନ୍ତର ପ୍ରଶ୍ନ ପଚାରି ଏବଂ ନିରାଧାର ଅଭିଯୋଗ ଆଣି ସଂସଦକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି ତେବେ ତାହାକୁ ଉତ୍ତର ମାଧ୍ୟମରେ ଖଣ୍ଡନ କରିବାର ଅଧିକାର, କ୍ଷମତା ଓ ସୁଯୋଗ ସରକାରଙ୍କ ପାଖରେ ରହିଛି। କିନ୍ତୁ ତା'ବଦଳରେ ଏଭଳି ଏକ ପ୍ରସ୍ତାବ ଆଗତ କରିବାର ଅର୍ଥକୁ ବିଶେଷଜ୍ଞମାନେ ଯେଉଁ ଦୃଷ୍ଟିରେ ଦେଖୁଛନ୍ତି ତାହା ହେଉଛି ବିରୋଧୀ ଦଳର ଯୁକ୍ତିନିଷ୍ଠ ଓ ଅକାଟ୍ୟ ପ୍ରଶ୍ନକୁ ସାମ୍ନା କରି ନ ପାରି ସରକାର ଏଭଳି ଏକ ଅମୋଘ ଅସ୍ତ୍ର ଆଢୁଆଳରେ ଆତ୍ମଗୋପନ କରିବାର ପ୍ରୟାସ କରୁଛନ୍ତି। ପ୍ରଶ୍ନବାଣରୁ ବର୍ତ୍ତିବା ପାଇଁ ବିରୋଧୀ ଦଳର ନେତାଙ୍କୁ ବହିଷ୍କାର କରିବାକୁ ସୁରକ୍ଷିତ ମଣୁଛନ୍ତି। କିନ୍ତୁ ଏହାଦ୍ୱାରା ରାହୁଲ୍ ଗାନ୍ଧୀ ଆଣିଥିବା ଅଭିଯୋଗ ପଛରେ ସତ୍ୟତା ରହିଛି ବୋଲି ପରୋକ୍ଷରେ ସରକାରୀ ଦଳର ସଦସ୍ୟମାନେ ହିଁ ପ୍ରମାଣିତ କରିଦେଉଥିବା ମତ ପ୍ରକାଶ ପାଇଛି। ଏପରିକି ଲୋକସଭା ବାଚସ୍ପତିଙ୍କ ବିରୋଧରେ ବିରୋଧୀ ଦଳ ଅନାସ୍ଥା ପ୍ରସ୍ତାବ ଆଣିଥିବାରୁ ପ୍ରତିଶୋଧପରାୟଣ ହୋଇ ଶାସକ ଦଳ ଉଦ୍ଦେଶ୍ୟମୂଳକ ଭାବେ ବିରୋଧୀ ଦଳ ନେତାଙ୍କ ବିରୋଧରେ 'ସବ୍‌ଷ୍ଟାନ୍‌ସିଆଲ୍ ମୋସନ୍' ଆଣିଥିବା ଚର୍ଚ୍ଚା ହେଉଛି।

ଏବେ ପ୍ରଶ୍ନ ଉଠୁଛି ବିରୋଧୀ ଦଳ ନେତାଙ୍କ ବିରୋଧରେ ଆଗତ ଏହି ପ୍ରସ୍ତାବ ଆଧାରରେ କିଭଳି ପ୍ରକ୍ରିୟା ଚାଲିବ ଏବଂ କ'ଣ ଦଣ୍ଡବିଧାନ ହେବ? ଧାରା ୧୮୪ ଅଧୀନରେ ଆସୁଥିବା ଏହା ଏଭଳି ଏକ ପ୍ରସ୍ତାବ ଯାହା ଉପରେ ଆଲୋଚନା ସହିତ ମତଦାନ ବାଧ୍ୟତାମୂଳକ। ଯଦି ସଂଖ୍ୟାଗରିଷ୍ଠ ସଦସ୍ୟଙ୍କ ମତ ପ୍ରସ୍ତାବ ସପକ୍ଷରେ ଯାଏ ତେବେ ତାହା ପାରିତ ହେବ ଏବଂ ବିରୋଧୀ ଦଳର ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। କିନ୍ତୁ ଏହି ପ୍ରସ୍ତାବ ଆଲୋଚନା ଓ ଭୋଟିଂ ପାଇଁ ଗୃହୀତ ହେବ କି ନାହିଁ ସେ ନିଷ୍ପତ୍ତି ବାଚସ୍ପତିଙ୍କର। ପ୍ରସ୍ତାବକୁ ଗ୍ରହଣ କରିବା ପୂର୍ବରୁ ବାଚସ୍ପତି ମୁଖ୍ୟତଃ ତିନିଟି ବିଷୟ ଯଥା - ସମ୍ପୃକ୍ତ ସଦସ୍ୟ ସଂସଦର ମାନହାନି କରିବା ଭଳି କୌଣସି ଆଚରଣ କରିଛନ୍ତି କି କିମ୍ବା ଉଚ୍ଚାରଣରେ ସଂସଦ ପ୍ରତି ବିଦ୍ରୂପ କରିଛନ୍ତି କି କିମ୍ବା ପୂର୍ବରୁ କୌଣସି ପ୍ରସଙ୍ଗ ଅଦାଲତରେ ବିଚାରାଧୀନ ଅଛି କି ଆଦିର ତର୍ଜମା କରିବେ। ସେହିପରି ପ୍ରସ୍ତାବର ଆଲୋଚନା ବେଳେ ଅନ୍ତତଃ ତିନୋଟି କଥା ପ୍ରମାଣ କରିବାକୁ ପଡ଼ିବ। ତାହା ହେଉଛି ସମ୍ପୃକ୍ତ ସଦସ୍ୟଙ୍କ ଉଚ୍ଚାରଣରେ ତଥ୍ୟଗତ ତ୍ରୁଟି ରହିଛି କି କିମ୍ବା ସେ ଜ୍ଞାତସାରରେ ସଂସଦର ମର୍ଯ୍ୟାଦା ଉଲ୍ଲଙ୍ଘନ କଲାଭଳି ଆଚରଣ ଓ ଉଚ୍ଚାରଣ କରିଛନ୍ତି କି କିମ୍ବା ସଂସଦର ମାନହାନି କରିବାକୁ ତାଙ୍କର କାର୍ଯ୍ୟଧାରା ଉଦ୍ଦେଶ୍ୟମୂଳକ ଥିଲା କି? ଯଦି ଏହା ପ୍ରମାଣିତ ହୋଇ ନ ପାରିବ ତେବେ ପ୍ରସ୍ତାବ କାଟ ଖାଇଯିବ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ଯଦି ସଂଖ୍ୟାଗରିଷ୍ଠତା ଆଧାରରେ କୌଣସି ସଦସ୍ୟଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ବହିଷ୍କାର କରାଯାଏ ସେ ଅଦାଲତରେ ଆବେଦନ କରିପାରିବେ କି ନାହିଁ। ୨୦୦୭ରେ 'ରାଜାରାମ୍ ପାଲ୍ ବନାମ ବାଚସ୍ପତି' ଏବଂ ୨୦୧୦ରେ 'ଅମରିନ୍ଦର ସିଂହ ବନାମ ସଂସଦ' ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ସଂସଦ ଓ ନ୍ୟାୟପାଳିକାର ଲକ୍ଷ୍ମଣରେଖାକୁ ସ୍ପଷ୍ଟ ଓ ସ୍ୱୀକାର କରିଥିଲେ ମଧ୍ୟ ରାୟ ଦେଇଥିଲେ ଯେ ଯଦି 'ସବ୍‌ଷ୍ଟାନ୍‌ସିଆଲ୍ ମୋସନ୍'ରେ ନିଆଯାଇଥିବା ପଦକ୍ଷେପ ଅସାମ୍ବିଧାନିକ ହୋଇଥିବା ହୃଦବୋଧ ହେବ ତେବେ ତାହା ନ୍ୟାୟିକ ସମୀକ୍ଷା ଲାଗି ଗ୍ରହଣ କରାଯାଇପାରିବ। ବିଧାନପାଳିକାର କ୍ଷମତା ଶକ୍ତିଶାଳୀ ଓ ସ୍ୱତନ୍ତ୍ର ହୋଇପାରେ କିନ୍ତୁ ନିରଙ୍କୁଶ ନୁହେଁ। ସେହିପରି ଆଇନ ବିଶେଷଜ୍ଞଙ୍କ ମତାନୁଯାୟୀ ସଂସଦ ଏହି ମୋସନ୍ ବଳରେ କୌଣସି ସଦସ୍ୟଙ୍କ ସେହି ଲୋକସଭା ପାଇଁ ସଦସ୍ୟତା ରଦ୍ଦ କରିଦେଇପାରିବ। ସମ୍ପୃକ୍ତ ସାଂସଦ ପୁଣି ଉପନିର୍ବାଚନ ଜିତି ସଂସଦକୁ ଆସିପାରନ୍ତି। କିନ୍ତୁ କୌଣସି ପରିସ୍ଥିତିରେ ଆଜୀବନ ବାସନ୍ଦ କରିପାରିବ ନାହିଁ। ଏହା ଜନପ୍ରତିନିଧି ଆଇନ-୧୯୫୧ର ଖିଲାପ।

ଏସବୁ ଦୃଷ୍ଟିରୁ ସାଂସଦ ଶ୍ରୀଦୁବେଙ୍କ ଦ୍ୱାରା ଆଗତ ଏହି ମୋସନ୍ ଆଇନସମ୍ମତ ନୁହେଁ, ବରଂ କେବଳ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ଆପାତତଃ ଜଣାପଡୁଛି। ଏଭଳି ଅସୁସ୍ଥ ପରମ୍ପରା ସଂସଦରେ ଭୟର ବାତାବରଣ ସୃଷ୍ଟି କରି ସମ୍ବିଧାନ ପ୍ରଦତ୍ତ ମୌଳିକ ମତାଧିକାରକୁ କ୍ଷୁଣ୍ଣ କରିବ। କୌଣସି ସଦସ୍ୟ ଆଲୋଚନାରେ ଭାଗ ନେବେ ନାହିଁ। ଆଜି ସରକାରରେ ବସିଥିବା ସାଂସଦମାନେ ହୁଏତ ଆସନ୍ତାକାଲି ବିରୋଧୀ ଦଳ ଆସନରେ ବସିପାରନ୍ତି। କଳଙ୍କିତ ପରମ୍ପରା ଥରେ ସୃଷ୍ଟି ହେଲେ ଭବିଷ୍ୟତରେ ତାହା ସେମାନଙ୍କ ପ୍ରତି ମଧ୍ୟ ଲାଗୁ ହେବାର ଆଶଙ୍କା ଏଡ଼ାଇ ଦେଇହେବ ନାହିଁ। ସର୍ବୋପରି ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ଏହି ବୈଧାନିକ ପ୍ରହାର ସାମ୍ବିଧାନିକ ସନ୍ତୁଳନ ଓ ମର୍ଯ୍ୟାଦାକୁ ନଷ୍ଟ କରିଦେବ। ତଥାପି ସଂସଦ ଓ ସାଂସଦଙ୍କ ନିଷ୍ପତ୍ତି ସର୍ବୋପରି।

# ଗଣତନ୍ତ୍ରରେ ଗୋଷ୍ଠୀତନ୍ତ୍ର

ଗୌରୀ ପ୍ରସାଦ ମହାପାତ୍ର

ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କ ଅଭିଯୋଗ ଅନୁଯାୟୀ ଏବେ ଭାରତର ଶାସନ ଓ ପ୍ରଶାସନ 'ଗୋଷ୍ଠୀତନ୍ତ୍ର'(ଓଲିଗାର୍କି) କବଳିତ। ବର୍ତ୍ତମାନର ଏନ୍‌ଡିଏ ସରକାର ଅମଳରେ ନିର୍ଦ୍ଦିଷ୍ଟ ଶିଳ୍ପଗୋଷ୍ଠୀକୁ ଆଧାର କରି ଏହି ଚର୍ଚ୍ଚା ଆରମ୍ଭ ହୋଇଥିଲେ ହେଁ ଭାରତୀୟ ଗଣତନ୍ତ୍ରରେ ବିଗତ ଶତାବ୍ଦୀରୁ 'ଗୋଷ୍ଠୀତନ୍ତ୍ର'ର ମୂଳଦୁଆ ପଡ଼ିସାରିଛି। 'ଗୋଷ୍ଠୀତନ୍ତ୍ର'ରେ ଧନାଢ୍ୟ, ବାହୁବଳୀ, ପ୍ରତିପତ୍ତିଶାଳୀ, ରାଜକୀୟ ବଂଶଜ, ଆଭିଜାତ୍ୟ ପରିବାର ସଦସ୍ୟଙ୍କ ଭଳି ନିର୍ଦ୍ଦିଷ୍ଟ ମୁଷ୍ଟିମେୟ ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ଦ୍ୱାରା ସମଗ୍ର ଶାସନ ଓ ପ୍ରଶାସନିକ ବ୍ୟବସ୍ଥା ପରିଚାଳିତ ହୁଏ। ଦେଶର ସମ୍ପଦ, ଶକ୍ତି, ଇଚ୍ଛା ବା ମତ, ନୀତି ନିର୍ଦ୍ଧାରଣ, ଏପରିକି ଗଣମାଧ୍ୟମ ମଧ୍ୟ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ 'ଗୋଷ୍ଠୀତନ୍ତ୍ର' କବଳିତ ବା ନିୟନ୍ତ୍ରିତ ହୁଏ।

ରାଜତନ୍ତ୍ର ଅମଳରେ ରାଜାମାନେ ସ୍ଥଳବିଶେଷରେ ଆର୍ଥିକ ନିଅଣ୍ଟିଆ ସଙ୍କଟର ପରିଚାଳନା ପାଇଁ ସାହୁକାର ବା ଜମିଦାରଙ୍କଠାରୁ ଋଣ ନେଉଥିଲେ ଏବଂ ପ୍ରତିବଦଳରେ ବା ମୂଳ ଓ ସୁଧ ପରିଶୋଧ ପରିବର୍ତ୍ତେ ସେମାନଙ୍କ ଖଜଣା ବାବଦ ଦେୟ କୋହଳ ବା ଛାଡ଼ କରିଦିଆଯାଉଥିଲା। ରାଜତନ୍ତ୍ର ପରବର୍ତ୍ତୀ ସମୟରେ ଗଣତନ୍ତ୍ର ଓ ଏକଛତ୍ରବାଦ ଶାସନ ବ୍ୟବସ୍ଥାରେ ମଧ୍ୟ ଏହି ଧାରା ପ୍ରାୟତଃ ଚଳିଆସିଲା ଏବଂ ତାହା କ୍ରମେ 'ଗୋଷ୍ଠୀତନ୍ତ୍ର'ର ରୂପ ନେଲା। ବସ୍ତୁତଃ ଯେଉଁ ସମୟରୁ ରାଜନୈତିକ ଚାନ୍ଦା ବ୍ୟବସ୍ଥା ଆରମ୍ଭ ହେଲା, ସେହି ସମୟରୁ ହିଁ ଶାସନ ବ୍ୟବସ୍ଥାରେ 'ଗୋଷ୍ଠୀତନ୍ତ୍ର' ତା'ର ଆସ୍ଥାନ ଦୃଢ଼ କରିନେଲା।

ବର୍ତ୍ତମାନର ତୀବ୍ର ପ୍ରତିଯୋଗିତାପୂର୍ଣ୍ଣ ନିର୍ବାଚନୀ ରାଜନୀତିରେ ଶିଳ୍ପଗୋଷ୍ଠୀଙ୍କ ସହାୟତା ବିନା ନିର୍ବାଚନୀ ଖର୍ଚ୍ଚ ତୁଲାଇବା ଓ ଜିତିବା ଏକପ୍ରକାର ଅସମ୍ଭବ। ତେଣୁ ଭାରତ ସମେତ ସମଗ୍ର ବିଶ୍ୱରେ ପ୍ରାୟ ସବୁ ରାଜନୈତିକ ଦଳ ଶିଳ୍ପପତି ଓ ଧନାଢ୍ୟ ଗୋଷ୍ଠୀଙ୍କ ସହାୟତା ଭିକ୍ଷା କରୁଥିବା ଏକ ଅପ୍ରିୟ ସତ୍ୟ। ଯେଉଁ ଶିଳ୍ପପତି ଯେତେ ବଡ଼ ଆକାରର ଚାନ୍ଦା ଦେଇଥିବେ କ୍ଷମତାସୀନ ରାଜନୈତିକ ଦଳଠାରୁ ସେହି ଅନୁପାତରେ ଅନୁକମ୍ପା ଆଶା ଓ ଦାବି କରିବା ସ୍ୱାଭାବିକ। ଏହା ମଧ୍ୟ ଅନସ୍ୱୀକାର୍ଯ୍ୟ ଯେ ବିନା ସରକାରୀ ସହାୟତା କିମ୍ବା ଅନୁକମ୍ପାରେ କୌଣସି ଶିଳ୍ପପତି ତ୍ୱରିତ ବ୍ୟବସାୟିକ ସଫଳତା ଲାଭ କରିବା ସହଜ ନୁହେଁ। ତେଣୁ 'ଦାନ-ପ୍ରତିଦାନ' ବା 'ଉପକାର-ଉପକୃତ'ର ଏହି ଧାରାରେ ଉଭୟ ଗୋଷ୍ଠୀର ପରସ୍ପର ଉପରେ ସ୍ୱାର୍ଥକେନ୍ଦ୍ରିକ ନିର୍ଭରଶୀଳତାରୁ ଯେଉଁ ମଧୁଚନ୍ଦ୍ରିକାଟିଏ ଜନ୍ମ ନେଉଛି ତାହା 'ଗୋଷ୍ଠୀତନ୍ତ୍ର' ଭାବେ ପ୍ରାଧାନ୍ୟ ବିସ୍ତାର କରିଚାଲିଛି।

ତତ୍କାଳୀନ ସୋଭିଏତ୍ ସଂଘକୁ 'ଗୋଷ୍ଠୀତନ୍ତ୍ର'ର ଆଦ୍ୟ ଜନ୍ମଭୂମି ଭାବରେ ଗ୍ରହଣ କରାଯାଏ। ସେଠାରେ ବ୍ୟବସାୟୀମାନେ ପ୍ରଚୁର ଅର୍ଥବଳରେ ଶାସନ କ୍ଷମତାକୁ ନିୟନ୍ତ୍ରଣ କରି ଅଭିଷ୍ଟ ସିଦ୍ଧି କରିବାର ଯେଉଁ ପରମ୍ପରାଟି ଆରମ୍ଭ କରିଥିଲେ ତାହା ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରକୁ ବ୍ୟାପିଛି। ଏପରିକି ବିଶ୍ୱର ସର୍ବପୁରାତନ ଗଣତନ୍ତ୍ର ଆମେରିକାର ଗତ ରାଷ୍ଟ୍ରପତି ନିର୍ବାଚନ ଦୃଶ୍ୟପଟ୍ଟରେ ଏହି ସଂସ୍କୃତି ଦୃଶ୍ୟମାନ ହୋଇଥିଲା।

ଏବେ ଭାରତୀୟ ଗଣତନ୍ତ୍ରରେ 'ଗୋଷ୍ଠୀତନ୍ତ୍ର'ର ଉପସ୍ଥିତି କଥା ବିଚାର କରାଯାଉ। କେବଳ ଅବାଧ ଓ ମୁକ୍ତ ମତଦାନ ଅଧିକାର ବ୍ୟବସ୍ଥାକୁ ଛାଡ଼ିଦେଲେ ଆମ ନିର୍ବାଚନ ବ୍ୟବସ୍ଥା ପ୍ରାୟତଃ ଅର୍ଥବଳ ଓ ବାହୁବଳ କବଳିତ। ନିର୍ବାଚନ ପ୍ରଚାର ପାଇଁ ପ୍ରାର୍ଥୀମାନଙ୍କର ଯେଉଁ ସର୍ବାଧିକ ଖର୍ଚ୍ଚ ସୀମା ନିର୍ବାଚନ ଆୟୋଗ ଧାର୍ଯ୍ୟ କରନ୍ତି ତାହାର ପ୍ରାୟ ୧୦୦ ଗୁଣା ଅଧିକ ଖର୍ଚ୍ଚ ହୁଏ। ଅଧିକନ୍ତୁ ଗତ ବିହାର ବିଧାନସଭା ନିର୍ବାଚନରେ 'ନୋଟ୍ ଫର ଭୋଟ'କୁ ଯେପରି ଯୋଜନାର ନାମ ଦେଇ ସରକାରୀ ଭାବେ ବୈଧ କରିଦିଆଗଲା ଏବଂ ତାହାର ସୁପ୍ରଭାବ ମଧ୍ୟ ନିର୍ବାଚନ ଫଳାଫଳରେ ପ୍ରତିଫଳିତ ହେଲା ତାହା ଏ ପର୍ଯ୍ୟନ୍ତ ବିସ୍ମୃତ ହୋଇନାହିଁ। ଯେଉଁ ସରକାର ପାଖରେ ଶିକ୍ଷା ସ୍ୱାସ୍ଥ୍ୟ ଭଳି ଲୋକଙ୍କର ମୌଳିକ ଅଧିକାର ସୁନିଶ୍ଚିତ କରିବାକୁ ସମ୍ବଳର ଅଭାବ ରହିଛି ସେହି ରାଜ୍ୟ ନିର୍ବାଚନ ପୂର୍ବରୁ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା'ରେ ତତ୍କାଳ ୭, ୫୦୦ କୋଟି ଟଙ୍କା ବାଣ୍ଟିବା ପାଇଁ (୭୫ ଲକ୍ଷ ମହିଳାଙ୍କୁ ୧୦ ହଜାର ଟଙ୍କା ଲେଖାଏଁ) ସମ୍ବଳ ଯୋଗାଡ଼ କଲା କେଉଁଠୁ ଏବଂ ଯୋଜନା(୭୫ ଲକ୍ଷ ମହିଳାଙ୍କୁ ଆଉ ୧ଲକ୍ଷ ୯୦ ହଜାର ଟଙ୍କା ଲେଖାଏଁ) ଜାରି ରଖିବ କେମିତି? ଏକ ନିର୍ଦ୍ଦିଷ୍ଟ ଶିଳ୍ପଗୋଷ୍ଠୀ ପକ୍ଷରୁ ଏହି ବିପୁଳ ଅର୍ଥ ଯୋଗାଇ ଦିଆଯାଇଛି ବୋଲି ହୋଇଥିବା ଅଭିଯୋଗ ଯଦି ସତ ହୁଏ ତେବେ ନିର୍ବାଚିତ ସରକାର ସମ୍ପୃକ୍ତ ଶିଳ୍ପଗୋଷ୍ଠୀକୁ ଅନୁକମ୍ପାରେ ଆପ୍ୟାୟିତ କରିବାକୁ ଏକପ୍ରକାର ବାଧ୍ୟ।

ଆମ ଗଣତନ୍ତ୍ରରେ ଏଭଳି ଧନାଢ୍ୟ ଓ ପ୍ରତିପତ୍ତିଶାଳୀମାନେ ହିଁ ସମଗ୍ର ଶାସନ ବ୍ୟବସ୍ଥାକୁ ଏଭଳି ନିର୍ବାଚନୀ ଖର୍ଚ୍ଚ ଭରଣା ଜରିଆରେ ନିୟନ୍ତ୍ରଣ କରିଆସୁଛନ୍ତି ଏବଂ ସରକାରମାନେ ମଧ୍ୟ ଏହି ଗୋଷ୍ଠୀକୁ ସୁହାଇବା ଭଳି ନୀତି ନିୟମମାନ ପ୍ରଣୟନ କରିବାକୁ ଏକପ୍ରକାର ବିବଶ ହୋଇପଡୁଛନ୍ତି। ବିଗତ କିଛିବର୍ଷର ଶାସନର ଧାରା ଓ ଘଟଣାକୁ ଅନୁଧ୍ୟାନ କଲେ ଏହି ଧାରଣା ଆହୁରି ଦୃଢ଼ ହେଉଛି। ନୂଆ ଯୋଜନା ଓ ନୀତି ନିର୍ଦ୍ଧାରଣ ସହିତ ନିର୍ଦ୍ଦିଷ୍ଟ ଶିଳ୍ପଗୋଷ୍ଠୀମାନଙ୍କର ବ୍ୟବସାୟ ସାମ୍ରାଜ୍ୟ ସମ୍ପ୍ରସାରଣ, ନିର୍ଦ୍ଦିଷ୍ଟ ବ୍ୟବସାୟୀ ଗୋଷ୍ଠୀକୁ ସୁହାଇବା ଭଳି ପ୍ରଚଳିତ ନିୟମରେ ସଂଶୋଧନ, କଟକଣାର ସରଳୀକରଣ ଆଦି ଯେ ଆଦୌ କାକତାଳିକ ନୁହେଁ, ତାହା ଆଉ କେତେଦିନ ଅସ୍ୱୀକାର କରି ରହିହେବ? 'ନ୍ୟାଶନାଲ୍ ମନିଟାଇଜେସନ୍ ପାଇପଲାଇନ୍(ଏନ୍‌ଏମ୍‌ପି)', ଗ୍ରୀନ୍ ଏନର୍ଜି ଆଇନ, ବନ୍ଦର ଘରୋଇକରଣ ପରି ନିକଟ ଅତୀତରେ କେନ୍ଦ୍ର ସରକାର ଘୋଷଣା କରିଥିବା କେତେକ ନିଷ୍ପତ୍ତି ଭାରତୀୟ ଗଣତନ୍ତ୍ରରେ 'ଗୋଷ୍ଠୀତନ୍ତ୍ର'ର ଆଧିପତ୍ୟ ଅଭିଯୋଗର ଭିତ୍ତିକୁ ଆହୁରି ସୁଦୃଢ଼ କରୁଛି।

କେବଳ ଏନ୍‌ଏମ୍‌ପି କଥା ଦେଖାଯାଉ। କେନ୍ଦ୍ର ସରକାରଙ୍କ କହିବା ଅନୁଯାୟୀ ଏନ୍‌ଏମ୍‌ପି ଯୋଜନାରେ କେତେକ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ପରିଚାଳନା ଘରୋଇ ସଂସ୍ଥାଙ୍କୁ ହସ୍ତାନ୍ତର କରାଯିବ। ପ୍ରତିବଦଳରେ ସରକାର ପାଇବାକୁ ଥିବା ବିପୁଳ ପାଣ୍ଠି ଦେଶ ହିତରେ ବିନିଯୋଗ ହେବ। ଏହି ଯୋଜନାରେ ୨୦୨୨ରୁ ୨୦୨୫ ମଧ୍ୟରେ ପ୍ରାୟ ୨୨ଟି ସଂସ୍ଥାର ଘରୋଇକରଣ ଜରିଆରେ ପ୍ରାୟ ୬ ଲକ୍ଷ କୋଟି ଟଙ୍କା ସଂଗ୍ରହ କରାଯିବ। ଏଥିମଧ୍ୟରେ ରହିଛି ସଡ଼କ ପରିବହନ କ୍ଷେତ୍ରରୁ ୧ ଲକ୍ଷ ୬୦ ହଜାର କୋଟି ଟଙ୍କା, ରେଳବାଇରୁ ୧ ଲକ୍ଷ ୫୨ ହଜାର ୪୯୬ କୋଟି ଟଙ୍କା, ବିଦ୍ୟୁତ ବିତରଣରୁ ୪୫ ହଜାର ୨୦୦ କୋଟି ଟଙ୍କା, ବିଦ୍ୟୁତ ଉତ୍ପାଦନରୁ ୩୯ ହଜାର ୮୩୨ କୋଟି ଟଙ୍କା, ପ୍ରାକୃତିକ ଗ୍ୟାସ୍ ପାଇପ୍ ଲାଇନ୍ ସମ୍ପ୍ରସାରଣରୁ ୨୪ ହଜାର ୪୬୨ କୋଟି ଟଙ୍କା ଏବଂ ଟେଲିକମ୍, ଭଣ୍ଡାରଣ, ଖଣି, ବିମାନ ଚଳାଚଳ, ବନ୍ଦର, ସହରାଞ୍ଚଳ ଗୃହ ନିର୍ମାଣ, କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ଭଳି ଭିତ୍ତିଭୂମି ବିକାଶ କ୍ଷେତ୍ର।

ଧାର୍ଯ୍ୟ ଲକ୍ଷ୍ୟ କେତେ ସଫଳ ହୋଇଛି ତାହା ଭିନ୍ନ କଥା। କିନ୍ତୁ ପ୍ରଶ୍ନ ଉଠୁଛି ଯେ ଏହିକ୍ରମରେ ଜନସ୍ୱାର୍ଥରେ ସମର୍ପିତ ରାଷ୍ଟ୍ରର ସମ୍ପତ୍ତି ମୁଷ୍ଟିମେୟ ଘରୋଇ ଶିଳ୍ପପତିଙ୍କ ହାତମୁଠାକୁ ଚାଲିଯିବ ନାହିଁ କି? ପରବର୍ତ୍ତୀ ସମୟରେ ସେମାନେ ଲୋକହିତ ବଦଳରେ ନିଜକୁ ସୁହାଇବା ଭଳି ସେହିସବୁ ସଂସ୍ଥାକୁ ପରିଚାଳନା ଯେ ନକରିବେ ସେହି ନିଶ୍ଚିତତା କିଏ କରିବ? ସରକାରଙ୍କ ସ୍ପଷ୍ଟୀକରଣ ହେଲା ଏନ୍‌ଏମ୍‌ପି ଯୋଜନାରେ କୌଣସି ସଂସ୍ଥାର ମାଲିକାନା ନୁହେଁ ବରଂ ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରାଯିବ। ସେମାନେ ନିଜସ୍ୱ ନିବେଶରେ ସଂସ୍ଥାର ବିକାଶ କରିବେ। ତେବେ ବିନା କୌଣସି ସ୍ୱାର୍ଥରେ କୌଣସି ସଂସ୍ଥା କାହିଁକି ଏତେ ବିପୁଳ ପରିମାଣର ନିବେଶ କରିବେ? ପୁଣି ଯେଉଁ କ୍ଷେତ୍ରଗୁଡ଼ିକ ଜନକଲ୍ୟାଣ ସହିତ ସିଧାସଳଖ ସମ୍ପୃକ୍ତ ସେଥିରେ ଏତେ ବଡ଼ ବିପଦ ଆଶଙ୍କା ଘରୋଇ ସଂସ୍ଥା ମୁଣ୍ଡାଇବେ କାହିଁକି? ଏନ୍‌ଏମ୍‌ପିରେ ନିବେଶ ପରିଚାଳନା ଓ ବିକାଶ କାର୍ଯ୍ୟକ୍ରମ ତଦାରଖ କରିବା ପାଇଁ କୌଣସି ସର୍ତ୍ତ ନ ଥିବାରୁ ଘରୋଇ ସଂସ୍ଥାମାନେ ଯଥାସମ୍ଭବ କମ୍ ନିବେଶରେ ଉପରୋକ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପ୍ରଚୁର ଲାଭ ଅର୍ଜନ କରିବେ ଏବଂ ଏହିକ୍ରମରେ କିଛିବର୍ଷ ପରେ ରୁଗ୍‌ଣ ପ୍ରାୟ ସେହି ସବୁ ସଂସ୍ଥାଗୁଡ଼ିକୁ ସରକାରଙ୍କୁ ଫେରାଇ ଦେବା ଅସମ୍ଭବ ନୁହେଁ। ଏକଥା ଯେ ସରକାର ଓ ତାଙ୍କର ନୀତି ନିର୍ଦ୍ଧାରକମାନେ ଜାଣି ନ ଥିବେ ତାହା ଭାବିବା ଧୃଷ୍ଟତା ହେବ।

ଏମିତିରେ ଦେଖିବାକୁ ଗଲେ ଭାରତର ପ୍ରାକୃତିକ ଇନ୍ଧନ, ବିଦ୍ୟୁତ୍, ବନ୍ଦର, ଲଜିଷ୍ଟିକ୍, ଟେଲିକମ୍ ଆଦି ଶିଳ୍ପ କ୍ଷେତ୍ରର ସିଂହଭାଗ କାହା ହାତରେ, ତାହା ଜନସାଧାରଣଙ୍କୁ ଆଉ ଅଛପା ନାହିଁ। ଗତ ଆର୍ଥିକ ବର୍ଷରେ ବିଭିନ୍ନ ଜାତୀୟ ଓ ଆଞ୍ଚଳିକ ଦଳମାନେ ୮, ୩୩୫ କୋଟି ଟଙ୍କା ଚାନ୍ଦା ଆକାରରେ ପାଇଛନ୍ତି। ନିର୍ବାଚନୀ ବଣ୍ଡ ଜରିଆରେ ୨୦୧୮ ରୁ ୨୦୨୪ ମଧ୍ୟରେ ନିର୍ବାଚନୀ ଚାନ୍ଦାର ପରିମାଣ ୧୬ ହଜାର କୋଟି ଟଙ୍କା ଥିବା ବେଳେ ସାମଗ୍ରିକ ଭାବେ ଶାସକ ଦଳମାନଙ୍କ ଖାତାକୁ ଏଥିରୁ ୮୫% ଯାଇଛି। ଏହିଧାରାରେ ଭାରତ ଏକ ଜନକଲ୍ୟାଣ ରାଷ୍ଟ୍ରରୁ 'ଗୋଷ୍ଠୀତନ୍ତ୍ର' ରାଷ୍ଟ୍ରରେ ପରିଣତ ହେବାର ଧାରା ଆରମ୍ଭ ହୋଇସାରିଛି ବୋଲି ହେଉଥିବା ଅଭିଯୋଗରେ ଆଶ୍ଚର୍ଯ୍ୟ କିମ୍ବା ବିଚଳିତ ହେବାର ନାହିଁ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି

### କୃଷି ଓ କ୍ଷୁଦ୍ରଶିଳ୍ପର ବଳିଦାନ ମାଗୁଛି

ସିଦ୍ଧାର୍ଥ କର ମହାପାତ୍ର

ଭାରତ-ଆମେରିକା ଦ୍ୱାରା ସମ୍ପ୍ରତି ଘୋଷିତ ଚୂଡ଼ାନ୍ତ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିକୁ କେନ୍ଦ୍ର ସରକାର ଏକ ବଡ଼ ଆର୍ଥିକ ଓ କୂଟନୈତିକ ସଫଳତା ବୋଲି ପ୍ରଚାର କରୁଛନ୍ତି। ସରକାରୀ ବିବୃତ୍ତି ଅନୁସାରେ ଏହି ଚୁକ୍ତି ଭାରତୀୟ ରପ୍ତାନି ବଢ଼ାଇବ, ନୂଆ ନିଯୁକ୍ତି ସୃଷ୍ଟି କରିବ ଏବଂ ଭାରତକୁ ବିଶ୍ୱ ବାଣିଜ୍ୟରେ ଶକ୍ତିଶାଳୀ କରିବ। କିନ୍ତୁ ଏହି ଉତ୍ସାହଜନକ ଦାବି ପଛରେ ଦେଶର କୃଷକ ଓ କ୍ଷୁଦ୍ରଶିଳ୍ପ ପାଇଁ ଅନେକ ଗଭୀର ପ୍ରଶ୍ନ ଓ ଆଶଙ୍କା ଲୁଚି ରହିଛି।

ଏହି ଚୁକ୍ତିର ମୂଳ ଲକ୍ଷ୍ୟ ହେଉଛି ଦୁଇ ଦେଶ ମଧ୍ୟରେ ଶୁଳ୍କ ହ୍ରାସ କରି ବଜାରକୁ ଅଧିକ ଉନ୍ମୁକ୍ତ କରିବା। ଆମେରିକା ପରି ଏକ ଉନ୍ନତ ଓ ରିହାତି ପ୍ରାପ୍ତ ଅର୍ଥନୀତି ସହ ଭାରତର କୃଷି ଓ କ୍ଷୁଦ୍ରଶିଳ୍ପର ଏପରି ସିଧା ପ୍ରତିଦ୍ୱନ୍ଦ୍ୱିତା ଅବାସ୍ତବ। ଆମେରିକାର କୃଷି ଉତ୍ପାଦନ ବିଶାଳ ପୁଞ୍ଜି, ଆଧୁନିକ ପ୍ରଯୁକ୍ତି ଓ ସରକାରୀ ସହାୟତା ଉପରେ ଭିତ୍ତି କରିଥିବା ବେଳେ ଭାରତର କୃଷି ଏଯାବତ୍ ଭାଗଚାଷୀ, ନାମମାତ୍ର ଚାଷୀ, ଅନିଶ୍ଚିତ ବଜାର ଓ ପ୍ରାକୃତିକ ଦୁର୍ବିପାକ ଭଳି ଆହ୍ୱାନକୁ ସମ୍ମୁଖୀନ ହୋଇଆସୁଛି। ସରକାର କହୁଛନ୍ତି ଯେ ଧାନ, ଗହମ, ଡାଲି, ଦୁଧ, ଚିନି ଆଦିକୁ ଏହି ଚୁକ୍ତିରୁ ବାଦ ଦିଆଯାଇଛି। କିନ୍ତୁ ଏହି ଆଶ୍ୱାସନା ସ୍ଥାୟୀ ନୁହେଁ। ମଧ୍ୟବର୍ତ୍ତୀକାଳୀନ ଚୁକ୍ତିର ଅର୍ଥ ହେଉଛି ଆଗାମୀ ଦିନରେ ଆଉ ବଡ଼ ଚୁକ୍ତି ଏବଂ କଠିନ ସର୍ତ୍ତ। ଗତ ଅଭିଜ୍ଞତା କହୁଛି, ବିଶ୍ୱ ବାଣିଜ୍ୟର ଚାପରେ ଏପରି ସୁରକ୍ଷା ଧୀରେଧୀରେ ହଟିଯାଏ ଏବଂ ଶେଷରେ ସାଧାରଣ ଚାଷୀ କ୍ଷତି ସହେ।

ଆମେରିକୀୟ ପଶୁଖାଦ୍ୟ, ସୋୟାବିନ୍, ମକା ପ୍ରକ୍ରିୟାକୃତ ଖାଦ୍ୟ ଆକାରରେ ଭାରତୀୟ ବଜାରକୁ ପ୍ରବେଶ କଲେ ଘରୋଇ ଉତ୍ପାଦକ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ। ଆଜି ଯେଉଁ କୃଷକ ଋଣ, ଅଭାବୀ ବିକ୍ରି ଓ ପ୍ରାକୃତିକ ବିପର୍ଯ୍ୟୟ ସହ ଲଢୁଛନ୍ତି, ସେମାନଙ୍କ ପାଇଁ ଏହି ଚୁକ୍ତି ଆଉ ଏକ ସମସ୍ୟା ସୃଷ୍ଟି କରିବ। ସେହିପରି ଶୁଳ୍କ ହ୍ରାସ ହେଲେ ଆମେରିକୀୟ ଶିଳ୍ପ ପଦାର୍ଥ ଭାରତୀୟ ବଜାରରେ ଶସ୍ତା ହୋଇ ପହଞ୍ଚିବ। ସେମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ଭାରତୀୟ ଉଦ୍ୟୋଗୀଙ୍କ ପାଇଁ ପ୍ରାୟ ଅସମ୍ଭବ। ଏହା ଫଳରେ ଅନେକ ଛୋଟ କାରଖାନା ବନ୍ଦ ହେବାର ଆଶଙ୍କା ରହିଛି, ଯାହା ଗ୍ରାମୀଣ ଓ ସହର ଉଭୟ କ୍ଷେତ୍ରରେ ନିଯୁକ୍ତି ସଙ୍କଟ ସୃଷ୍ଟି କରିପାରେ।

ରଣନୈତିକ ସହଯୋଗିତା ନାମରେ ଯଦି ଭାରତ ନିଜ ଅର୍ଥନୈତିକ ସ୍ୱାଧୀନତାକୁ ଶିଥିଳ କରେ, ତେବେ ତାହା ଦୀର୍ଘକାଳୀନ ଭିତ୍ତିରେ ଦେଶ ପାଇଁ ହାନିକାରକ ହେବ। ଗୋଟିଏ ଶକ୍ତିଶାଳୀ ଦେଶର ଚାପକୁ ଅଧିକ ଗୁରୁତ୍ୱ ଦେବା ଦେଶ ସ୍ୱାର୍ଥ ପାଇଁ ଉଚିତ ନୁହେଁ। ବିଶ୍ୱ ସହ ବାଣିଜ୍ୟ ଅପରିହାର୍ଯ୍ୟ। କିନ୍ତୁ ବାଣିଜ୍ୟ ଚୁକ୍ତି ଯଦି ଦେଶର କୃଷକ, ଶ୍ରମିକ ଓ ଉତ୍ପାଦକଙ୍କୁ ଅସୁରକ୍ଷିତ କରେ, ତାହାକୁ ସଫଳତା ବୋଲି କୁହାଯାଇପାରିବ ନାହିଁ। ପ୍ରକୃତ ଉନ୍ନତି ତାହା, ଯାହାର ଫଳ ସବୁଠୁ ଦୁର୍ବଳ ଶ୍ରେଣୀ ପର୍ଯ୍ୟନ୍ତ ପହଞ୍ଚେ। ଏହିପରି ପରିସ୍ଥିତିରେ ଆବଶ୍ୟକ ହେଉଛି ସାର୍ବଜନୀନ ଆଲୋଚନା, ସଂସଦୀୟ ନିରୀକ୍ଷଣ , ପୂର୍ଣ୍ଣ ସ୍ୱଚ୍ଛତା ଓ ଦେଶବାସୀଙ୍କ ସମ୍ମୁଖରେ ଖୋଲା ଉପସ୍ଥାପନ। ନଚେତ୍, ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଉନ୍ନତି ନାମରେ କୃଷକ ଓ କ୍ଷୁଦ୍ରଶିଳ୍ପପତିଙ୍କ ବଳିଦାନର ଏକ ଉଦାହରଣ ହୋଇ ରହିବ।

ରଘୁନାଥପୁର(ବାରିପଦା),
ମୋ: ୯୬୮୧୬୩୫୦୮୬

### ପରାଧୀନତାର ରାସ୍ତା ଖୋଲିବ

ଡ. ବିଶ୍ୱଜିତ୍

ବ୍ରିଟିଶ ପରାଧୀନତାକୁ ଭାରତ ଭୁଲି ନ ଥିବା ବେଳେ ବର୍ତ୍ତମାନ ଭାରତ ସରକାର ଆମେରିକା ସହ କରିଥିବା ବାଣିଜ୍ୟ ଚୁକ୍ତି ପୁଣି ଆମକୁ ପରାଧୀନତାର ଅନ୍ଧକାର ଦିଗକୁ ନେଇଯାଇଛି। ଏହି ଚୁକ୍ତି ଯୋଗୁଁ ଭାରତୀୟ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ବନ୍ଦ ହୋଇଯିବା ସହ କୃଷି କ୍ଷେତ୍ର ବିଶେଷ ଭାବରେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଚୁକ୍ତି ଅନୁଯାୟୀ ଆମେରିକା ଭାରତୀୟ ବୟନ, ପୋଷାକ, ଚମଡ଼ା ଓ ଜୋତା ଉଦ୍ୟୋଗ, ପ୍ଲାଷ୍ଟିକ୍ ଓ ରବର ଉତ୍ପାଦ ଉପରେ ୧୮% ପାରସ୍ପରିକ ଶୁଳ୍କ ଲଗାଇବ। ଏହି ଶିଳ୍ପଗୁଡ଼ିକ ହେଉଛି ଭାରତର ରପ୍ତାନିର ମେରୁଦଣ୍ଡ ଏବଂ ଲକ୍ଷାଧିକ ଲୋକଙ୍କୁ ରୋଜଗାର ଦେଇଥାଏ। ଶୁଳ୍କ ବୃଦ୍ଧି ଫଳରେ ଏହି ଉତ୍ପାଦଗୁଡ଼ିକ ଆମେରିକାର ବଜାରରେ ବାଂଲାଦେଶ, ଭିଏତନାମ୍ ଆଦି ଉତ୍ପାଦ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାର କ୍ଷମତା ହରାଇବ। ଫଳସ୍ୱରୂପ ଭାରତ ରପ୍ତାନି ହ୍ରାସ ଏବଂ ରୋଜଗାର କ୍ଷତିର ଶିକାର ହେବ। ଭାରତରେ ଆମେରିକୀୟ କୃଷି ଉତ୍ପାଦ, ପଶୁ ଖାଦ୍ୟ, ବାଦାମ, ସୋୟାବିନ୍ ତେଲ, ସେଓ ଆଦି ଫଳ ଓ ଡ୍ରାଏଫ୍ରୁଟ ଉପରେ ଆମଦାନୀ ଶୁଳ୍କ ନ ରହିବା ଫଳରେ ଉନ୍ନତ କୃଷି, ପ୍ରଯୁକ୍ତି ଓ ପ୍ରଚୁର ରିହାତିଯୁକ୍ତ ଆମେରିକୀୟ କୃଷିଜାତ ଦ୍ରବ୍ୟ ଭାରତୀୟ କୃଷକମାନଙ୍କୁ କାଙ୍ଗାଳ କରିଦେବ।

ଏହି ଚୁକ୍ତିରେ ରହିଥିବା ସର୍ତ୍ତ ଅନୁସାରେ ଭାରତ ରୁଷରୁ ଶସ୍ତା ପେଟ୍ରୋଲିୟମ ଖରିଦ ନକରି ଆମେରିକା ବା ଏହା ଅଧୀନସ୍ଥ ଭେନେଜୁଏଲାରୁ ମାହାଙ୍ଗା ତେଲ କିଣିବାକୁ ବାଧ୍ୟ ହେବ। ଗତ ଚାରିମାସରେ ଭାରତୀୟ ତୈଳ କମ୍ପାନୀମାନେ ରୁଷରୁ ଶସ୍ତା ତେଲ କିଣିବା ଦ୍ୱାରା ଆମେ ପ୍ରାୟ ତେପନ ହଜାର କୋଟି ଟଙ୍କା ଲାଭ ପାଇଛନ୍ତି। ଆମେରିକାରୁ କିଣିଲେ ଭାରତ ଉପରେ ଏହା ବଡ଼ ବୋଝ ହେବ। ସବୁଠୁ ଅପମାନଜନକ କଥା ହେଉଛି, ଯଦି କେବେ ଭାରତ ରୁଷରୁ ତେଲ କିଣିବାକୁ ଚେଷ୍ଟା କରେ ତେବେ ଆମେରିକା ଆମ ଉପରେ ମନଇଚ୍ଛା କର ଲଗାଇବାର ଧମକ ଏହି ଚୁକ୍ତିରେ ରହିଛି। ସେହିଭଳି ଆମେରିକାର ଧମକରେ ଇରାନର ଚାବାହର ବନ୍ଦରରେ ୧୧୦୦କୋଟି ଟଙ୍କା ଖର୍ଚ୍ଚ କରି ସୁଦ୍ଧା ଭାରତ ସେଠାରୁ ଫେରିଆସିବ।

ଆମେରିକା-ବାଂଲାଦେଶ ବାଣିଜ୍ୟ ଚୁକ୍ତିରେ କପା ଓ ଅନ୍ୟ ବସ୍ତ୍ର ସାମଗ୍ରୀ ଆମେରିକାରୁ ଖରିଦ କଲେ ବାଂଲାଦେଶ ବିନା ଆମଦାନୀ ଶୁଳ୍କରେ ଖରିଦ କରିବାକୁ ଥିବାରୁ ଏହାଦ୍ୱାରା ଭାରତର କପା ଓ ଅନ୍ୟାନ୍ୟ ସାମଗ୍ରୀ ରପ୍ତାନୀର ଚାଳିଶ ପ୍ରତିଶତ ପ୍ରଭାବିତ ହେବ। ସେହିପରି ବିଦେଶ ନୀତି କ୍ଷେତ୍ରରେ ଭାରତର ସ୍ୱାଧୀନତା ବିପନ୍ନ ହେବା ସହ ରପ୍ତାନି କ୍ଷେତ୍ରରେ ସ୍ୱାୟତ୍ତତା ଲୋପ ପାଇ ଦେଶର ଅର୍ଥନୈତିକ ସାର୍ବଭୌମତ୍ୱ ସମାପ୍ତ ହେବ।

ଭୁବନେଶ୍ୱର ମୋ : ୯୪୩୭୨୧୮୭୧୭

## ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

### ଅଗସ୍ତି
(Agasti or White Dragon Tree or Vegetable Hummingbird)

ସୌଭାଗ୍ୟସୁନ୍ଦର

ଅଗସ୍ତି ମାଲେସିଆର ଏକ ମୂଳ ଜାତ ଉଦ୍ଭିଦ। ଏହା ଭାରତ, ଇଣ୍ଡୋନେସିଆ, ମିଆଁମାର, ଫିଲିପାଇନ୍ସ, ଶ୍ରୀଲଙ୍କା ସମେତ ବିଶ୍ୱର ଅନେକ ଅଞ୍ଚଳରେ ଚାଷ କରାଯାଏ। ଫୁଲଗୁଡ଼ିକ ବଗ ପକ୍ଷୀ ପରି ଦେଖିବାକୁ ସୁନ୍ଦର। କିଛି ସ୍ଥାନରେ ଏହାକୁ ସ୍ଥାନୀୟ ଭାବରେ 'ଗୁଞ୍ଜିଫୁଲ' କୁହାଯାଏ। ଅଗଷ୍ଟ (ଶରତ) ମାସରେ ଏହାର ଫୁଲ ଫୁଟୁଥିବାରୁ ଏହାକୁ 'ଅଗସ୍ତି ଉଦ୍ଭିଦ' ମଧ୍ୟ କୁହାଯାଏ। ଧର୍ମଧାରଣାରେ ହିମାଳୟରେ ଆୟୁର୍ବେଦିକ ରସାୟନ ପଦ୍ଧତି ଅଭ୍ୟାସ କରୁଥିବା ପ୍ରସିଦ୍ଧ 'ଅଗସ୍ତି' ମୁନିଙ୍କ ନାମରେ ଏହାର ନାମକରଣ କରାଯାଇଛି। ଅଗସ୍ତି ଫୁଲ ଭଗବାନ ଶିବଙ୍କୁ ଅର୍ପଣ କରାଯାଏ।

ଅଗସ୍ତି ଏକ ଦ୍ରୁତ ବଢୁଥିବା ନରମ କାଷ୍ଠଯୁକ୍ତ ବହୁବର୍ଷୀୟ ବୃକ୍ଷ। ପ୍ରାୟ ୨୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢୁଥିବା ଏହି ବୃକ୍ଷର ଶାଖାଗୁଡ଼ିକ କାଣ୍ଡର ଶୀର୍ଷରେ ଏକ ଖୋଲା ମୁକୁଟ ଭଳି ଝୁଲି ରହିଥାଏ। କାଣ୍ଡ ଓ ଡାଳରେ ପତ୍ରଝଡ଼ା ଦାଗ ସ୍ପଷ୍ଟ ଦେଖାଯାଏ। ପତ୍ରଟି ଡେମ୍ଫ ଯୁକ୍ତ, ସମପକ୍ଷଳ ଯୌଗିକ, ୧୦-୨୦ ପତ୍ରକ ଧାରଣ କରିଥାଏ। ଫୁଲଗୁଡ଼ିକ ବୃନ୍ତଯୁକ୍ତ, ଲମ୍ବାଳିଆ, ଡଙ୍ଗା ଆକୃତିର, ଧଳା, ଲାଲ କିମ୍ବା ଗୋଲାପୀ, ସୁଗନ୍ଧିତ, ଆକାରରେ ବଡ଼ ଓ ଆକର୍ଷଣୀୟ। ଫଳଟି ଶିମ୍ବ ଭଳି ଲମ୍ବା, ପତଳା। ପ୍ରତ୍ୟେକଟିରେ ପ୍ରାୟ ୧୫- ୩୦ ଟି ବିହନ ଥାଏ। ଏହା ଅଗଷ୍ଟରୁ ନଭେମ୍ବର ମଧ୍ୟରେ ଫୁଲ ଧରିଥାଏ।

ଅଗସ୍ତି ବୃକ୍ଷର ସମସ୍ତ ଅଂଶ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ। ଏହା ତିନୋଟି ଦୋଷ ଯଥା ବାତ, ପିତ୍ତ ଓ କଫକୁ ସନ୍ତୁଳିତ କରେ। ମୁଖ୍ୟତଃ କଫ ଦୋଷକୁ ଦୂର କରେ, ଯାହା ବିଭିନ୍ନ ରୋଗକୁ ପ୍ରତିରୋଧ କରିବାରେ ସାହାଯ୍ୟ କରେ। ଏଥିରେ ଜ୍ୱର, ଅନ୍ଧାରକଣା, ନାକରୁ ପାଣି ବୋହିବା, ଖାଦ୍ୟ ବିଷାକ୍ତତା, କୋଷ୍ଠକାଠିନ୍ୟ, ସଂକ୍ରମଣ, ପେଟ ଯନ୍ତ୍ରଣା, ଯକୃତ ଓ ପ୍ଲୀହା ରୋଗ, ଫୁଲା, ଦୁର୍ବଳତା, ବାନ୍ତି, ମୁଣ୍ଡ ବୁଲା, ମଧୁମେହ, ମ୍ୟାଲେରିଆ, ମୁଖ ଓ ଗଳା ସମସ୍ୟା, ମ୍ୟାଲେରିଆ, ଗଣ୍ଠି ଯନ୍ତ୍ରଣା, ପ୍ରଦାହ, ଆଲଜାଇମର, ମାଇଗ୍ରେନ୍, ଶାରୀରିକ ଓ ମାନସିକ ଦୁର୍ବଳତା, କୃମି, ରକ୍ତସ୍ରାବ, ଲ୍ୟୁକୋରିଆ ଆଦି ରୋଗ ଉପଶମର ପ୍ରଚୁର ଔଷଧୀୟ ତତ୍ତ୍ୱ ରହିଛି। ଏଥିଣେ ମଧ୍ୟ କର୍କଟ ରୋଗ ପ୍ରତିରୋଧୀ ଗୁଣ ଅଛି। ସ୍ମୃତିଶକ୍ତିକୁ ଉନ୍ନତ କରିବାରେ ଅଗସ୍ତି ଏକ ଅବ୍ୟର୍ଥ ଔଷଧ। ଏହାର ଗର୍ଭନିରୋଧକ ଗୁଣ ଯୋଗୁଁ ଗର୍ଭାବସ୍ଥାରେ ସେବନକୁ ବାରଣ କରାଯାଇଛି।

ଶୁଖିଲା ପତ୍ରଗୁଡ଼ିକୁ ଚା' ଭାବରେ ସେବନ କରାଯାଏ। ସ୍ୱାଦିଷ୍ଟ ରେସିପି ବା ଖାଦ୍ୟ ତିଆରି କରିବା ପାଇଁ ପତ୍ର, ଫୁଲ ଏବଂ ଫଳକୁ ରୋଷେଇରେ ବ୍ୟବହାର କରାଯାଏ। କଅଁଳ ପତ୍ର ଓ ଫଳକୁ ପନିପରିବା ଭାବରେ ଖିଆଯାଏ। ଭାରତରେ ଏହାକୁ ରସୁଣ, ହଳଦୀ, ମୁଗ ଡାଲି, ସୋରିଷ, ପିଆଜ, କଞ୍ଚା ଲଙ୍କା ହିଙ୍ଗୁ ଏବଂ ଲୁଣ ସହିତ ସିଝାଇ ଖିଆଯାଏ। ଏହାକୁ ଗୃହପାଳିତ ପ୍ରାଣୀଙ୍କ ପାଇଁ ଉଚ୍ଚ ପୁଷ୍ଟିକର ଖାଦ୍ୟ ଭାବରେ ମଧ୍ୟ ବ୍ୟବହାର କରାଯାଏ, କିନ୍ତୁ ଏହା କୁକୁଡ଼ାମାନଙ୍କ ପାଇଁ ଘାତକ। ଅଗସ୍ତି ଗଛର କାଠ ସାଧାରଣତଃ ଛୋଟ ଫର୍ନିଚର ତିଆରି ପାଇଁ ବ୍ୟବହାର କରାଯାଏ। ଏହି ଗଛର ରସ ହୀରାକୁ ବିଶୋଧନ କରିବାରେ ସାହାଯ୍ୟ କରିପାରେ।

ଅଗସ୍ତିର ଫାଇଟୋକେମିକାଲ୍ ବା ଜୈବ ରାସାୟନିକ ବିଶ୍ଳେଷଣରୁ ଜଣାଯାଏ ଯେ ଏଥିରେ ଆଲକାଲଏଡ୍, ଫ୍ଲାଭୋନଏଡ୍, ସାପୋନିନ୍, ଫିନୋଲ୍ସ, ଟାନିନ୍, ଟର୍ପେନୋଏଡ୍ସ, କ୍ୱିନୋନ୍ସ, ଷ୍ଟେରଏଡ୍ସ ଓ ପ୍ରୋଟିନର ଉପସ୍ଥିତି ରହିଛି। ଏହା ଭିଟାମିନ୍ ସି, ଭିଟାମିନ୍ ବି୯, ଭିଟାମିନ୍ ବି୧ ଏବଂ ଭିଟାମିନ୍ ବି୨, ଫୋଲେଟ୍, ଲୌହ, ସେଲେନିୟମ୍ ଇତ୍ୟାଦି ପୁଷ୍ଟିକର ତତ୍ତ୍ୱ, ଭିଟାମିନ୍ ଓ ଖଣିଜ ପଦାର୍ଥର ଏକ ଭଲ ଉତ୍ସ। ଏହା ପ୍ରୋଟିନ୍ ଓ ଟ୍ରିପ୍ଟୋଫାନ୍, ଥ୍ରେଓନାଇନ୍, ଆଇସୋଲିଉସିନ୍, ଲ୍ୟୁସିନ୍, ଲାଇସିନ୍ ଭଳି ଆମିନୋ ଏସିଡ୍‌ରେ ଭରପୂର।

ଅଗସ୍ତି ସହଜରେ ବିହନ ଦ୍ୱାରା ପୁନଃଉତ୍ପାଦିତ ହୁଏ। ଉଦ୍ଭିଦୀୟ ବଂଶବୃଦ୍ଧି କାଣ୍ଡ ଏବଂ ଡାଳ କଟାରୁ ମଧ୍ୟ କରାଯାଇପାରିବ। ଅଗସ୍ତି ପ୍ରାୟତଃ ଧାନକ୍ଷେତ ମଧ୍ୟରେ ଚାଷ କରାଯାଏ ଏବଂ ଏକ ଚାରା ଗଛ ଭାବରେ ଆନ୍ତଃଫସଲ କରାଯାଏ। ଏହା ଏକ ମରୁଡ଼ି ସହିଷ୍ଣୁ ଏବଂ କ୍ଷୀପ୍ରଗତିରେ ବଢୁଥିବା ଛାୟାପ୍ରଦାନକାରୀ ଉଦ୍ଭିଦ। ଉତ୍କୃଷ୍ଟ ମାଟି, ଉଷ୍ମ ଏବଂ ଆର୍ଦ୍ର ଜଳବାୟୁରେ ଭଲ ଭାବରେ ବଢ଼ିଥାଏ। ବାୟୋମାସ ବା ଜୈବପୃଷ୍ଟ ଉଦ୍ଭିଦ ହୋଇଥିବାରୁ ମାଟିର ଉର୍ବରତା ବୃଦ୍ଧି କରିବାରେ ସାହାଯ୍ୟ କରେ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଆରପାରିରେ କୋକିଳକଣ୍ଠୀ ଗୀତା ପଟ୍ଟନାୟକ

କଟକ, ୧୫।୨(ସମିସ): ଆଉ ନାହାନ୍ତି ଓଲିଉଡ୍‌ର ବିଶିଷ୍ଟ କଣ୍ଠଶିଳ୍ପୀ ତଥା ଆକାଶବାଣୀ ଓ ଦୂରଦର୍ଶନର ଟପ୍-ଗ୍ରେଡ୍ ଗାୟିକା ଗୀତା ପଟ୍ଟନାୟକ। 'ଫୁର୍ କିନା ଉଡ଼ିଗଲା ବଣି' ସଂଗୀତର ମୂର୍ଚ୍ଛନାରେ ଅଗଣିତ ଶ୍ରୋତାଙ୍କୁ ବାନ୍ଧି ରଖିଥିବା ଗୀତାଙ୍କ ଜୀବନ ପକ୍ଷୀ ଉଡ଼ିଯାଇଛି ଆରପାରିକୁ। ସେ ଗୁରୁତର ଭାବେ ଅସୁସ୍ଥ ହୋଇ କଟକର ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ଆଜି ସନ୍ଧ୍ୟା ୬ଟା ୧୮ ରେ ତାଙ୍କର ପରଲୋକ ଘଟିଛି। ତାଙ୍କୁ ୭୧ ବର୍ଷ ହୋଇଥିଲା।

ଗତ ୧୨ତାରିଖରେ ଭୁବନେଶ୍ୱରରେ ଏକ ସାହିତ୍ୟ କାର୍ଯ୍ୟକ୍ରମରେ ସେ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସେଠାରେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରୀକ୍ଷାରୁ ଗୀତାଙ୍କ ମସ୍ତିଷ୍କାଘାତ ହୋଇଥିବା ଜଣାପଡ଼ିଥିଲା। ପରେ କଟକର ଏକ ଘରୋଇ ହସ୍ପିଟାଲକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଆଜି ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା କ୍ଷଣି ଓଡ଼ିଶା ସଂଗୀତ ଓ ସାହିତ୍ୟଜଗତରେ ଶୋକର ଛାୟା ଖେଳି ଯାଇଛି। ଓଲିଉଡ୍‌ର କଳାକାର, ଓଡ଼ିଆ ସଂଗୀତପ୍ରେମୀ ଏବଂ ବନ୍ଧୁ ପରିବାରବର୍ଗ ହସ୍ପିଟାଲ୍‌ରେ ଗୀତାଙ୍କ ଶେଷ ଦର୍ଶନ କରିଥିଲେ। ଆସନ୍ତାକାଲି ସତୀଚଉରାଠାରେ ତାଙ୍କ ଶେଷକୃତ୍ୟ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।

ଗୀତା ଓଡ଼ିଆ ସଂଗୀତ ଜଗତର ଜଣେ ଉଜ୍ଜ୍ୱଳମୟ ତାରକା। ନିଜର ସୁମଧୁର କଣ୍ଠ ପାଇଁ ସେ ଓଡ଼ିଶାର ଘରେଘରେ ପରିଚିତ। ବିଭିନ୍ନ ଓଡ଼ିଆ ସିନେମା, ଭଜନ, ଜଣାଣ, ଓ ଲୋକଗୀତରେ କଣ୍ଠଦାନ କରିଛନ୍ତି। ତାଙ୍କର ଅନେକ ଲୋକପ୍ରିୟ ଗୀତ ଅତ୍ୟନ୍ତ ଭକ୍ତିପୂର୍ଣ୍ଣ ଏବଂ ଆବେଗପୂର୍ଣ୍ଣ। ଶ୍ରୀ ଜଗନ୍ନାଥଙ୍କ ଭଜନ ଏବଂ ଅନ୍ୟାନ୍ୟ ଭଗବାନଙ୍କ ଜଣାଣ ଗାଇ ସେ ଓଡ଼ିଆଙ୍କ ହୃଦୟ ଜିଣିଥିଲେ। ୧୯୫୪ ମସିହା ଡିସେମ୍ବର ୧୦ ତାରିଖରେ ଗୀତା କଟକ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ। ଗୀତା ପ୍ରଥମେ ରେଡିଓରୁ ସ୍ୱରସମ୍ରାଜ୍ଞୀ ଲତା ମଙ୍ଗେସକର୍‌ଙ୍କ ଗୀତ ଶୁଣି ନିଜେ ନିଜେ ଗାଇବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ତାଙ୍କର ଜଣେ ସମ୍ପର୍କୀୟ ଭଉଣୀ ଗୀତ ଶିଖୁଥିଲେ। ଦିନେ ସେ ତା' ସାଙ୍ଗରେ ଯାଇ ଗୁରୁଙ୍କ ନିକଟରେ ଗୀତ ଗାଇଲେ। ତାଙ୍କୁ ଗୁରୁ କହିଲେ ତୁ ଭଲ ଗାଉଛୁ-ଅଭ୍ୟାସ କଲେ ନିଶ୍ଚିତ ଭଲ ହେବ। ସେବେଠାରୁ ଗୀତାଙ୍କର ବଢ଼ିଯାଇଥିଲା ସଙ୍ଗୀତ ଆଗ୍ରହ। ଆଉ ତା' ପରେ ସେ ପଛକୁ ବୁଲି ଚାହିଁନଥିଲେ।



ସେ ୧୯୬୫ରେ 'କଟକ କଳା ବିକାଶ କେନ୍ଦ୍ର'ରେ ନାମ ଲେଖାଇଥିଲେ। ତାଙ୍କର ପ୍ରଥମ ଗୁରୁ ଥିଲେ ରଘୁନନ୍ଦ ଏବଂ ତା' ପରେ ରାଖାଲ ଚନ୍ଦ୍ର ମହାନ୍ତି ଓ ବାଳକୃଷ୍ଣ ଦାସଙ୍କଠାରୁ ଗୀତ ଶିଖିଥିଲେ। କଳା ବିକାଶ କେନ୍ଦ୍ରରେ ୬ ବର୍ଷ ଗୀତ ଶିଖିଥିଲେ। ଆଉ ସେଠାରୁ 'ସଙ୍ଗୀତ ଭୂଷଣ' ପାସ୍ କରିଥିଲେ। ତା' ପରେ ଶିଶୁ ସଂସାର ଓ କିଶୋର ଚକ୍ରରେ ନିୟମିତ ଗୀତ ଗାଇବା ଆରମ୍ଭ କରିଥିଲେ। ସେ ୧୯୭୧ ମସିହାରେ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ହୋଇଥିଲେ। ଆକାଶବାଣୀରେ ତାଙ୍କର ପ୍ରଥମ ଗୀତ ଥିଲା 'ଜଗବନ୍ଧୁ ପରି ଜଣେ ସାମନ୍ତ'। ଅକ୍ଷୟ ମହାନ୍ତିଙ୍କ ପ୍ରଥମ ଗୀତ ଗାଇଥିଲେ 'ବଜାଏ ବେଣୁ'। ତା' ପରେ ଅକ୍ଷୟ ମହାନ୍ତିଙ୍କ ନିର୍ଦ୍ଦେଶନାରେ ବହୁତ ଗୀତ ଗାଇଥିଲେ। ସେ ମାତ୍ର ୧୫ ବର୍ଷ ବୟସରେ 'ଅଦିନ ମେଘ' ଚଳଚ୍ଚିତ୍ରରେ ପ୍ରଥମ ପ୍ରଚ୍ଛଦପଟ୍ଟ ଗାୟିକା ଭାବେ ଗୀତ ଗାଇଥିଲେ।

## ମୋହନ, ନବୀନଙ୍କ ଶୋକ

ଭୁବନେଶ୍ୱର,୧୫।୨(ସମିସ): ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ଦେହାନ୍ତ ବିଷୟରେ ଜାଣି ଅତ୍ୟନ୍ତ ଦୁଃଖିତ। ତାଙ୍କର ବିୟୋଗ ଓଡ଼ିଶାର ସଙ୍ଗୀତ ଓ ସଂସ୍କୃତି ପାଇଁ ଏକ ଅପୂରଣୀୟ କ୍ଷତି। ଏହି ଦୁଃଖଦ ସମୟରେ ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାର ସଦଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ଉଲ୍ଲେଖ କରିଛନ୍ତି। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ୍ସରେ ଉଲ୍ଲେଖ କରିଛନ୍ତି, ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ସୁମଧୁର କଣ୍ଠ ଓଡ଼ିଆ ସଙ୍ଗୀତକୁ ଘରେ ଘରେ ପହଞ୍ଚାଇଛି। ଅନେକ ଲୋକପ୍ରିୟ ସଙ୍ଗୀତ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନଙ୍କ ପ୍ରତି ନବୀନ ସମବେଦନା ଜଣାଇଛନ୍ତି।

■ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ପରିବହନ ପ୍ରକଳ୍ପର ସମୀକ୍ଷା

# ଆଞ୍ଚଳିକ ସଂଯୋଗୀକରଣକୁ ଗୁରୁତ୍ୱ

ଭୁବନେଶ୍ୱର,୧୫।୨(ସମିସ): ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଗସ୍ତ କରି ପ୍ରମୁଖ ବିମାନ ଚଳାଚଳ ଏବଂ ପରିବହନ ପ୍ରକଳ୍ପଗୁଡ଼ିକର ସ୍ଥିତି ସମୀକ୍ଷା କରିଛନ୍ତି। ଶ୍ରୀ ରାଜପୁତ ଉତ୍କେଳା ବିମାନବନ୍ଦର, ଜୟପୁର ବିମାନବନ୍ଦର ସମେତ ନବରଙ୍ଗପୁର ଓ ଭବାନୀପାଟଣାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଉତ୍କେଳା ବିମାନବନ୍ଦରରେ ସେ ବିମାନ ଚଳାଚଳ ପାଇଁ ପ୍ରସ୍ତୁତି, ଯାତ୍ରୀଙ୍କ ପାଇଁ ଥିବା ସୁବିଧା ଏବଂ ରନ୍-ୱେ ସଂପ୍ରସାରଣ ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। କେବିକେ ଅଞ୍ଚଳରେ ଆକାଶପଥରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରି ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଉପରେ ସେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ସେହିପରି ଜୟପୁର ବିମାନବନ୍ଦର ଗସ୍ତ କରି ଶ୍ରୀ ରାଜପୁତ ସେଠାକାର ଭିତ୍ତିଭୂମି ବିକାଶ, ସୁରକ୍ଷା ବ୍ୟବସ୍ଥା ଓ ଯାତ୍ରୀ ସେବାର ତଦାରଖ କରିବା ସହ ସ୍ଥାନୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସାଧାରଣ ଲୋକଙ୍କୁ ଶସ୍ତା ଏବଂ ନିର୍ଭରଯୋଗ୍ୟ ବିମାନ ସେବା ଯୋଗାଇ ଦେବା ପାଇଁ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିମାନ ସେବା ବ୍ୟତୀତ ସଡ଼କ ପରିବହନରେ ସଂସ୍କାର ଆଣିବା ଲକ୍ଷ୍ୟରେ ପ୍ରମୁଖ ଶାସନ ସଚିବ ଭବାନୀପାଟଣାସ୍ଥିତ ଓଏସ୍‌ଆର୍‌ଟିସି ଡିପୋ ଓ ବସଷ୍ଟାଣ୍ଡ ସମେତ ନବରଙ୍ଗପୁରରେ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧାର ସମୀକ୍ଷା କରିଥିଲେ। ବସଷ୍ଟାଣ୍ଡଗୁଡ଼ିକରେ ସ୍ୱଚ୍ଛତା, ଡିଜିଟାଲ୍ ଟିକେଟିଂ ଓ ବସ ଚଳାଚଳର ସଠିକ୍ ସମୟାନୁବର୍ତ୍ତିତା ସୁନିଶ୍ଚିତ କରିବା ସହ ଦୂରଦୂରାନ୍ତ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ବିଶେଷ ରୂପେ ନିର୍ଦ୍ଦେଶ ଦେଇଛନ୍ତି। କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ରାଜସ୍ୱ ଆଦାୟ ସ୍ଥିତିର ଅନୁଧ୍ୟାନ କରିବା ସହ ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ଡିଜିଟାଲ୍ ପ୍ରଣାଳୀର ବ୍ୟାପକ ଉପଯୋଗ ଓ ଯାଞ୍ଚ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ସେ କହିଛନ୍ତି।

**AFFIDAVIT**

By virtue of an affidavit sworn before the **Executive Magistrate, Puri, dated 19.01.2026,** I, Sarbeswar Biswal of Vill. sundar, P.O. Gadamrugasira, P.S. Chandanpur, Dist. Puri Odisha-752012, declare that I have changed my name from **SAMBHU BISWAL to SARBESWAR BISWAL.** Henceforth, I shall be known as **SARBESWAR BISWAL** for all purposes.

ମହିଳା ନେତ୍ରୀଙ୍କ ଉପରେ ମୋକିମଙ୍କ ଫୋକସ

# ମଦମୁକ୍ତ ରାଜ୍ୟ ଗଠନ ପାଇଁ ମହିଳାମାନଙ୍କ ଶପଥ



ଭୁବନେଶ୍ୱର,୧୫।୨(ସମିସ): ଜାତୀୟ ଯୁବ ଦିବସରେ ଯୁବ ସମାବେଶ। ଏହାପରେ ମହିଳା ନେତ୍ରୀଙ୍କ ସମାବେଶ, କୃଷକନେତାମାନଙ୍କ ସମାବେଶ ଓ ସାମାଜିକ କର୍ମୀମାନଙ୍କ ସମାବେଶ କରି ଏକ ନୂଆ ବିକଳ୍ପର ଆହ୍ୱାନ ଦେଇଛନ୍ତି ବରିଷ୍ଠ ନେତା ମହମ୍ମଦ ମୋକିମ। ଓଡ଼ିଶାରେ ଓଡ଼ିଆଙ୍କ ସ୍ୱାର୍ଥରକ୍ଷା ପାଇଁ ଆଉ ଏକ ନୂତନ ରାଜନୈତିକ ଦଳର ଆବଶ୍ୟକତା ଥିବା ଦର୍ଶାଇ ମୋକିମ୍ କ୍ରମାଗତ ଭାବେ ନିଜର ରାଜନୈତିକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏହି କ୍ରମରେ ସେ ନିଜର ନୂତନ ଦଳ ଆରମ୍ଭ କରିବା ପୂର୍ବରୁ ନିଜ ସହିତ ଅଧିକରୁ ଅଧିକ ମହିଳା ନେତ୍ରୀଙ୍କୁ ସାମିଲ କରାଇବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ରବିବାର ରାଜଧାନୀର ଶତାଧିକ ମହିଳା ନେତ୍ରୀ ମୋକିମଙ୍କ ସଂଗଠନରେ ସାମିଲ୍ ହୋଇଛନ୍ତି।

**ଶତାଧିକ ବିଜେପି ଓ କଂଗ୍ରେସ ନେତ୍ରୀଙ୍କ ଯୋଗଦାନ**

ସ୍ଥାନୀୟ ରୋଟାରୀ ଭବନରେ ଶୈଳବାଳା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏହି ସଭାରେ ମହମ୍ମଦ ମୋକିମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାଜରେ ମଦ ହିଁ ମହିଳାମାନଙ୍କ ପ୍ରତି ହେଉଥିବା ସମସ୍ତ ଅନ୍ୟାୟ ଅତ୍ୟାଚାରର ମୂଳ କାରଣ ବୋଲି କହିଥିଲେ। ତେଣୁ ତାଙ୍କର ଆଗାମୀ ରାଜନୈତିକ ଦଳ ମଦମୁକ୍ତ ଓଡ଼ିଶା ଗଢିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମୋକିମ କହିଥିଲେ। ଓଡ଼ିଶାକୁ ସାମାଜିକ ଓ ଅର୍ଥନୈତିକ ସୁଦୃଢ଼ କରିବା ପାଇଁ ପ୍ରଥମେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବାର ଆବଶ୍ୟକତା ରହିଛି ବୋଲି ସେ ବକ୍ତବ୍ୟ ଦେଇଥିଲେ। ଭୁବନେଶ୍ୱରର ସମସ୍ତ ୬୭ଟି ୱାର୍ଡର ମହିଳାନେତ୍ରୀମାନେ ସାହିବସ୍ତି ବୁଲି ଏହି ବାର୍ତ୍ତା ପହଞ୍ଚାଇବା ପାଇଁ ମୋକିମ ଉପସ୍ଥିତ ନେତ୍ରୀମାନଙ୍କ ସହ ଆଲୋଚନା କରିଥିଲେ।

ଏହି ସଭାରେ ପୂର୍ବତନ ମହିଳା କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦିକା ରେଣୁବାଳା ରଥ, ସାମାଜିକ କର୍ମୀ ଅନୁରାଧା ଦାଶ, ଆରଟିଆଇ ଆନ୍ଦୋଳନର ମହିଳା ରାଜ୍ୟ ସଭାପତି କଳ୍ପନା ସାହୁ, ପୂର୍ବତନ କଂଗ୍ରେସ ନେତ୍ରୀ ଅର୍ପିତା ପଟ୍ଟନାୟକ, ଆଇନଜୀବୀ ସୁବିଦିତା ରାୟ ପ୍ରମୁଖ ଉପସ୍ଥିତ ରହି ମହିଳା ସଂଗଠନକୁ ଭୁବନେଶ୍ୱରରେ ମଜଭୁତ କରିବା ପାଇଁ ଆଲୋଚନା କରିଥିଲେ। ବିଜେପି ମହିଳା ମୋର୍ଚ୍ଚାର ପୂର୍ବତନ ଭୁବନେଶ୍ୱର ସମ୍ପାଦିକା ପ୍ରଗତି ରଥ ତାଙ୍କର ଅନେକ ସମର୍ଥକଙ୍କ ସହିତ ଏହି ସଭାରେ ଉପସ୍ଥିତ ଥିଲେ।

ରାତିଅଧ ପର୍ଯ୍ୟନ୍ତ ଚାଲୁଥିଲା ଓଡି-୦୨ ବାର୍

# ଚଢ଼ଉ ବେଳେ ଅବକାରୀ ଅଧିକାରୀଙ୍କୁ ଠେଲାପେଲା

ଭୁବନେଶ୍ୱର, ୧୫।୨(ସମିସ): ଖାରବେଳ ନଗର ଥାନା ଅଞ୍ଚଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲିଥିବ ଏକ ବାର୍‌ରେ ଚଢାଉ ସମୟରେ ଅବକାରୀ ଅଧିକାରୀଙ୍କୁ ଠେଲାପେଲା ଓ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ବାର୍ କର୍ମଚାରୀମାନେ ଅବକାରୀ କର୍ମଚାରୀଙ୍କ କଲର ଧରି ଧକ୍କା ମାରିବା ସହ ନାଲି ଆଖି ଦେଖାଇଛନ୍ତି । ପୁଲିସ ଉପସ୍ଥିତିରେ 'ଆମ ଇଚ୍ଛାରେ ଆମେ ବାର୍ ଚଳାଇବୁ' ବୋଲି ବାର୍ କର୍ମଚାରୀଙ୍କ ଧମକ ଅବକାରୀ ଅଧିକାରୀଙ୍କୁ ତାଜୁବ୍ କରିଛି। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ଖାରବେଳନଗର ଥାନାରେ ଅଭିଯୋଗ ପରେ ପୁଲିସ ବାଧ୍ୟ ହୋଇ ବାର୍‌କୁ ସିଲ୍ କରିଛି ଓ ମ୍ୟାନେଜର ଅବିନାଶ ସାହୁଙ୍କୁ ଗିରଫ କରିଛି।



ରାତି ୧୨ଟା ସୁଦ୍ଧା ରାଜଧାନୀର ସମସ୍ତ ବାର ବନ୍ଦ କରିବା ନିମନ୍ତେ ଅବକାରୀ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ୧୨ଟା ୩୦ ପରେ କୌଣସି ବି ଲୋକ ବାର୍‌ରେ ଦେଖାଦେଲେ ଏହା ନିୟମର ଉଲଙ୍ଘନ ଧରାଯିବ ବୋଲି ମଧ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଫେବୃଆରୀ ୧୪ ତାରିଖ ରାତି ପ୍ରାୟ ୧ଟା ୧୫ ସମୟରେ ସହିଦନଗରସ୍ଥିତ ଓଡ଼ି-୦୨ ବାର୍ ବାହାରେ ବହୁ ସଂଖ୍ୟାରେ ଗାଡି ପାର୍କିଂ ହୋଇଥିବା ଓ ବାର୍‌ରେ ମଦ ପରସା ଯାଉଥିବା ସୂଚନା ଅବକାରୀ ବିଭାଗ ନିକଟରେ ପହଞ୍ଚିଥିଲା। ଅବକାରୀ ଅଧୀକ୍ଷକ ଓ ଉପ ଅଧୀକ୍ଷକଙ୍କ ନେତୃତ୍ୱରେ ଏକ ଟିମ୍ ବାରରେ ଚଢ଼ଉ କରିଥିଲା। ମାତ୍ର ବାର୍ ଭିତରକୁ ପ୍ରବେଶ କଲା ବେଳେ ସିକ୍ୟୁରିଟି ଗାର୍ଡ ଓ ବାଉନ୍ସର ଅବରୋଧ କରିଥିଲେ। ଶେଷରେ ଅବକାରୀ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଭୟ ଦେଖାଇବା ପରେ ସେମାନଙ୍କୁ ନିରାପତ୍ତାରକ୍ଷୀ ଭିତରକୁ ଛାଡ଼ିଥିଲା। ଅବକାରୀ ଅଧିକାରୀମାନେ ପ୍ରବେଶ କରିବା ପରେ ବାର୍ ସମ୍ପୂର୍ଣ୍ଣ ଭାବେ ଚାଲୁ ରହିଥିଲା। ଗ୍ରାହକଙ୍କୁ ମଦ ଆଉ ଖାଦ୍ୟ ପରସା ଯାଉଥିଲା।

## ବାର୍ ସିଲ୍, ମ୍ୟାନେଜର ଗିରଫ

ଅଧିକାରୀଙ୍କ ବାର୍ ବନ୍ଦ କରିବାକୁ ନିର୍ଦ୍ଦେଶକୁ କେହି ଖାତିର କରି ନ ଥିଲେ। ବାର୍‌ରେ ନିଯୁକ୍ତ ବାଉନ୍ସର ଓ କର୍ମଚାରୀ ଓଲଟି ଯୁକ୍ତିତର୍କ କରିବା ସହ ଅବକାରୀ ଅଧୀକ୍ଷକଙ୍କୁ ଅସଦବ୍ୟବହାର କରିଥିଲେ। ସେମାନଙ୍କ ମାଡ଼ରେ ଜଣେ ଅବକାରୀ କର୍ମଚାରୀ ଧକ୍କାଖାଇ ତଳେ ପଡ଼ିଯାଇଥିଲେ। ଏପରିକି ପୁଲିସ ଉପସ୍ଥିତିରେ ବାର୍ କର୍ମଚାରୀମାନଙ୍କ ଏପରି କାଣ୍ଡ ଅବକାରୀ କର୍ମଚାରୀମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଶେଷରେ ଅବକାରୀ ବିଭାଗ ପକ୍ଷରୁ ଖାରବେଳ ନଗର ଥାନାରେ ଏ ସଂକ୍ରାନ୍ତରେ ଏତଲା ଦିଆଯାଇଛି। କେବଳ ଏହି ଗୋଟିଏ ନୁହେଁ, ରାଜଧାନୀରେ ଅଧିକାଂଶ ବାର୍ ଏବେ ସମାନ ରାସ୍ତାରେ ଚାଲିଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ବାର୍ ଖୋଲୁଛି, ଆସର ବି ଜମୁଛି। ରାତି ୧୧ଟା ବାଜିଲା ମାତ୍ରେ ପୁଲିସ ଗାଡ଼ି ସାଇରନ୍ ଦେଇ ବଜାର ବୁଲୁଛି। ଚା-ପାନ ଦୋକାନୀଙ୍କୁ ନାଲିଆଖି ଦେଖାଉଛି । ମାତ୍ର ବାର୍‌ଗୁଡ଼ିକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲୁଥିବା ସତ୍ତ୍ୱେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସ ହାତ ଥରୁଛି ।

**AFFIDAVIT**

By virtue of an affidavit sworn before the **Executive Magistrate, Nabarangpur, vide no. 181, dated. 09.02.2026,** I, **BHUBAN BHATRA,** S/o - Damudhar Bhatra, permanent resident of Village - Digaguda, PO - Sanmasigam, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed my name from DHANMATI UTARA to BHUBAN BHATRA. Henceforth, I shall be known as **BHUBAN BHATRA** for all purposes.

Sd/- Bhuban Bhatra

**AFFIDAVIT**

By virtue of an affidavit sworn before the **Executive Magistrate, Nabarangpur, vide no. 189, dated 09.02.2026,** I, **MILKU GOUDA,** S/o- Anamu Gouda, permanent resident of Village - Bangalaguda, PO - Manchagam, PS - Khatiguda, Dist - Nabarangpur, Odisha, Pin - 764085, declare that I have changed my name from BASUDEV GAUDA to MILKU GOUDA. Henceforth, I shall be known as **MILKU GOUDA** for all purposes.

Sd/- Milku Gouda

**AFFIDAVIT**

By virtue of an affidavit sworn before the **Executive Magistrate, Nabarangpur, vide no 180, dated 07.02.2026,** I, **SHAIK KAIF,** S/o - Late. Shaik Noor Ayub, permanent resident of - Tota Street, Nabarangpur, PO - Nabarangpur, PS - Nabarangpur, Dist- Nabarangpur, Odisha, Pin - 764059, declare that I have changed my name from M.DI KEPH to SHAIK KAIF. Henceforth, I shall be known as **SHAIK KAIF** for all purposes.

Sd/- Shaik Kaif

# ଅବଶିଷ୍ଟାଂଶ

## ମହାଶିବରାତ୍ରୀରେ...

ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ ପାଇଁ ଗତକାଲି ରାତି ୨ଟାରୁ ଶ୍ରଦ୍ଧାଳୁମାନେ ଧାଡ଼ି ଲଗାଇଥିଲେ। ହାତରେ କେତକୀ, ଦୁଦୁରା, କିଆ ଫୁଲ ସହ ବେଲପତ୍ର, କ୍ଷୀର ଧରି ଲିଙ୍ଗରାଜଙ୍କ ଦର୍ଶନ ପାଇଁ ଅପେକ୍ଷା କରିଥିଲେ। ଭୋର ୩ଟାରୁ ସାଢ଼େ ୩ଟା ମଧ୍ୟରେ ମନ୍ଦିରର ପହୁଡ଼ ଖୋଲିବା ପରେ ମହାଦେବଙ୍କ ମଙ୍ଗଳ ଆଳତି ଓ ଅବକାଶ ହୋଇଥିଲା। ପରେ ସାଢ଼େ ୩ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ସାହଣମେଲା ଦର୍ଶନ ଚାଲିଥିଲା। ପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ସେହିପରି ଆଠଗଡ଼ର ଆରାଧ୍ୟ ବାବା ଧବଳେଶ୍ୱରଙ୍କ ପୀଠରେ ମଧ୍ୟ ଭକ୍ତଙ୍କ ନାହିଁ ନଥିବା ଭିଡ଼ ହୋଇଥିଲା। କେତକୀ ଫୁଲରେ ସଜେଇ ହୋଇ ବଡ଼ସିଂହାର ବେଶରେ ଶ୍ରଦ୍ଧାଳୁଙ୍କୁ ବାବା ଧବଳେଶ୍ୱର ଦର୍ଶନ ଦେଇଥିଲେ। ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସର ଶ୍ରୀଚନ୍ଦ୍ରଶେଖରଜୀଉ ମହାଦେବଙ୍କ ଦର୍ଶନ ପାଇଁ ମଧ୍ୟ ଶ୍ରଦ୍ଧାଳୁଙ୍କ ଲମ୍ବାଲାଇନ୍ ଦେଖିବାକୁ ମିଳିଥିଲା। ସେହିପରି ପଶ୍ଚିମ ଓଡ଼ିଶାର ପ୍ରମୁଖ ଶୈବପୀଠ ବଲାଙ୍ଗୀରର ହରିଶଙ୍କର, ଭଦ୍ରକ ଆରଡିର ବାବା ଆଖଣ୍ଡଳମଣି, କୋରାପୁଟର ଗୁପ୍ତେଶ୍ୱର ପୀଠ, ବାଲେଶ୍ୱରର ପଞ୍ଚଲିଙ୍ଗେଶ୍ୱର, ଚନ୍ଦନେଶ୍ୱର ଓ ଭୁଷଣ୍ଡେଶ୍ୱର, ସମ୍ବଲପୁରର ହୁମା, ନୟାଗଡ଼ର ବାବା ଲଡୁକେଶ୍ୱର, ପୁରୀର ବାବା ଲୋକନାଥ, ଜଗତସିଂହପୁରର ବାବା ଗୋରେଖନାଥ ଏବଂ ରାୟଗଡ଼ାର ପାତାଳେଶ୍ୱର ମନ୍ଦିର ସମେତ ରାଜ୍ୟର ସମସ୍ତ ଶୈବପୀଠରେ ଯଥାବିଧି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହେବା ସହିତ ମଧ୍ୟରାତ୍ରରେ ମହାଦୀପ ଉଠିଥିଲା।

## ବଢ଼ିଲା ଖରା...

ସମ୍ଭାବନା ରହିଥିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

ଅନ୍ୟପଟେ ଦିନ ଭଳି ଏଣିକି ରାତିର ତାପମାତ୍ରାରେ ମଧ୍ୟ ବୃଦ୍ଧି ଘଟିବ। ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟରେ ରାତିର ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବାକୁ ଥିବାରୁ ଥଣ୍ଡାର ପ୍ରଭାବ ହ୍ରାସ ପାଇବ। ପାଣିପାଗ କେନ୍ଦ୍ରର ଆକଳନ ଅନୁଯାୟୀ ମଙ୍ଗଳବାର ରାତିଠାରୁ ରାତିର ତାପମାତ୍ରାରେ ହ୍ରାସ ଘଟିବା ଆରମ୍ଭ ହେବ। ତେବେ ତାପମାତ୍ରା ହ୍ରାସ ହେଲେ ମଧ୍ୟ ରାଜ୍ୟରେ ରାତିବେଳେ ଥଣ୍ଡା ଅନୁଭୂତ ଜାରି ରହିବ। ବର୍ତ୍ତମାନ ପର୍ଯ୍ୟନ୍ତ ରାତିରେ କେବେଠାରୁ ଥଣ୍ଡା ସମ୍ପୂର୍ଣ୍ଣ ଅପସାରଣ ହୋଇଯିବ, ସେନେଇ କୌଣସି ସମ୍ଭାବନା ଦେଖାଦେଇ ନାହିଁ।

## କାଲିଠୁ ବିଧାନସଭାର...

କରିଛି। ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସ ଉପସ୍ଥିତ ରହିବା ସହ ଦଳର ଅନ୍ୟ ସମସ୍ତ ବିଧାୟକମାନେ ଉପସ୍ଥିତ ରହି ନିଜ ଦଳର ରଣନୀତି ପ୍ରସ୍ତୁତ କରିବା ନେଇ ଯୋଜନା ହୋଇଛି। ମଣ୍ଡି ଅବ୍ୟବସ୍ଥା, ମହିଳା ହିଂସା, ଆଇନଶୃଙ୍ଖଳା, ପୋଲାଭରମ୍, ମହାନଦୀ, ପିୟୁସିସି, ସଂରକ୍ଷଣ ପ୍ରସଙ୍ଗରେ ଗୃହରେ ହଲ୍ଲାବୋଲ ହେବା ନେଇ ପୂର୍ବରୁ ଆଭାସ ମିଳି ସାରିଛି। ଏହାସହିତ ଆନ୍ତଃରାଜ୍ୟ ବିବାଦ, ନାରୀ ନିର୍ଯାତନା, ଧାନ କିଣା ଅବ୍ୟବସ୍ଥା, ବେକାରି, ୟୁଜିସି ନୂଆ ନିୟମ, ମିଲର୍ସ-ସରକାର ସଂପର୍କ ଓ ଅଙ୍ଗନବାଡ଼ିରେ ଜାତିପ୍ରଥା ପ୍ରସଙ୍ଗରେ ସରକାରଙ୍କ ବିରୋଧରେ କଂଗ୍ରେସ ଯୁଦ୍ଧ ଦେହିଁ ଡାକରା ଦେବ ବୋଲି ସୂଚନା ମିଳିଛି। ଅନ୍ୟପଟେ ବିରୋଧୀଙ୍କୁ ଠିକଣା ଜବାବ ଦେବାକୁ ସରକାରୀ ଦଳ ମଧ୍ୟ ରଣନୀତି ପ୍ରସ୍ତୁତ କରିଛି।

## ୧୮ ମାସରେ...

ହଜାରରୁ ୫୦ ହଜାର, ତଦୁର୍ଦ୍ଧ ପାହ୍ୟାର ଅଧିକାରୀଙ୍କ ପାଇଁ ତହିଁରୁ ଅଧିକ, ମନ୍ତ୍ରୀମାନଙ୍କ ପାଇଁ ପ୍ରାୟ ଦୈନିକ ୭୦ ହଜାରରୁ ୧ ଲକ୍ଷ ଟଙ୍କା ବ୍ୟୟ ହେଉଛି । ସୁଇଟ୍ ପାଇଁ ଏହାର ମୂଲ୍ୟ ଦେଢ଼ ଲକ୍ଷରୁ ଅଧିକ ଏବଂ ଏହା ରାଜ୍ୟ ସରକାର ବହନ କରୁଛନ୍ତି । ଏହା ସତ୍ତ୍ୱେ ଯେଉଁ ଅଧିକାରୀମାନେ ଦିଲ୍ଲୀରେ ଦାପ୍ତରିକ କାର୍ଯ୍ୟପାଇଁ ଯାଉଛନ୍ତି, ସେଠାରେ ସେମାନଙ୍କ କାର୍ଯ୍ୟକଳାପ ଓଡ଼ିଶାର ମାନମର୍ଯ୍ୟାଦା କ୍ଷୁର୍ଣ୍ଣ କରୁଛି । ନିକଟରେ ସରକାରୀ କାର୍ଯ୍ୟରେ ଦିଲ୍ଲୀ ଗସ୍ତ କରିଥିବା ଜଣେ ସ୍ୱତନ୍ତ୍ର ସଚିବ ପାହ୍ୟାର ଓଏଏସ୍ ଅଧିକାରୀ ଓ ତାଙ୍କ ବନ୍ଧୁଙ୍କ କାର୍ଯ୍ୟକଳାପ ରାଜ୍ୟ କ୍ଷମତା ଅଳିନ୍ଦରେ ଆଲୋଡ଼ନ ସୃଷ୍ଟି କରିଛି । ଦିଲ୍ଲୀ ଆବାସିକ କମିଶନର ଘଟଣାର ତଦନ୍ତ ସହ ପୁରା ଘଟଣାର ସିସିଟିଭି ରିପୋର୍ଟ ସଂଗ୍ରହ କରିଛନ୍ତି ।

ସୂଚନା ଅନୁସାରେ ଫେବୃଆରୀ ୧୨ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଣକ୍ୟପୁରୀ ସ୍ଥିତ ଅଶୋକା ହୋଟେଲର ୬୩୮ ନମ୍ବର ଏକଜିକ୍ୟୁଟିଭ୍ ସୁଇଟ୍ ରାଜ୍ୟର ଜଣେ ସ୍ୱତନ୍ତ୍ର ସଚିବ ପାହ୍ୟାର ଓଏଏସ୍ ଅଧିକାରୀଙ୍କ ନାମରେ ବୁକିଂ କରାଯାଇଥିଲା। ଏହି ସୁଇଟ୍‌ର ଦୈନିକ ଭଡ଼ା ପ୍ରାୟ ୧୫ ହଜାର ଟଙ୍କା, ମାତ୍ର ସମ୍ପୃକ୍ତ ଅଧିକାରୀଙ୍କଠାରୁ ଦୈନିକ ଭଡ଼ା ଭାବଦରେ ୧୨୦ ଟଙ୍କା ଆଦାୟ ହେବ ଓ ଅବଶିଷ୍ଟ ଦେୟ ରାଜ୍ୟ ସରକାର ଭରଣା କରାଯିବାକୁ ବ୍ୟବସ୍ଥା ହେଲା। ଧାର୍ଯ୍ୟ ୧୨ ତାରିଖରେ ଅଧିକାରୀ ହୋଟେଲରେ ପହଞ୍ଚିଲେ ଓ ସେହିଦିନ ସନ୍ଧ୍ୟାରେ ଅବିଭକ୍ତ ପୁରୀ ଜିଲ୍ଲାର ଜଣେ ବିଜେପି ନେତା ତାଙ୍କ କୋଠରୀକୁ ଆସିଥିଲେ। ସମ୍ପୃକ୍ତ ଅଧିକାରୀ ଓ କଥିତ ବିଜେପି ନେତା ବିଳମ୍ବିତ ରାତି ପର୍ଯ୍ୟନ୍ତ କୋଠରୀ ମଧ୍ୟରେ ରହିଥିଲେ। ମାତ୍ର ରାତି ପ୍ରାୟ ୧୧ଟା ୪୦ ବେଳକୁ ଅଧିକାରୀଙ୍କ ସେହି କଥିତ ଅତିଥି କୋଠରୀରୁ ବାହାରିବା ବେଳେ ଆଉ ଚାଲିବା ଅବସ୍ଥାରେ ନ ଥିଲେ। ଶେଷରେ ହୋଟେଲର ଦୁଇଜଣ କର୍ମଚାରୀ ତାଙ୍କୁ ସାହାରା ଦେଇ ତଳକୁ ଆଣିବାକୁ ଉଦ୍ୟମ କରିବା ମଧ୍ୟରେ ସେ ପାଟିତୁଣ୍ଡ ଆରମ୍ଭ କରିଦେଲେ। ନିଜର ପରିଆରା ଦେଖାଇ ହୋଟେଲ କର୍ତ୍ତୃପକ୍ଷ ଓ ଅନ୍ୟ କର୍ମଚାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ଆରମ୍ଭ କରିଦେଲେ । ଯାହାକୁ ନେଇ ସେଠାରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା।

ଏ ସମ୍ପର୍କରେ ଅଭିଯୋଗ ପରେ ଦିଲ୍ଲୀସ୍ଥିତ ଆବାସିକ କମିଶନର ବିଶାଳ ଗଗନ ହୋଟେଲ ସିସିଟିଭି ଯାଞ୍ଚ କରିଛନ୍ତି । ମାତ୍ର ସେଠାରୁ ଆଉ କେଉଁ ତଥ୍ୟ ସେ ପାଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ତେବେ ରାଜ୍ୟ ସରକାରୀ ଅଧିକାରୀମାନଙ୍କୁ ତାରକା ହୋଟେଲରେ ରଖାଯିବା, ସେଠାରେ ତାଙ୍କ ଅତିଥିମାନେ ବିଭିନ୍ନ କାଣ୍ଡ କାରଖାନା କରି ଦେଶର ରାଜଧାନୀରେ ଓଡ଼ିଶାର ଛବି ମଳିନ କରିବା ରାଜ୍ୟବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ହୋଟେଲରେ ସିସିଟିଭି ଭିଡ଼ିଓ ସାର୍ବଜନୀନ କରିବା ପାଇଁ ମଧ୍ୟ ଏବେ ସାଧାରଣରେ ଦାବି ହୋଇଛି । ଅପରପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଘଟଣାର ଖୋଳତାଡ଼ ଆରମ୍ଭ ହୋଇଛି ।

## ସ୍ନାତକ ଫଳ...

ଓ ସ୍ନାତକ ମହାବିଦ୍ୟାଳୟ ସେମାନଙ୍କ ଶେଷ ସେମିଷ୍ଟାର ପରୀକ୍ଷା ସାରିବେ। ପରୀକ୍ଷା ସରିବାର ମାସକ ମଧ୍ୟରେ ଅର୍ଥାତ୍ ଜୁନ୍ ୧ ତାରିଖ ସୁଦ୍ଧା ପରୀକ୍ଷାଫଳ ପ୍ରକାଶ କରିବେ। ଏହି ସମୟ ଅବଧି ମଧ୍ୟରେ ଅନ୍ୟ ସେମିଷ୍ଟାର ପରୀକ୍ଷା ମଧ୍ୟ ଅନୁଷ୍ଠିତ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଯଦ୍ୱାରା ଶେଷ ସେମିଷ୍ଟାର ପରୀକ୍ଷା ଦେଉଥିବା ପିଲାଙ୍କ ଅନ୍ୟ ସେମିଷ୍ଟାରରେ ବ୍ୟାକ୍ ଲାଗିଥିଲେ ମଧ୍ୟ ପିଜି ନାମଲେଖାରେ ଅଂଶଗ୍ରହଣ କରିବାକୁ କୌଣସି ଅସୁବିଧା ଉପୁଜିବ ନାହିଁ। ଅପରପକ୍ଷରେ ପରୀକ୍ଷାଫଳ ପ୍ରକାଶ ପାଇବା ପୂର୍ବରୁ ଏକକ ପ୍ରବେଶିକା ପରୀକ୍ଷା ସିପିଇଟି ପାଇଁ ଆବେଦନ ଆରମ୍ଭ ହେବ। ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ଏଥିପାଇଁ ଛାତ୍ରଛାତ୍ରୀମାନେ ଆବେଦନ କରିବେ। ଆବେଦନ ଅବଧି ପ୍ରାୟ ମାସେ ରହିବ। ମେ ପ୍ରଥମ ସପ୍ତାହରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ କରିବାକୁ ଉଚ୍ଚଶିକ୍ଷା ବିଭାଗ ଲକ୍ଷ୍ୟ ରଖିଛି। ପୂର୍ବବର୍ଷ ପରି ଚଳିତ ଥର ମଧ୍ୟ ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି)କୁ ସିପିଇଟି ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଛି।

କରୋନା ପରେ ଶିକ୍ଷାବର୍ଷ ଚକ୍ରରେ ଅସମାନତା ଦେଖାଦେଇଥିଲା। ସ୍ନାତକ ପରୀକ୍ଷା ବିଳମ୍ବ ହେବା ସହ ରେଜଲ୍ଟ ପ୍ରକାଶ ଓ ପିଜି ନାମଲେଖା ମଧ୍ୟ ବିଳମ୍ବ ହେଉଥିଲା। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚଳିତବର୍ଷ ନାମଲେଖା ପ୍ରକ୍ରିୟା ଶୀଘ୍ର କରିବାକୁ ବିଭାଗ ଲକ୍ଷ୍ୟ ରଖିଛି। ମାତ୍ର ଗତବର୍ଷ ମଧ୍ୟ ଆଗୁଆ ନାମଲେଖା ପ୍ରକ୍ରିୟା ଆରମ୍ଭ କରିଥିଲେ ମଧ୍ୟ ବିଭାଗ ସଫଳ ହୋଇପାରି ନ ଥିଲା। ବିଭିନ୍ନ ପର୍ଯ୍ୟାୟରେ ନାମଲେଖା ସରିବା ବେଳକୁ ଅକ୍ଟୋବର ମାସ ହୋଇଗଲା। ପ୍ରାୟ ୫ ମାସ ଧରି ନାମଲେଖା ପ୍ରକ୍ରିୟା ଚାଲିବା ଯୋଗୁଁ ସଠିକ ସମୟରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବା ସମ୍ଭବ ହୋଇ ନ ଥିଲା। ଯାହାକୁ ଚଳିତ ବର୍ଷ ଅଧିକ ସୁଧାରିବାକୁ ବିଭାଗ ପକ୍ଷରୁ ପ୍ରୟାସ କରାଯାଉଛି।

**WANTED**

A well-established firm invites applications for the following positions:

1. **Senior Accountant - (1 No.)**
Experience : 10 yrs. above
2. **Junior Accountant - (1 No.)**
Experience : 2-5 yrs. above
3. **Supervisor - (2 Nos.)**
Experience : 2-5 yrs. above
4. **Sales Executive - (1 No.)**
Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to
Email: 19sanatang@gmail.com

Contact
7978386707

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION No-II, KEONJHAR
E-mail: eerw_kjr2@yahoo.com
********
25001/170/2526

**"e" Procurement Notice for Road Works**
**Identification No Online NCB - 17/2025-26.**

1. Name of the Work : Road Works
2. Total Number of Work : 02 Nos.
3. Estimated Cost : Rs. 17.00 Lakhs to Rs. 40.00 Lakhs
4. Class of Contractor : 'D'&'C' & 'B' Class
5. Period of Completion : As per annexure of e-Procurement Notice No.17/2025-26 .
6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Road Online NCB No. 17 | Dt.19.02.26 at 11.00 A.M. | Dt.26.02.26 up to 5.00 P.M. | Dt.25.02.26 up to 5.00 P.M. | Dt.27.02.2026 at 11.00 A.M. |

Further details can be seen from the Website www.tenderorissa.gov.in

Sd/-
Executive Engineer
R.W.Divn.No-II, Keonjhar

OIPR-25001/25093/1/25-26/0017

# ବାଲେଶ୍ୱର କର୍କଟ ହସ୍ପିଟାଲ ନିର୍ମାଣ ନିମ୍ନମାନର ଅଭିଯୋଗ





ବାଲେଶ୍ୱର, ୧୫।୨(ସମିସ)

ବାଲେଶ୍ୱର ଜିଲ୍ଲାର ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣଧୀନ ୩ ମହଲା ବିଶିଷ୍ଟ କର୍କଟ ହସପିଟାଲ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ ହୋଇଛି। ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ଢଳେଇ ପରେ ବିଭିନ୍ନ ସ୍ଥାନରେ ତଳପଟୁ ଲୁହାଛଡ଼ ଦେଖା ଯାଉଛି। ଯାହା ପୂର୍ତ୍ତ ବିଭାଗର ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଚିହ୍ନ ଛିଡ଼ା କରିଛି।

**ଢଳେଇ ପରେ ଦେଖା ଯାଉଛି ଲୁହା ଛଡ଼**

ବାଲେଶ୍ୱର ତଥା ନିକଟବର୍ତ୍ତୀ ଜିଲ୍ଲା ମାନଙ୍କରେ କର୍କଟ ରୋଗୀଙ୍କ ପାଇଁ ସରକାରୀ ସ୍ତରରେ କୌଣସି ଚିକିତ୍ସା ସେବା ନଥିବାରୁ ରୋଗୀମାନେ କଟକ ସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ହସପିଟାଲ ଉପରେ ନିର୍ଭର କରୁଥିଲେ। ଯାହାଦ୍ୱାରା ରୋଗୀମାନେ ଚିକିତ୍ସା ସେବା ପାଇବାରେ ବହୁ ଅସୁବିଧାରେ ସମ୍ମୁଖୀତ ହେଉଥିଲେ। ଯାହାକୁ ଉପଲବ୍ଧି କରି ତତ୍କାଳୀନ ବିଜେଡ଼ି ସରକାର ରେମୁଣାସ୍ଥିତ ଫକୀର ମୋହନ ମେଡ଼ିକାଲ କଲେଜ ଓ ହସପିଟାଲ ପରିସରରେ ୩ ମହଲା ବିଶିଷ୍ଟ କର୍କଟ ସେବା କେନ୍ଦ୍ର (ହସପିଟାଲ) ନିର୍ମାଣ କରାଯିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୩୧ କୋଟିରୁ ଉର୍ଦ୍ଧ ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର ହୋଇଥିଲା। ପରେ ସେବେଠାରୁ ଆଇରନ ଟେଙ୍ଗଲ ନାମକ ଠିକା ସଂସ୍ଥା ଟେଣ୍ଡର ନେଇ କାର୍ଯ୍ୟ ଜାରି ରଖିଛି। ଏପରିସ୍ଥଳେ ନିର୍ମାଣଧୀନ ହସପିଟାଲ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଥିବାର ଅଭିଯୋଗ ହୋଇଛି। କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗର ବାଲେଶ୍ୱର ଡିଭିଜନ ୨ କାର୍ଯ୍ୟାଳୟର ଯନ୍ତ୍ରୀ, ଏସଡିଓ, ଅଧିକ୍ଷଣ ଯନ୍ତ୍ରୀ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ କାର୍ଯ୍ୟର ସଠିକ ତଦାରଖ କରୁନଥିବାରୁ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଛି। ଏମିତି କି ଅନେକ ସ୍ଥାନରେ ଢଳେଇ ହୋଇ ସାରିବା ପରେ ତଳ ପଟୁ ଏକାଧିକ ଲୁହା ଛଡ଼ ଦେଖା ଯାଉଛି, ଯାହାକି କାର୍ଯ୍ୟର ସ୍ଥାୟିତ୍ୱ ଉପରେ ପ୍ରଶ୍ନଚିହ୍ନ ଛିଡ଼ା କରିଛି। କେବଳ ସେତିକି ନୁହଁ ନିର୍ମାଣ କାର୍ଯ୍ୟରେ ବାଲି ବଦଳରେ ମାଟି ଫିଲିଙ୍ଗ କରାଯାଉଥିବାର ଅଭିଯୋଗ ହୋଇଛି। ନିୟମ ମୁତାବକ ସରକାରୀ ଟଙ୍କା ରେ ହେଉଥିବା ନିର୍ମାଣ କାର୍ଯ୍ୟ କେଉଁ ବିଭାଗ କେତେ ଟଙ୍କାରେ କରାଉଛି, ତାହା ସୂଚନା ଫଳକ କାର୍ଯ୍ୟ ଆରମ୍ଭ ପୂର୍ବରୁ ଲଗାଇବାର ନିୟମ ଥିବା ସ୍ଥଳେ ଏବେ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚି ଥିବା ବେଳେ ବର୍ଷେ ବର୍ଷ ପରେ ବି ସୂଚନା ଫଳକ ନ ଲଗାଇ ଜନସାଧାରଣଙ୍କୁ ଅନ୍ଧାରରେ ରଖିଛି ପୂର୍ତ୍ତ ବିଭାଗ। ଦୀର୍ଘଦିନ ଧରି ବିଭିନ୍ନ ସ୍ଥାନରେ ଢଳେଇ ସରିବା ପରେ ତଳେ ଲୁହା ଛଡ଼ ଦେଖା ଯାଉଥିବା ବେଳେ ବିଭାଗୀୟ ଅଧିକାରୀ ଠିକା ସଂସ୍ଥା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଠିକା ସଂସ୍ଥା ନିମ୍ନମାନର କାର୍ଯ୍ୟ କରୁଥିବା ବେଳେ ଏଥିପ୍ରତି କାହାର ଅଙ୍କୁଶ ନାହିଁ। ସେପଟେ ସରକାରୀ ଟଙ୍କାରେ ନିର୍ମାଣ ହେଉଥିବା ଏହି କର୍କଟ ହସପିଟାଲରେ ଏଭଳି ନିମ୍ନମାନର କାର୍ଯ୍ୟ ଯୋଗୁଁ ହସପିଟାଲର ସ୍ଥାୟିତ୍ୱକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ସେପଟେ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଏବଂ ଅଧିକ୍ଷଣ ଯନ୍ତ୍ରୀଙ୍କ ଉପରିସ୍ଥ ଅଧିକାରୀ ହେଉଛନ୍ତି ମୁଖ୍ୟ ନିର୍ମାଣ ଯନ୍ତ୍ରୀ। ତାଙ୍କର ଅଧସ୍ତନ କର୍ମଚାରୀଙ୍କ କାର୍ଯ୍ୟକୁ ଯାଞ୍ଚ ଏବଂ ତଦାରଖ ଦାୟିତ୍ୱ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କର। ହେଲେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅଧିକ୍ଷଣ ଯନ୍ତ୍ରୀଙ୍କର କାର୍ଯ୍ୟକୁ ସଠିକ ତଦାରଖ ସହ ଯାଞ୍ଚ କରୁନଥିବାରୁ ଜିଲ୍ଲାରେ ପୂର୍ତ୍ତ ବିଭାଗ ପକ୍ଷରୁ ହେଉଥିବା ବିଭିନ୍ନ କାର୍ଯ୍ୟ ନିମ୍ନମାନର କରାଯାଉଥିବାର ଅଭିଯୋଗ ହେଉଛି।

## କ'ଣ କୁହନ୍ତି ଏମାନେ ...

- ଆଇରନ ଟେଙ୍ଗଲ ବଡ଼ କମ୍ପାନୀ କାମ କରୁଛି, ସେମାନେ ସ୍ପେସିଫିକେସନ ହିସାବରେ କାମ କରନ୍ତି। କ'ଣ ହେଉଛି ଦେଖିଦେବା।
  **ଦୁର୍ଗା ମାରାଣ୍ଡି, ଏସଡ଼ିଓ, ପୂର୍ତ୍ତ ବିଭାଗ**
- ମୁଁ ସିସିଇ, ମୁଁ କ'ଣ ସବୁ କାମ ଦେଖିବି ନା କଣ। ଜେଇ, ଏସଡ଼ିଓ, ଏସ.ଇ ଅଛନ୍ତି ସେମାନେ ଦେଖିବେ। ସେମାନଙ୍କ ଦାୟିତ୍ୱ ସେମାନେ ଦେଖିବେ, ମୋର ସେ ଦାୟିତ୍ୱ ନୁହଁ।
  **ମାନସ ସେଠୀ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବାଲେଶ୍ୱର, ପୂର୍ତ୍ତ ବିଭାଗ**
- ବାଲେଶ୍ୱର ଜିଲ୍ଲାରେ ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ପାଇଁ ବାଲେଶ୍ୱରବାସୀ ବହୁ ଘାତ ପ୍ରତିଘାତ ସହି ସଂଘର୍ଷ କରିଥିଲେ। ହେଲେ ପୂର୍ତ୍ତ ବିଭାଗ ମେଡ଼ିକାଲ ପରିସରରେ କରୁଥିବା ଏଭଳି ନିମ୍ନ ମାନର କାର୍ଯ୍ୟ ଅତ୍ୟନ୍ତ ପରିତାପର ବିଷୟ। ଏମିତି କି ଅଧସ୍ତନ କର୍ମଚାରୀ କରୁଥିବା କାର୍ଯ୍ୟର ତଦାରଖ ଏବଂ ଯାଞ୍ଚ ଦାୟିତ୍ୱ ଉପରିସ୍ଥ ଅଧିକାରୀଙ୍କ। ହେଲେ ପୂର୍ତ୍ତ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମୁଁ ସିସିଇ ମୁଁ କଣ ସବୁ କାମ ଦେଖିବି ବୋଲି କହିବା ଅତ୍ୟନ୍ତ ଲଜ୍ୟା ଜନକ। ପୂର୍ତ୍ତ ବିଭାଗ କରାଉଥିବା ଏହି କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ସହ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରୁଛି।
  **ମନୋଜ ନାୟକ, ସମ୍ପାଦକ, ବାଲେଶ୍ୱର ସିଭିଲ ସୋସାଇଟି**
- ସରକାର ବଦଳିବା ପରେ ନୂଆ ସରକାରରେ କାର୍ଯ୍ୟର ମାନ ଉଚ୍ଚ କୋଟିର ହେବ ବୋଲି ଆଶା ରଖିଥିଲୁ। ହେଲେ, ବର୍ତ୍ତମାନର ସରକାରରେ ବିଭିନ୍ନ ପୂର୍ତ୍ତ ବିଭାଗ କାର୍ଯ୍ୟରେ ଯନ୍ତ୍ରୀ, ଏସଡ଼ିଓ, ଅଧିକ୍ଷଣ ଯନ୍ତ୍ରୀ କାର୍ଯ୍ୟସ୍ଥଳକୁ ନିୟମିତ ଯାଉ ନାହାନ୍ତି। ଯାହାଫଳରେ ଠିକା ସଂସ୍ଥା ମନ ଇଚ୍ଛା ଭାବେ କାର୍ଯ୍ୟ କରୁଛି। ପୂର୍ତ୍ତ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ବାଲେଶ୍ୱର ମଧ ନିୟମ ମୁତାବକ ଇନିସ୍ପେକ୍ସନ ପାଇଁ ଯାଉ ନାହାନ୍ତି। ଯେଉଁଥିପାଇଁ କାର୍ଯ୍ୟର ମାନ ଖରାପ ହେଉଛି। ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରୁଛି।
  **ଅନ୍ତର୍ଯ୍ୟାମୀ ପ୍ରଧାନ, ସଭାପତି, ସିଭିଲ ସୋସାଇଟି**

## ଏଫ୍ଏମ୍ ଜୁନିୟର କଲେଜ ଛାତ୍ରୀଙ୍କ ସଫଳତା



ବାଲେଶ୍ୱର,୧୫।୨(ସମିସ): ଫକୀର ମୋହନ ଜୁନିୟର କଲେଜର ଯୁକ୍ତ ଦୁଇ ପ୍ରଥମ ବର୍ଷ କଳା ବିଭାଗର ଛାତ୍ରୀ ସୌମ୍ୟା ମହାନ୍ତି, ପ୍ରତିଯୋଗିତାମୂଳକ ବାଗ୍ମିତା ଏବଂ ବିତର୍କ କ୍ଷେତ୍ରରେ ଅନ୍ତର୍ଜାତୀୟ ମାନ୍ୟତା ହାସଲ କରିଛନ୍ତି। ସୌମ୍ୟା ନିକଟରେ ପ୍ରତିଷ୍ଠିତ 'ହାର୍ଭାର୍ଡ ଡିବେଟ୍ ଆନ୍ତର୍ଜାତୀୟ କ୍ୱାଲିଫାୟର ୟୁକେଟିଓସି ଆଇଏସଡିଆଇ ଅନଲାଇନ୍ ଟୁର୍ଣ୍ଣାମେଣ୍ଟ'ରେ ଜଣେ ବିଚାରକ ଭାବେ କାର୍ଯ୍ୟ କରିଛନ୍ତି। ଚଳିତ ମାସ ୨୩ ଏବଂ ୨୪ ତାରିଖରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟ ହେଉଛି କେଣ୍ଟକି ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଜେ.ଡବ୍ଲୁ. ପ୍ୟାଟରସନ୍ ଟୁର୍ଣ୍ଣାମେଣ୍ଟ ଅଫ୍ ଚାମ୍ପିଅନ୍ସ ପାଇଁ ଏକ ପ୍ରମୁଖ ଯୋଗ୍ୟତା ପର୍ଯ୍ୟାୟ କାର୍ଯ୍ୟକ୍ରମ। ହାର୍ଭାର୍ଡ ଡିବେଟ୍ କାଉନସିଲ୍ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ବିଶ୍ୱର ସର୍ବୋତ୍ତମ ବିତର୍କକ ଏବଂ ବକ୍ତାମାନେ ଅଂଶଗ୍ରହଣ କରିଥାନ୍ତି। ବାଲେଶ୍ୱରକୁ ଏକ ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ପ୍ରତିନିଧିତ୍ୱ କରି ସୌମ୍ୟା ଏହି ପ୍ରତିଯୋଗିତାର ପ୍ରାଥମିକ ଏବଂ କ୍ୱାର୍ଟର ଫାଇନାଲ୍ ରାଉଣ୍ଡଗୁଡ଼ିକରେ ବିଚାରକ ଦାୟିତ୍ୱ ତୁଲାଇଛନ୍ତି। ବିଚାରକ ଭାବରେ ସେମାନଙ୍କର ଭୂମିକା ପାଇଁ ସୌମ୍ୟା ମହାନ୍ତିଙ୍କୁ ଏହି ସମ୍ମାନଜନକ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ସାରା ବିଶ୍ୱର ଛାତ୍ରଛାତ୍ରୀଙ୍କ ପାଇଁ "ଟୁର୍ଣ୍ଣାମେଣ୍ଟ ଅଫ୍ ଚାମ୍ପିଅନ୍ସ'ରେ ପହଞ୍ଚିବା ପାଇଁ ଏକ ପ୍ରବେଶ ପଥ, ଯାହାକୁ ହାଇସ୍କୁଲ ବିତର୍କର ଶୀର୍ଷ ସ୍ତର ବୋଲି ବିବେଚନା କରାଯାଏ। ଅଧକ୍ଷା ଡ. ସୋନାଲିସା ମହାନ୍ତି, ପ୍ରଶାସନିକ ଅଧିକାରୀ ଡକ୍ଟର ସନ୍ତୋଷ ରାଉତ ଏବଂ କଲେଜର ଅନ୍ୟାନ୍ୟ କର୍ମକର୍ତ୍ତା ଓ ଛାତ୍ର ଛାତ୍ରୀ ସୌମ୍ୟାଙ୍କର ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ତାଙ୍କୁ ବିଶ୍ୱସ୍ତରୀୟ ଶ୍ରେଷ୍ଠତା ଆଡକୁ ଆଗେଇ ଯିବାକୁ ଉତ୍ସାହିତ କରିଛନ୍ତି।

## ଧର୍ମପରାୟଣ ମହିଳାଙ୍କ ପରଲୋକ

ଜଳେଶ୍ୱର,୧୫।୨(ସମିସ): ସ୍ଥାନୀୟ ଜଳେଶ୍ୱର ମିଲ କଲୋନୀସ୍ଥିତ ଧର୍ମପରାୟଣ ମହିଳା ବିଦ୍ୟୁତପ୍ରଭା ଜେନା (୭୯) ଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ଆଦର୍ଶ ଶିକ୍ଷକ ପ୍ରଫୁଲ୍ଲ କୁମାର ଜେନାଙ୍କ ଧର୍ମପତ୍ନୀ ବିଦ୍ୟୁତପ୍ରଭା ଅଞ୍ଚଳର ମିଷ୍ଟଭାଷୀ, ଧର୍ମପରାୟଣ ମହିଳା ଭାବେ ପରିଚିତ ଥିଲେ। ବିଦ୍ୟୁତପ୍ରଭାଙ୍କ ଶିବରାତ୍ରି ରବିବାର ଅପରାହ୍ନରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ବେଳେ ପୁଅ, ବୋହୁ, ନାତି, ନାତୁଣୀ, ଝିଅ, ଜ୍ୱାଇଁ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମର ଶରୀରକୁ ତାଙ୍କ ଗ୍ରାମ ଭୁରକୁଣ୍ଡାକୁ ଅଣା ଯାଇଥିଲା। ଶେଷ ଦର୍ଶନ ପାଇଁ ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚଣ୍ଡ, ମ୍ୟୁନିସିପାଲିଟି ଚେୟାରମ୍ୟାନ ପ୍ରତିପ ପ୍ରଧାନ, ସମାଜସେବୀ ସିଦ୍ଧାର୍ଥ ଶଙ୍କର ପାଳ, ସଂଜୀବ ପାଳ, ଆନନ୍ଦ କର, ଅରୁଣ ପରିଡ଼ା, ଅମଳେନ୍ଦୁ ସେନାପତିଙ୍କ ପ୍ରମୁଖ ଯୋଗଦେଇ ଶ୍ରୀମତୀ ମହିଳାଙ୍କର ଶେଷ ଦର୍ଶନ କରିଥିଲେ। ମୁଖାଗ୍ନି ସମୟରେ ବଡ଼ପୁଅ ମଧୁସୂଦନ ଜେନା ଉପସ୍ଥିତ ରହିବା ସହିତ ସାନ ପୁଅ ଆଦିକନ୍ଦ ଜେନା ମୁଖାଗ୍ନି ଦେଇଥିଲେ।

## ଅଲ୍ ଓଡ଼ିଶା ଷ୍ଟେଟ୍ ସିନିୟର ଏବଂ ଜୁନିୟର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବାଲେଶ୍ୱର,୧୫।୨(ସମିସ): ଫେବୃଆରୀ ୧୩ରୁ ଆରମ୍ଭ ହୋଇଥିବା ଅଲ୍ ଓଡ଼ିଶା ଷ୍ଟେଟ୍ ସିନିୟର ଏବଂ ଜୁନିୟର (୧୯ ବର୍ଷରୁ କମ୍) ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆଜି ବିଜୁପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଶେଷ ହୋଇଯାଇଛି। ବାଲେଶ୍ୱର ଖେଳାଳି ଆର୍ଯ୍ୟ ମାଝୀ ଫାଇନାଲରେ ସମ୍ବଲପୁରର ତହସିଫ ଖାନଙ୍କୁ ପରାସ୍ତ କରି ସିନିୟର ପୁରୁଷ ସିଙ୍ଗଲ୍ସ ଫାଇନାଲ ଜିତିଥିଲେ। ପୁରୁଷ ଡବଲ୍ସ ଇଭେଣ୍ଟରେ ବାଲେଶ୍ୱରର ଆଉ ଜଣେ ଖେଳାଳି ଅମୟ ନାୟକ ଏବଂ ତାହସିଫ୍ ଖାନ ରନର୍ସଅପ୍ ହୋଇଛନ୍ତି। ୧୯ ବର୍ଷରୁ କମ୍ ଖେଳାଳି ଜ୍ୟୋତିସୁରିଆ ପ୍ରେମାନିକ, ମାୟୋଙ୍କ ଭରଦ୍ୱାଜ ଏବଂ ଅଶ୍ୱିତା ପୋରିଚା ସେମିଫାଇନାଲିଷ୍ଟ ବାଳକ ସିଙ୍ଗଲ୍ସ ଆଣ୍ଡ ବାଳିକା ଡବଲ୍ସ ଇଭେଣ୍ଟ ଭାବରେ ସମାପ୍ତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୋନହରଲାଲ ପାଲା ଜୁଏଲରୀର ପରିଚାଳନା ନିର୍ଦ୍ଦେଶକ କମଲେଶ ପାଲା, ଓଏଏସଆଇଏସ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ଅଧକ୍ଷ ସଞ୍ଜୟ ସାହୁ,




ବାଲେଶ୍ୱର ପେଟ୍ରୋଲିୟମ ଆସୋସିଏସନର ସଚିବ ପ୍ରଦୀପ କୁମାର ସାହୁ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ତାରକାନ୍ତ ଦାସ, ଟୁର୍ଣ୍ଣାମେଣ୍ଟ ଅଧକ୍ଷ ଜଗମୋହନ ଜେନା ଏବଂ ଜିତେନ ଲେଙ୍କା, ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ସଚିବ ମନୋରଂଜନ ପଣ୍ଡା, ରାଷ୍ଟ୍ରପତି ଚିନ୍ମୟ ବିଶ୍ୱାଲ, ମୁଖ୍ୟ ରେଫରି ରିତା ଦାସ ଉପସ୍ଥିତ ଥିଲେ। ଅତିଥିମାନେ ସମସ୍ତ ଫାଇନାଲିଷ୍ଟଙ୍କୁ ଟ୍ରଫି, ନଗଦ ପୁରସ୍କାର ଏବଂ ପ୍ରମାଣପତ୍ର ବଣ୍ଟନ କରିଥିଲେ। ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ମଧ ସଫଳତାର ସହ ଇଭେଣ୍ଟ ପରିଚାଳନା କରିଥିବା ସମସ୍ତ ଅମ୍ପାୟାରଙ୍କୁ ଉପହାର ପ୍ରଦାନ କରି ସମ୍ମାନିତ କରିଛି। ଏହାସହିତ ବିଷ୍ଣୁ ପ୍ରତାପ ଖିଲାର ଏବଂ ଆୟୁଷ୍ମାନ ଖୁଣ୍ଟିଆଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ପୁରସ୍କାର ଏବଂ ଡକ୍ଟର ଲକ୍ଷ୍ମଣ ସାମଲ, ସତ୍ୟବ୍ରତ ସାହୁ ଏବଂ ଅନାସୁୟା ନାୟକ ସେମାନଙ୍କ ଡାକ୍ତରୀ ଦଳ ପାଇଁ ଧନ୍ୟବାଦ ପ୍ରଦାନ କରାଯାଇଥିଲା। ସେମାନଙ୍କ ବ୍ୟତୀତ ସରୋଜ ବେହେରା, ପ୍ରୀତିରଞ୍ଜନ ମହାନ୍ତି, ରାଜୀବ ସାହୁ ସୁଜୟ ନାୟକ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

## ଜାଗର ପାଇଁ ଚଳଚଞ୍ଚଳ ଲଙ୍ଗଳେଶ୍ୱର ଶୈବପୀଠ





ଲଙ୍ଗଳେଶ୍ୱର, ୧୫।୨ (ସମିସ) : ପବିତ୍ର ମହାଶିବ ରାତ୍ରୀ ଉପଲକ୍ଷେ ବାଲେଶ୍ୱର ଜିଲ୍ଲା ର ସର୍ବ ପୁରାତନ ବାବା ଲଙ୍ଗଳେଶ୍ୱର ଶୈବପୀଠ ରେ ଶ୍ରଦ୍ଧାଳୁ ମାନଙ୍କ ଗହଳି ଲାଗିରହିଥିଲା। ପ୍ରତ୍ୟୁଷରୁ ବାବାଙ୍କର ମଙ୍ଗଳ ଆଳତି, ସକାଳ ଧୂପ ସେବା ସହିତ ବାବା ଲଙ୍ଗଳେଶ୍ୱର ଙ୍କ ଦର୍ଶନ ଏବଂ ପୂଜାର୍ଚ୍ଚନା କରିବା ପାଇଁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ଛୁଟି ଆସିଥିଲେ। ଶୃଙ୍ଖଳାର ସହିତ ବିରାଟ ଲମ୍ବା ଧାଡ଼ିରେ ଯାଇ ଦର୍ଶନ ଲାଭ କରିଥିଲେ। ଏହି ପୁରାତନ ଶୈବପୀଠ ର ଅନେକ ପୌରାଣିକ କିମ୍ବଦନ୍ତୀ ରହିଥିବା ବେଳେ ଏହାର ମାହାତ୍ମ୍ୟ ସ୍ୱତନ୍ତ୍ର ରହିଛି। ଏଠାରେ ମହାଦେବଙ୍କ ମନ୍ଦିର ସମ୍ମୁଖରେ ମାତା ପାର୍ବତୀଙ୍କ ମନ୍ଦିର ବିଦ୍ୟମାନ। ମହାଦେବଙ୍କ ଶକ୍ତି ଏଠାରେ ସ୍ପଷ୍ଟ ବାରି ହୋଇ ପଡୁଥିବା ବେଳେ ଜ୍ୟୋତିର୍ଲିଙ୍ଗ ଭୂତଳଗାମୀ ହୋଇଯାଇଛି। କୌଣସି ବ୍ୟାଧିଗ୍ରସ୍ତ ଲୋକ ଯଦି ଲଙ୍ଗଳେଶ୍ୱର ମହାଦେବଙ୍କ ଠାରେ ଅଧିଆ ପଡିବା ସହିତ ମହାଦେବ ଙ୍କ ପାଦୁକା ସେବନ କରନ୍ତି ତାହାଲେ ରୋଗରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଥିବାରୁ ବହୁ ଭକ୍ତ ଅଧିଆ ପଡିଥିବାର ଦେଖାଯାଇଥିଲା। ଶାନ୍ତି ଶୃଙ୍ଖଳା ଏବଂ ସୁରୁଖୁରୁ ରେ ପୂଜାର୍ଚ୍ଚନା ପାଇଁ ମନ୍ଦିର କମିଟି, ପୁଲିସ ପ୍ରଶାସନ, ବାଲିଆପାଳ ବ୍ଲକ ପ୍ରଶାସନ ଏବଂ ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ସହ ଗୋଟିଏ ପ୍ଲାଟୁନ ଫୋର୍ସ ମୂତୟନ କରା ଯାଇଥିବା ବସ୍ତା ଏସଡିପିଓ ମାନସ ଦେଓ ସୂଚନା ଦେଇଛନ୍ତି। ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁ ଜାଗର ଜାଳିଥିବା ପୂଜକ ହୃଦୟ ନୟନ ମିଶ୍ର, ହିତାସୁ ମିଶ୍ର, ଚିତ୍ତରଞ୍ଜନ ମିଶ୍ର ସୂଚନା ଦେଇଥିଲେ।

## ବ୍ରାଉନସୁଗର ଜବତ, ୩ ଗିରଫ

ଜଳେଶ୍ୱର ବ୍ଲକ, ୧୫। ୨(ସମିସ): ଜଳେଶ୍ୱର ଥାନା ପକ୍ଷରୁ ଶୁକ୍ରବାର ଦିନ ପୃଥକ ଭାବେ ଚଢାଉ କରି ପ୍ରାୟ ୨୨ଲକ୍ଷ ଟଙ୍କା ଟଙ୍କାର ବ୍ରାଉନସୁଗର ଜବତ କରିବା ସହ ଜଣେ ମହିଳା ଓ ୨ଜଣ ପୁରୁଷଙ୍କୁ ଗିରଫ କରାଯାଇଛି। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଜଳେଶ୍ୱର ପୌରପାଳିକା ଅନ୍ତର୍ଗତ ଶାସନବାର୍ଡ ସୁବର୍ଣ୍ଣରେଖା ନଦୀକୂଳରେ ମାଦକ ଦ୍ରବ୍ୟ କାରବାର ଚାଲିଥିବା ନେଇ ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ଏସ୍ଆଇ ବବିତା ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଛକି ରହି ରହିଥିଲେ। ଡିଲ୍ ଚାଲିଥିବାବେଳେ ପୁଲିସ ୨ଜଣଙ୍କୁ କାବୁ କରିଥିଲା। ୪୦ ଗ୍ରାମ୍ ବ୍ରାଉନସୁଗର, ଏକ ନମ୍ବର ବିହୀନ ବାଇକ୍ ଏବଂ ୨ ମୋବାଇଲ୍ ଜବତ ହୋଇଛି। ଗିରଫ ଦ୍ୱୟ ହେଲେ ଲକ୍ଷ୍ମଣନାଥ ପଞ୍ଚାୟତ ବିରିଶପୁର ଗ୍ରାମର ଦେବେନ୍ଦ୍ର ଗିରି (୪୦) ଏବଂ ଗୋପ ଗ୍ରାମର ଅକ୍ଷୟ ରାଉଳ (୫୬)। ସେହିପରି ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧୧ଟା ୩୦ରେ ପୁଲିସ ଅନ୍ୟ ଏକ ସ୍ଥାନରେ ଚଢାଉ କରିଥିଲା। ଝାଡ଼େଶ୍ୱରପୁର ଗ୍ରାମର ସାଉଦି ଛକ ନିକଟରେ ଜଣେ ମହିଳା ଓ ୪ଜଣ ପୁରୁଷ ବ୍ରାଉନସୁଗର ଡିଲ୍ କରୁଥିବା ବେଳେ ଏସ୍ଆଇ ରାଜଲକ୍ଷ୍ମୀ ଦାସ ସଦଳବଳେ ସେଠାରେ ପହଞ୍ଚିଥିଲେ। ପୁଲିସକୁ ଦେଖି ଅନ୍ୟମାନେ ଫେରାର ହୋଇଯାଇଥିବା ବେଳେ ମହିଳାଜଣକ ଧରାପଡ଼ିଥିଲେ। ତାଙ୍କ ନିକଟରୁ ୧୫୫ ଗ୍ରାମ୍ ବ୍ରାଉନସୁଗର ଏବଂ ଗୋଟିଏ ମୋବାଇଲ୍ ଜବତ ହୋଇଛି।

## ବେତନଟୀ ଏନ୍ଏସି ପାଇଁ ୱାର୍ଡ ତାଲିକା ପ୍ରକାଶ

ବେତନଟୀ,୧୫।୨(ସମିସ): ନୂତନ ବେତନଟୀ ଏନଏସିର ୱାର୍ଡ ତାଲିକା ସହିତ କେଉଁ ୱାର୍ଡ କେଉଁ ବର୍ଗ ପାଇଁ ସଂରକ୍ଷିତ, ଏ ନେଇ ଜିଲ୍ଲାପାଳଙ୍କ ଚିଠି ନଂ୧୭୮୨ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ପ୍ରସ୍ତାବିତ ବେତନଟୀ ଏନଏସି ପାଇଁ ୧୬ଟି ୱାର୍ଡର ପ୍ରସ୍ତାବ ଥିବାବେଳେ ପରବର୍ତ୍ତୀ ବିଜ୍ଞପ୍ତିରେ ୱାର୍ଡସଂଖ୍ୟା ଗୋଟିଏ ବୃଦ୍ଧି କରାଯାଇ ୧୭ କରାଯାଇଛି। କଦମାଶୋଳ ସାମିଲ ଭୁଡୁରୁବଣି (୧), ଗରୁଡବସା (୨), ଶୁଖିଲାହାର ସାମିଲ ଇନ୍ଦିରାନଗର (୩), ଶୁଖିଲାହାର ସାମିଲ ମହୁଲିଆ (୪), ଶୁଖିଲାହର ସାମିଲ ବେତନଟୀ (୫), ଆମ୍ବଯୋଡା କଲୋନୀ ସାହି (୬), ଆମ୍ବଯୋଡା ସାମିଲ ଲିଟାସାହି (୭), ଭୋଗବାଟି ସାମିଲ ପୁରୁଣା ବସଷ୍ଟାଣ୍ଡସାହି ବଙ୍ଗଳାଛକ (୮) ଭୋଗବାଟି ସାମିଲ ପଞ୍ଚାୟତ ଅଫିସ ସାହି ମଠସାହି (୯) ବେତନଟୀ ସାମିଲ ବଙ୍ଗଳା ଛକ ଭୋଗବାଟି (୧୦) ବାହାନଡା (୧୧) ଭୋଗବାଟି ସାମିଲ ପାଇକପଡ଼ା (୧୨) ସଠିଲୋ ସାମିଲ ଦେହୁରୀ ସାହି (୧୩) ସଠିଲୋ ସାମିଲ ଡେଲି ମାର୍କେଟ ଭାୟା ମଠସାହି (୧୪) ସଠିଲୋ ସାମିଲ ବେତନଟୀ କଲେଜ ପଛ (୧୫) ତୁଳସୀ ଚଉରା ସାମିଲ ପୁରୁଣାପାଣି (୧୬) ତୁଳସୀଚଉରା ସାମିଲ ପୁରୁଣାପାଣି (୧୭)କୁ ନେଇ ଗଠିତ ହୋଇଥିବା ଏଥିରେ ଉଲ୍ଲେଖ ରହିଛି। ଯଦି କାହାରି କିଛି ଆପତ୍ତି କିମ୍ବା ମତାମତ ଦେବାର ଥାଏ, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ଦଶଦିନ ମଧ୍ୟରେ ଗ୍ରହଣ କରାଯାଇ ବିଚାର କରାଯିବ। ଏହି ସମୟ ଅତିବାହିତ ହୋଇଯିବା ପରେ କୌଣସି ଆପତ୍ତି ବା ପ୍ରସ୍ତାବ ଗ୍ରହଣ କରାଯିବ ନାହିଁ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ୧୭ଟି ୱାର୍ଡରୁ ୬ଟି ଅନୁସୂଚୀତ ଜାତି ପାଇଁ ସଂରକ୍ଷିତ ରଖାଯାଇଥିବାବେଳେ ଗୋଟିଏ ଅନୁସୂଚୀତ ଜନଜାତି ମହିଳା ଓ ୪ଟି ସାଧାରଣ ବର୍ଗ ମହିଳା ଓ ୬ଟି ୱାର୍ଡ ଅଣସଂରକ୍ଷିତ ରହିଥିବା ଜଣାପଡ଼ିଛି।

## ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଦର୍ଶନ ଶାସ୍ତ୍ର ବିଭାଗର ଆଲୋଚନାଚକ୍ର

ବାରିପଦା,୧୪।୨(ସମିସ): ସ୍ଥାନୀୟ ତଖତପୁରସ୍ଥ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଦର୍ଶନ ଶାସ୍ତ୍ର ବିଭାଗ ଆନୁକୂଲ୍ୟରେ ନୂଆଦିଲ୍ଲୀ ଆଇସିପିଆର ସହଯୋଗରେ 'ବୈଜ୍ଞାନିକଙ୍କ କେବଳ ନିର୍ଦ୍ଦିଷ୍ଟ ତଥ୍ୟ ଓ ପରିଦୃଶ୍ୟମାନ ଜଗତ ଉପରେ ଆଧାରିତ ଦାର୍ଶନିକ ତତ୍ତ୍ୱ ଏବଂ ସାର୍ତ୍ରେବାଦୀଙ୍କ ସ୍ୱାଧୀନତା ତତ୍ତ୍ୱ ମଧ୍ୟରେ ସେତୁ' ଶୀର୍ଷକ ପର୍ଯ୍ୟାୟିକ ବକ୍ତୃତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡଃ ନାରାୟଣ ପ୍ରସାଦ ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇ ବିଭିନ୍ନ ବୈଜ୍ଞାନିକ, ଦାର୍ଶନିକ ଓ ସାର୍ତ୍ରେବାଦୀଙ୍କ ସ୍ୱାଧୀନତା ତତ୍ତ୍ୱ ମଧ୍ୟରେ ସେତୁ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ପର୍ଯ୍ୟାୟିକ ବକ୍ତୃତାରେ ମୁଖ୍ୟ ବିଷୟ ବିଶାରଦ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ମନୋରଞ୍ଜନ ମଲ୍ଲିକ, ରେଭେନ୍ସା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ହିମାଂଶୁ ଶେଖର ସାମଲ ଦର୍ଶନଶାସ୍ତ୍ର, ବିଜ୍ଞାନ ଓ ବୈଜ୍ଞାନିକ ତତ୍ତ୍ୱ ଓ ସାର୍ତ୍ରେବାଦୀଙ୍କ ସ୍ୱାଧୀନତା ତତ୍ତ୍ୱ ମଧ୍ୟରେ ସେତୁ ସମ୍ବନ୍ଧରେ ପିପିଟି ଉପସ୍ଥାପନା ମାଧ୍ୟମରେ ସବିଶେଷ ଆଲୋଚନା କରିଥିଲେ। ଏ ଅବସରରେ ମହାବିଦ୍ୟାଳୟର ଡଃ ନରେନ୍ଦ୍ର ପ୍ରସାଦ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଦର୍ଶନ ଶାସ୍ତ୍ର ବିଭାଗ ମୁଖ୍ୟ ଡଃ ଦୀପକ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ଅନ୍ନପୂର୍ଣ୍ଣା ଧଳ ସହଯୋଗ କରିଥିଲେ। ପୂର୍ବରୁ ଆୟୋଜିତ ହୋଇଥିବା ରଚନାପ୍ରତିଯୋଗିତାରେ ସ୍ନାତକରୁ ପ୍ରମିଳା ପାତ୍ର ପ୍ରଥମ, ଦ୍ୱିତୀୟ ଶିବାନୀ ବେହେରା, ତୃତୀୟ ସସ୍ମିତା ମାରାଣ୍ଡି ହୋଇଥିବାବେଳେ ସ୍ନାତକୋତ୍ତରରୁ ସେଙ୍ଗେଲସି ହାଁସଦା ପ୍ରଥମ, ଅହଲ୍ୟା ପାତ୍ର ଦ୍ୱିତୀୟ ଓ ଶଙ୍ଖ ହାଁସଦା ତୃତୀୟ ହୋଇଛନ୍ତି। ପେପର୍ ପ୍ରେଜେଣ୍ଟେସନରେ ନବୀନ ପରିଡ଼ା ପ୍ରଥମ, ସେଙ୍ଗେଲସି ହାଁସଦା ଦ୍ୱିତୀୟ ଓ ଲଳିତା ସାହୁ ତୃତୀୟ ହୋଇଥିଲେ। ଏ ଅବସରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଦର୍ଶନଶାସ୍ତ୍ର ବିଭାଗ ସହକାରୀ ପ୍ରଫେସର ଡଃ ଜୟଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ପର୍ଯ୍ୟାୟିକ ବକ୍ତୃତା ଆଲୋଚନାଚକ୍ରରେ ବିଭିନ୍ନ ଜିଲ୍ଲାର ଦର୍ଶନ ବିଭାଗ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

### ନିଜାମପୁର ଗ୍ରାମରେ ପାନୀୟ ଜଳସଙ୍କଟ ପ୍ରସଙ୍ଗ

## ଅଭିଯୋଗକୁ ଦେଢ଼ ମାସ; କାର୍ଯ୍ୟାନୁଷ୍ଠାନ ଶୂନ

ବାଲେଶ୍ୱର(ଉତ୍ତର),୧୫।୨(ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଦୁଡ଼ପଳ ପଞ୍ଚାୟତ ନିଜାମପୁର ଗ୍ରାମରେ ପାନୀୟ ଜଳ ସଙ୍କଟର ଏପର୍ଯ୍ୟନ୍ତ ସମାଧାନ ହୋଇପାରିଲାନି। ଆଗକୁ ଆସୁଛି ଗ୍ରୀଷ୍ମପ୍ରବାହ। ଏବେ ଠାରୁ ବିଭିନ୍ନ ସ୍ଥାନରେ ପାନୀୟ ଜଳ ସଙ୍କଟ ଦେଖାଯାଉଥିବା ବେଳେ ଆଗକୁ ଅବସ୍ଥା ଅସମ୍ଭାଳ ହେବାର ସମ୍ଭାବନା ରହିଛି। ନିଜାମପୁର ଗ୍ରାମରେ ଦୀର୍ଘଦିନ ଧରି ଗୁରୁତର ପାନୀୟ ଜଳ ସଙ୍କଟ ରହିଆସୁଲା ବେଳେ ଏ ନେଇ ଗତ ଡିସେମ୍ବର ୨୯ ତାରିଖରେ ଦୈନିକ "ସକାଳ' ରେ ବିସ୍ତୃତ ଖବର ପ୍ରକାଶ ପାଇଥିଲା। ପରେ ଏହାକୁ ନେଇ ବିଶିଷ୍ଟ ସମାଜସେବୀ ତଥା ଲକ୍ଷ୍ମୀକାନ୍ତ ରାଉତ ମେମୋରିଆଲ ଟ୍ରଷ୍ଟର ଅଧକ୍ଷ ହରି ନାରାୟଣ ରାଉତ ସି ଏମ ଓ କାର୍ଯ୍ୟାଳୟ ସମେତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏକ୍ସ ଯୋଗେ ଟ୍ୱିଟ କରିଥିଲେ। ଏହାର ଉତ୍ତରରେ ଗତ ତା. ୩୧-୧୨-୨୦୨୫ରେ ଜିଲ୍ଲା ପ୍ରଶାସନ ଏବଂ ସିଏମ୍ଓ କାର୍ଯ୍ୟାଳୟ ପକ୍ଷରୁ ଏହି ସମସ୍ୟାର ତ୍ୱରିତ ସମାଧାନ ପାଇଁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ବାଲେଶ୍ୱର ଜିଲ୍ଲା କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଏହା ମଧ୍ୟରେ ଦେଢ଼ ମାସ ବିତିଯାଇଥିଲେ ବି ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

ସୂଚନାଯୋଗ୍ୟ ଯେ ଆଜକୁ ଦୁଇ ବର୍ଷ ପୂର୍ବରୁ ଏହି ଗାଆଁରେ ଘରକୁ ଘର ପାଇପ ଲାଇନ ବିଛା ଯାଇଛି, ଟ୍ୟାପ ମଧ ବସିଛି। ମାତ୍ର ସେଥିରୁ ପାଣି ବାହାରୁ ନାହିଁ। ଲୋକେ




ଟିକେ ଶୁଦ୍ଧ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ଆଗକୁ ଆଉ ଦୁଇମାସ ପରେ ଆସୁଛି ଗ୍ରୀଷ୍ମପ୍ରବାହ। ତେଣୁ ପାଣିର ଅଭାବ ଆହୁରି ଭୟଙ୍କର ରୂପ ନେବ ବୋଲି ଲୋକେ ଆଶଙ୍କା କଲେଣି। ଏବେ ଠାରୁ ଟିକେ ଶୁଦ୍ଧ ପାଣି ପାଇଁ ମହିଳା ଓ ଶିଶୁମାନେ ଦୂର ଦୂରନ୍ତରୁ ଯିବାକୁ ବାଧ ହେଉଛନ୍ତି। ଏପରିକି ଯେଉଁମାନେ ଯାଇ ନ ପାରୁଛନ୍ତି ସେମାନେ ଦୂଷିତ ପାଣି ବ୍ୟବହାର କରୁଛନ୍ତି। ଫଳରେ ଅନେକ ଜଳ ବାହିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଆଜକୁ ଦୁଇବର୍ଷ ତଳେ ବସୁଧା ଯୋଜନାରେ ଗ୍ରାମକୁ ପାଇପ ଲାଇନ ପଡିଥିଲା। ପ୍ରତ୍ୟେକ ଘରକୁ ମଧ ପାଇପ ସଂଯୋଗ କରାଯାଇ ଟେପ ବସିଥିଲା। ମାତ୍ର ତାହା କେବଳ ଲୋକ ଦେଖାଣିଆରେ ସୀମିତ ରହିଛି। ଅନ୍ୟପକ୍ଷରେ ତୁରନ୍ତ ଏହି ଗ୍ରାମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା, ଜଳର ଗୁଣମାନ ଯାଞ୍ଚ, ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଣ ଏବଂ ପାଇପ ଜଳ ଯୋଗାଣ ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବା ସହିତ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଗ୍ରାମରେ ତୁରନ୍ତ ସ୍ୱାସ୍ଥ୍ୟ ପରିସ୍ଥିତିର ଅନୁଧ୍ୟାନ କରାଯାଇ ପୀଡ଼ିତ ଥିବା ଲୋକଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ପ୍ରଦାନ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ଯଦି ପ୍ରଶାସନ ତରଫରୁ ଆଗାମୀ୧୫ଦିନ ମଧ୍ୟରେ ଏହି ନ୍ୟାୟଚିତ ଦାବୀ ପ୍ରତି ଅଣଦେଖା କରାଯାଏ ତେବେ ସମୂହ ଗ୍ରାମବାସୀ ମାନେ ଶାନ୍ତିପୂର୍ଣ୍ଣ ପ୍ରକ୍ରିୟାରେ କମର୍ଦ୍ଦାଉଲୁଡ଼ା ମୁଖ୍ୟ ରାସ୍ତା, ନିଜାମପୁର ଠାରେ ରାସ୍ତା ରୋକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଅଟକିଛି ୫କୋଟି ଟଙ୍କାର ଗୋଶାଳା ନିର୍ମାଣ କାମ

ଜଳେଶ୍ୱର, ୧୫।୨ (ସମିସ)

ଅନେକ ସମୟରେ ଠିକାଦାର ମାନଙ୍କର ମନମୁଖୀ କାର୍ଯ୍ୟ ଓ ନିମ୍ନମାନର କାର୍ଯ୍ୟ ଯୋଗୁଁ ଦେଶର ଅର୍ଥ ବ୍ୟୟ ହେବା ସହିତ ସରକାରଙ୍କ ଯୋଜନା ବିଫଳ ହୋଇଥାଏ ଓ ଲୋକଙ୍କ ହିତରେ ବାଧା ସାଜିଥାନ୍ତି। ସେହିଭଳି ଏକ ଘଟଣା ଜଳେଶ୍ୱର ପୌରପାଳିକାର ୧୬ନଂ ୱାର୍ଡ ଅଲାଲପୁର ଗ୍ରାମରେ ୫ କୋଟି, ୬୩ ଲକ୍ଷ, ୦୧, ୬୬୨ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏକ ଗୋଶାଳା ପାଇଁ ୨୦/୦୫/୨୦୨୫ରେ ଲଟେରୀ ମାଧ୍ୟମରେ ବାଚସ୍ପତି ଘୋଷ ନାମକ ଠିକାଦାର କାର୍ଯ୍ୟାଦେଶ ପାଇଥିଲେ। ମାତ୍ର ଆଜିଯାଏ ପ୍ରକଳ୍ପ କାର୍ଯ୍ୟ ପାଇଁ ଏଗ୍ରିମେଣ୍ଟ କାଗଜପତ୍ର ଜମା କରୁନାହାନ୍ତି। ଫଳରେ କାର୍ଯ୍ୟ ଆରମ୍ଭ ହୋଇ ନପାରି ସରକାରୀ ଅର୍ଥ ପଡିରହିଛି। ସେଥିପାଇଁ ପୌର କାର୍ଯ୍ୟାଳୟ ପକ୍ଷରୁ ୨୨/୦୫/୨୦୨୫, ୨୨/୧୨/୨୦୨୫ ଏବଂ ୨୭/୦୧/୨୦୨୬ ତାରିଖରେ ୩ଥର ନୋଟିସ ଦିଆଯାଇଛି। ମାତ୍ର ଠିକାଦାର କୌଣସି ତତ୍ପରତା ଦେଖାଉ ନଥିବା ଜଣାଯାଇଛି। ସେଥିପାଇଁ କାର୍ଯ୍ୟାଳୟ ପକ୍ଷରୁ ତାଙ୍କ କାର୍ଯ୍ୟାଦେଶ ରଦ୍ଦ କରାଯିବା ସହିତ ତାଙ୍କ ଲାଇସେନ୍ସକୁ ବ୍ଲାକ ଲିଷ୍ଟ କରାଯିବ ବୋଲି କାର୍ଯ୍ୟାଳୟପକ୍ଷରୁ ଚେତାବନୀ ଦିଆଯାଇଥିବା ଜଣାଯାଇଛି। ତେବେ ଏହି ଲୋକହିତକର କାର୍ଯ୍ୟକୁ କରାଇ ନଦେବା ପାଇଁ କିଛି ବ୍ୟକ୍ତି ଚକ୍ରାନ୍ତ କରି ଠିକାଦାରଙ୍କ ଦ୍ୱାରା ସରକାରୀ ଅର୍ଥକୁ ସଦ୍‌ବିନିଯୋଗ କରିବାରେ ବାଧା ସାଜୁଛନ୍ତି ବୋଲି ସ୍ଥାନୀୟ ଲୋକମାନେ ଆଲୋଚନା କରୁଥିବା ଶୁଣିବାକୁ ମିଳୁଛି।

# ରୋଟାରୀ କ୍ଲବ ନ୍ୟୁଭିଜନ ପକ୍ଷରୁ କବି ସମ୍ମିଳନୀ



ବାଲେଶ୍ୱର(ଉତ୍ତର),୧୫।୨(ସମିସ): ଭୋଗରାଇ ରୋଟାରୀ କ୍ଲବ ନ୍ୟୁଭିଜନ ପକ୍ଷରୁ ଏକ କବି ସମ୍ମିଳନୀ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଡ଼ଃ ସତୀଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଶାସନିକ ଅଧିକାରୀ ବ୍ରଜଗୋପାଳ ଦାସଯୋଗ ଦେଇ ରୋଟାରୀ କ୍ଲବର ବିଭିନ୍ନ ସମାଜ କଲ୍ୟାଣ ମୂଳକ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ କବିତା ମାଧ୍ୟମରେ ଜନ ଜାଗରଣ ସୃଷ୍ଟି କରିବାକୁ ଉପସ୍ଥିତ କବି ମାନଙ୍କୁ ନିବେଦନ କରିଥିଲେ। ମୁଖ୍ୟ ବ୍ୟକ୍ତା ଭାବେ ଡ଼ଃ ସନ୍ତୋଷ କୁମାର ପାତ୍ର, ପ୍ରତିଷ୍ଠାତା ସଭାପତି ମିହିର କୁମାର ପ୍ରଧାନ, ସଂଯୋଜକ କବି ଶ୍ରୀକୁମାର ଘୋଷ, ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀ ନାରାୟଣ ଶତପଥି ପ୍ରମୁଖ ଯୋଗଦେଇ ସମାଜ ପ୍ରତି କାବ୍ୟ ସାହିତ୍ୟର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱରଚିତ କବିତା ପାଠ କରିଥିବା ବଶିଷ୍ଟ କବି ସୁକୁମାର ଦାସ, ଡ. ପାତ୍ର, ଡ. ଘୋଷ, ଅରୁଣ କୁମାର ଦାସ, ପରେଶ ଚନ୍ଦ୍ର ଦାସ, ଅନନ୍ତ କୁମାର ମହାନ୍ତି, ଦେବବ୍ରତ ଜେନା, କୃଷ୍ଣ ପ୍ରସାଦ ମଣ୍ଡଳ, ଦେବବ୍ରତ ଦାସ, ଏବଂ ଦିଲ୍ଲୀପ କୁମାର ମହନାଙ୍କୁ ରୋଟାରୀ ସାରସ୍ୱତ ସମ୍ମାନ ରେ ସମ୍ମାନିତ କରାଯାଇଥିଲା। ରୋଟାରିଆନ ଅଶୋକ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ରୋଟାରିଆନ ମନରଞ୍ଜନ ଦାସ, ଅଜୟ କୁମାର ଦାସ ମହାପାତ୍ର, ସୁନିଲ କର, ତାପସ ଜେନା, ଏବଂ ରମେଶ ଚନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁନିତୀ ସିଂ ବିଜେଡି ମହିଳା ବରିଷ୍ଠ ଉପସଭାପତି ନିଯୁକ୍ତ



ନୀଳଗିରି, ୧୫।୨ (ସମିସ): ବରିଷ୍ଠ ଆଦିବାସୀ ନାରୀନେତ୍ରୀ ସୁନିତୀ ସିଂଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରାଜ୍ୟ ବିଜେଡ଼ି ମହିଳାଦଳର ବରିଷ୍ଠ ଉପସଭାପତି ପଦରେ ନିଯୁକ୍ତିପ୍ରଦାନ କରିଛନ୍ତି। ବିଜେଡ଼ି ମୁଖିଆ ନବୀନ ପଟ୍ଟନାୟକ ୧୫ତାରିଖ ବିଜେଡିର ୧୫୮ ଜଣିଆ ମହିଳା ପଦାଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରି ଏକ କ୍ରିୟାଶୀଳ ଶକ୍ତିଶାଳୀ ମହିଳା ସଂଗଠନ ଗଠନ କରିଛନ୍ତି। ଏହି ନିଯୁକ୍ତିରେ ବାଲେଶ୍ୱର ଜିଲ୍ଲାରୁ ଆଦିବାସୀ ନାରୀନେତ୍ରୀ ସୁନିତୀ ସିଂଙ୍କୁ ଏକମାତ୍ର ମହିଳାଭାବରେ ନିଯୁକ୍ତି ମିଳିଛି। ଆଦିବାସୀ ସମ୍ପ୍ରଦାୟରେ ଜନ୍ମିତ ଶ୍ରୀମତୀ ସିଂ ଯୁବାବସ୍ଥାରୁ ଗ୍ରାମାଞ୍ଚଳରେ ଲୋକମାନଙ୍କ ସହିତ ଓତଃପ୍ରୋତ ଭାବେ ଜଡ଼ିତ ରହି ସେମାନଙ୍କର ସୁଖଦୁଃଖରେ ସାମିଲ ହୋଇ ନିଜକୁ ଜନକଲ୍ୟାଣରେ ସାମିଲ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ପଦପଦବୀରେ ରହି ଲୋକଙ୍କ ସମସ୍ୟା ସମାଧାନ କରିବାରେ ସଫଳ ହୋଇଥିବା ଶ୍ରୀମତୀ ସିଂ ରାଜ୍ୟ ବିଜେଡିର ଉପସଭାପତି ଭଳି ପଦବୀରେ ଖୁବ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ଏହି ନିଯୁକ୍ତି ପାଇବାପରେ ମାନ୍ୟବର ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେବାସହିତ ମିଳିଥିବା ଦାୟିତ୍ୱକୁ ନିଷ୍ଠାର ସହିତ ପାଳନ କରିବେ ବୋଲି ପ୍ରତିକ୍ରିୟା ରଖିଛନ୍ତି।

# ଅଧିବକ୍ତା ପରିଷଦ ପକ୍ଷରୁ ଯୁବ ଅଧିବକ୍ତା ଦିବସ

ବାଲେଶ୍ୱର,୧୫।୨(ସମିସ): ବାଲେଶ୍ୱର ଗୋପାଳଗାଁସ୍ଥିତ ଆୟୁଷ୍ମାନ କଲ୍ୟାଣ ମଣ୍ଡପ ସମ୍ମିଳନୀ କକ୍ଷରେ ଅଧିବକ୍ତା ପରିଷଦ ପକ୍ଷରୁ ଯୁବ ଅଧିବକ୍ତା ଦିବସ ପାଳିତ ହୋଇଯାଇଛି। ପରିଷଦର ସଭାପତି ଲକ୍ଷ୍ମୀକାନ୍ତ ବେହେରା ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଭିଜିଲାନ୍ସ ଜଜ୍ ଲଳିତ କୁମାର ଦାଶ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଯୁବ ଅଧିବକ୍ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଅଧିବକ୍ତା ପରିଷଦର ଉପ-ସଭାପତି ରବୀନ୍ଦ୍ର ପଣ୍ଡା, ଓଡ଼ିଶା ଅଧିବକ୍ତା ପରିଷଦର ପୂର୍ବତନ ସମ୍ପାଦକ ତଥା ଉଚ୍ଚ ନ୍ୟାୟାଳୟର ଷ୍ଟାଣ୍ଡିଂ କାଉନସେଲ ଜ୍ଞାନଲୋକ ମହାନ୍ତି ଯୋଗଦେଇ ନିଷ୍ପେସିତ ଜନସାଧାରଣଙ୍କୁ ଆଇନସେବା ମାଧ୍ୟମରେ ନ୍ୟାୟ ଦେବା ପାଇଁ ଅଧିବକ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ। ବାଲେଶ୍ୱର ଅଧିବକ୍ତା ପରିଷଦର ସମ୍ପାଦକ ଗୋବର୍ଦ୍ଧନ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଯୁବ ଆଇନଜୀବୀ ଓ ଆଇନ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଭାରତ ମାତା ଓ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ସତ୍ୟେନ୍ଦ୍ର ଉମାଶଙ୍କର ରାଉତ ମଞ୍ଚ ଆହ୍ୱାନ ଓ ରାଜାରାମ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଲମ୍ବୋଦର ନାୟକ, ଓକିଲ ସଂଘ ସଭାପତି କେଶବ କୁମାର ଆଚାର୍ଯ୍ୟ, ବରିଷ୍ଠ ଆଇନଜୀବୀ ବୈଲୋଚନ ଦାଶ, ପରିଷଦର କୋଷାଧ୍ୟକ୍ଷ ପରେଶ କୁମାର ବେହେରା, ପ୍ରଶାନ୍ତି ସାହୁ, ଅରୂପ କୁମାର ଜେନା, ସିଦ୍ଧାର୍ଥ କାମିଲାଙ୍କ ସମେତ ପରିଷଦର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



# ଦୀପ ନିଆଁ ଶାଢ଼ୀରେ ଲାଗି ମହିଳା ଗୁରୁତର

ଖଇରା, ୧୫।୨ (ସମିସ): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗଣ୍ଡିବେଡସ୍ଥିତ ବାବା ଲଙ୍କେଶ୍ୱର ମନ୍ଦିରରେ ଦୀପ ଜଳାଇବାକୁ ଯାଇ ଶାଢ଼ୀରେ ନିଆଁ ଲାଗିଯିବାରୁ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସୋର ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ମହିଳା ଜଣକ ହେଲେ ସେହି ଗଣ୍ଡିବେଡ ଗ୍ରାମର ଭଗବାନ ବେହେରାଙ୍କ ପତ୍ନୀ ରଞ୍ଜୁସ୍ମିତା। ମନ୍ଦିର ନିକଟରେ ଥିବା ବୃଷଭ ନିକଟରେ ଦୀପ ଜଳାଉଥିବା ବେଳେ ଅନ୍ୟ ଏକ ଦୀପରୁ ନିଆଁ ଶାଢ଼ୀରେ ଲାଗିଯିବାରୁ ତାଙ୍କ ଶରୀରର ୪୦ ପ୍ରତିଶତ ପୋଡି ହୋଇ ଯାଇଥିଲା।

# ବାଘା ଯତୀନ ସ୍ମୃତି ସେବା ପରିଷଦ ପକ୍ଷରୁ ମାତୃପିତୃ ପୂଜନ ଦିବସ

କାଳିପଦା, ୧୫।୨ (ସମିସ): ବାଲିଆପାଳ ବାଘାଯତୀନ ସ୍ମୃତି ସେବା ପରିଷଦ ପକ୍ଷରୁ ଶନିବାର ସନ୍ଧ୍ୟାରେ ପୁରୁଣା ବସଷ୍ଟାଣ୍ଡ ଠାରେ ମାତୃ ପିତୃ ପୂଜନ ଦିବସ ପାଳିତ ହୋଇ ଯାଇଛି। ପୂର୍ବତନ ସେନା ଅଧିକାରୀ ମନୋଜ ସିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାକ୍ତନ ଅଧ୍ୟାପକ ବୀର ମାଧବ ଦାସ, ବାଲିଆପାଳ ପୂର୍ବତନ ସୈନିକ ସଂଗଠନ ସଭାପତି କମଳ ଲୋଚନ ପିଲା, ବାଲିଆପାଳ ସୂଚନା ଅଧିକାର ଅଭିଯାନ ସଂଘ ସଭାପତି ଅନୁଜ ମହାପାତ୍ର, ବରିଷ୍ଠ ଅଧ୍ୟାପକ ସୁସାହିତ୍ୟିକ ଡ. ସୁକାନ୍ତ ଗିରି, ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ମାତୃ ଓ ପିତୃ ପୂଜନର ଐତିହ୍ୟ ସମ୍ପର୍କ ରେ କହିଥିଲେ। କ୍ଷିତୀଶ ଜେନା ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ୫୦ରୁ ଅଧିକ ଯୋଡ଼ା ବୃଦ୍ଧ ମାତା ପିତାଙ୍କୁ ପରିଷଦ ପକ୍ଷରୁ ଫୁଲ ଚନ୍ଦନ, ଧୂପ ଦୀପ, ଉପାୟନ ଦେଇ ପୂଜନ ତଥା ଭକ୍ତି ଅର୍ଘ୍ୟ ପ୍ରଦାନ କରାଯାଇଥିଲା। ଜିତେନ୍ଦ୍ର ପାତ୍ର, ହରେନ୍ଦ୍ର ପରିଡା, ସଞ୍ଜୟ ଦାସ, ଅଜୟ ଦାସ, କାର୍ତ୍ତିକ ଜେନା, ମନୋରଞ୍ଜନ ବେହେରା, ହେମନ୍ତ ବାରିକ, ପଲଟୁ ବାରିକ, କାହ୍ନୁ ଚରଣ ପାତ୍ର, ଝୁମ୍ପୁଡି ସାହୁ, ବୁଲୁ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଜେଜେ ବାପା ଜେଜେ ମା' ସମ୍ମିଳନୀ

ଜଳେଶ୍ୱର,୧୫।୨(ସମିସ) ଜଳେଶ୍ୱର ବଡ଼ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେବାପା ଜେଜେ ମା' ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଧା ରଂଜନ ବାଗ ସଭାପତିତ୍ୱ କରି ସମ୍ମୀଳନୀର ଆଭିମୁଖ୍ୟ କଥନ କରିଥିଲେ। ମୁଖ୍ୟଅତିଥି ଭାବେ ଉପସଭାପତି ରାଜେନ୍ଦ୍ର କୁମାର ଦତ୍ତ ମଞ୍ଚାସୀନ ହୋଇ ପରିବାର ରେ କୁନି ଶିଶୁଙ୍କ ଲାଗି ଜେଜେ ବାପା ଜେମାଙ୍କ ସାନିଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ସଭାପତି ସଶିକାନ୍ତ ପ୍ରଧାନ ଯୋଗଦେଇ ଜେଜେବାପା ଜେଜେମାଙ୍କ ଆଦର୍ଶ ଆଚରଣ, ଶିଶୁର ମାନସିକ ଶାରୀରିକ ଅଭିବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ପାଦକ ଗିରିଶ ପାଣିଗ୍ରାହୀ ଯୋଗଦେଇ ସ୍ୱାଗତ ଭାଷଣ ରଖିଥିଲେ। ଗୁରୁମା ଦେବୀରାଣୀ ଦାସ ମହାପାତ୍ର ମଞ୍ଚ ଆହ୍ୱାନ କରିଥିବା ବେଳେ ଗୁରୁଜୀ ଉମା ଶଙ୍କର ପାଳ ଧନ୍ୟବାଦ ଅର୍ପଣ କରିଥିଲେ। ଝାଡେଶ୍ୱର ଦାସ, ରଣଜିତ ସାହୁ, ସୁଧାଂଶୁ ଶେଖର ଦାସ ମହାପାତ୍ର, ଅଜିତ ପଣ୍ଡା, ଅନନ୍ତ ଭୂୟାଁ, ଶୁଭ୍ରାଂଶୁ ମହାନ୍ତି, ମମତା ରାଣୀ ଦାସ, ଜ୍ୟୋତିର୍ମୟ ମିଶ୍ର, ସଂଗୀତା ଶତପଥୀ, ଶୁଚିସ୍ମିତା ଗନ୍ତାୟତ, ଜ୍ୟୋତିର୍ମୟ ପଣ୍ଡା, ରଶ୍ମିତା ରାଉତ, ସସ୍ମିତା ମାହାନା ପ୍ରମୁଖ ଗୁରୁଜୀ ଗୁରୁମା ପରିଚାଳନା ସହଯୋଗ କରିଥିଲେ।



# ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲେଶ୍ୱର,୧୫।୨(ସମିସ): ବଳାଙ୍ଗୀ ଡ଼ିଗ୍ରୀ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧକ୍ଷ ଡ. ରତ୍ନାକର ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବାଲେଶ୍ୱର ପୌରପାଳିକାର ଅଧକ୍ଷା ସବିତା ସାହୁ ଯୋଗଦେଇ ସମୟର ସଦୁପଯୋଗ ଓ ପରିଶ୍ରମ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ କିପରି ସ୍ୱସ୍ୱ ପ୍ରତିଷ୍ଠିତ କରାଇଥାଏ, ତାହା ଅଭିଭାଷଣରେ ଉଲ୍ଲେଖ କରିଥିଲେ। ବିଶିଷ୍ଟ ସାହିତ୍ୟିକ ଡ. ଶିରୀଶ ଚନ୍ଦ୍ର ଜେନା ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଥିଲେ ଯେ ଆମ ଚାରିପଟ ପୃଥିବୀରେ ଅନେକ ଜ୍ଞାନ ଓ ସମ୍ପଦ ଭଣ୍ଡାରର ଚାବି ରହିଛି। ଏହି ଚାବିକୁ ଖୋଲି ପାରିଲେ ଜୀବନ ଐଶ୍ୱର୍ଯ୍ୟ ବିମଣ୍ଡିତ ହୋଇପାରିବ। ସମ୍ମାନିତ ଅତିଥି ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟକବି ବିମଳ ଜେନା ଯୋଗଦେଇ ନିଜ ଅଭିଭାଷଣରେ ଉଲ୍ଲେଖ କରିଥିଲେ ଯେ ମାତୃଭାଷାର ପ୍ରତିଟି ଅକ୍ଷର ମାଆ ମୁହଁ ପରି ଦେଖାଯାଏ। ବସନ୍ତର ଦ୍ୟୋତକ ଯୌବନ ସମୟକୁ ମାତୃଭାଷା, ମାତୃଭୂମି ପ୍ରତି ଉତ୍ସର୍ଗ କରିପାରିଲେ ଜୀବନ ମହନୀୟ ହୋଇଥାଏ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ କବି ମଧୁସୂଦନ ମିଶ୍ର ଯୋଗଦେଇ ଛାତ୍ରଜୀବନ କିପରି ବିବିଧ ସୁଗୁଣ ଦ୍ୱାରା ମହନୀୟ ହୋଇପାରିବ ତାହା ଉଲ୍ଲେଖ କରିଥିଲେ। ଓଡ଼ିଆ ଅଧ୍ୟାପକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ପ୍ରବୋଧ କୁମାର ପତି ବେଦପାଠ କରିଥିଲେ। କଲେଜର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ସୁରୁଚି ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଅପରାହ୍ଣରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅଧ୍ୟାପକ ମନୋଜ କୁମାର ନାୟକ, ଅଜୟ କୁମାର ମହାକୁଡ଼, ସୁରେନ୍ଦ୍ର ପଣ୍ଡା, ବିଶ୍ୱଜିତ ପ୍ରଧାନ, ରୂପକ ବେହେରା, ସଞ୍ଜୟ ଦେ, ପ୍ରହଲ୍ଲାଦ କୁଅଁର, ପ୍ରଭାତ ସ୍ୱାଇଁ, ଅଧ୍ୟାପିକା ତନୁଶ୍ରୀ ପୋଥାଳ, ମନସ୍ୱିନୀ ଦାସ, ନମିତା ଦତ୍ତ, ଗୋପାଳି ଦାସ, ମୋନାଲିନା ଦାସ, ଇପ୍ସିତା ପାତ୍ର, ପ୍ରିୟଙ୍କା ପାତ୍ର, ପ୍ରୀତିରେଖା ପାତ୍ର, ସନ୍ତୋଷ ପଣ୍ଡା, ସତ୍ୟବ୍ରତ ସାମଲ, ହରେକୃଷ୍ଣ ବାରିକ, ସୁଶାନ୍ତ ଦାସ, ଦେବାଶିଷ ଦାଶ, ରତ୍ନାକର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବେଗୁନିଆ ଉପ୍ରା ବିଦ୍ୟାଳୟର ବାର୍ଷିକୋତ୍ସବ



ଖଇରା,୧୫।୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ମାଣିତ୍ରୀ ଗ୍ରାମ ପଞ୍ଚାୟତ ଅଧୀନ ବେଗୁନିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ପ୍ରଧାନଶିକ୍ଷକ ମୁକେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ପୂର୍ବତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଧର ବେହେରା, ଶିକ୍ଷକ ନେତା ତପନ କୁମାର ତ୍ରିପାଠୀ ମୁଖ୍ୟବକ୍ତା, ଗୌରାଙ୍ଗ ମହାପାତ୍ର, ପ୍ରତାପ ଚନ୍ଦ୍ର ଲେଙ୍କା, କୈଳାସ ଚନ୍ଦ୍ର ସେଣ୍ଠ, ନେତ୍ରାନନ୍ଦ ପ୍ରଧାନ, ସରପଞ୍ଚ ମନ୍ଦାକିନୀ ଦାସ, କମିଟି ସଭାପତି ସମସେର ଶାହା, ଆଲୁମିନି ସଭାପତି ପୂର୍ଣ୍ଣଚନ୍ଦ୍ର ସେଣ୍ଠ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ନମ୍ରତା, ସହନଶୀଳତା ଓ ନିଷ୍ଠାପର ଉଦ୍ୟମ ଫଳରେ ଜଣେ ଛାତ୍ର ଭଲ ମଣିଷ ହୋଇ ପାରିବ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଫୈରୁଦ୍ଦିନ ଖାଁ, ପ୍ରତିଭା ମହାନ୍ତି ଓ ବିଷ୍ଣୁପ୍ରିୟା ଦେଇଙ୍କ ସମେତ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷୟତ୍ରୀଶିକ୍ଷକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ହାଇସ୍କୁଲ କିରାଣିଙ୍କ ମେରୀ ରାଯ ଅଭିଯୋଗ

ଜଳେଶ୍ୱର, ୧୫।୨ (ସମିସ): ଲକ୍ଷ୍ମଣନାଥ ସରକାରୀ ହାଇସ୍କୁଲଟି ବାଲେଶ୍ୱର ଜିଲ୍ଲାର ଅନ୍ୟତମ ପୁରାତନ ସ୍କୁଲ। ଏହାର କିରାଣୀ ଗତ ୪ବର୍ଷ ଧରି ଏଠାରେ ରହିଥିବା ବେଳେ ତାଙ୍କ "ମେରୀ ରାଯ" ଯୋଗୁଁ କେତେକ ଛାତ୍ରଛାତ୍ରୀ ମାନେ ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ଆଣିଛନ୍ତି। ଗାଳି ଗୁଲଜ, ଧମକ, ଅଫିସ କାର୍ଯ୍ୟରେ ଛାତ୍ରଛାତ୍ରୀଙ୍କୁ ବ୍ୟବହାର ଇତ୍ୟାଦି କେତେକ ଅଭିଯୋଗ ଗତ ୨୪/୧୦/୨୦୨୫ରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦେଇଥିଲେ। ଏହାର ଏକ ନକଲ ଜିଲ୍ଲାପାଳଙ୍କୁ ଦିଆ ଯାଇଥିଲା। ଜଳେଶ୍ୱରର ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିବାରୁ ସେ ଟାଉନ ହାଇସ୍କୁଲର ପ୍ରଧାନ ଶିକ୍ଷକ ଓ ରାଜପୁର ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ସେମାନେ ତଦନ୍ତ ସାରି ରିପୋର୍ଟ ମଧ୍ୟ ପ୍ରଦାନ କରିଥିବା ପ୍ରକାଶ। ପ୍ରକାଶଯୋଗ୍ୟ ଲକ୍ଷ୍ମଣନାଥ ହାଇସ୍କୁଲର ସ୍ଥାୟୀ ପ୍ରଧାନଶିକ୍ଷକ ନ ଥିବାରୁ ବିଭିନ୍ନ ପ୍ରଶାସନିକ ଅସୁବିଧା ସୃଷ୍ଟି ହୋଇ ଆସୁଛି।

# ବର୍ତ୍ତନା ଆଦର୍ଶ ଶିକ୍ଷା ମନ୍ଦିରର ବାର୍ଷିକୋତ୍ସବ



ଖଇରା, ୧୫।୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ତ୍ତନାସ୍ଥିତ ଆଦର୍ଶ ଶିକ୍ଷାମନ୍ଦିରର ୮ମ ବାର୍ଷିକୋତ୍ସବ ପାଳିତ ହୋଇ ଯାଇଛି। ଉତ୍ସବ ଆରମ୍ଭରେ ମାଆ ମାନଙ୍କୁ ନେଇ ମାତୃ ପ୍ରତିଭା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତତପରେ ବିଦ୍ୟାଳୟ ପିଲାମାନଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଦ୍ୱିତୀୟ ଅଧିବେସନରେ ଆୟୋଜିତ ମଞ୍ଚ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟକ ତଥା ସୁବକ୍ତା ହରିହର ପାଣିଗ୍ରାହୀ, ବର୍ତ୍ତନା କ୍ଲଷ୍ଟରର ପୂର୍ବତନ ସିଆରସିସି ସୁରେନ୍ଦ୍ର ପ୍ରସାଦ ବେହେରା, ପାଇମହୁରା ସିଟି ସ୍କୁଲର ପ୍ରାକ୍ତନ ଅଧକ୍ଷ ଚିନ୍ତାମଣି ପାଣିଗ୍ରାହୀ, ବିଦ୍ୟାଳୟ କମିଟି ସଭାପତି ରମେଶ ଚନ୍ଦ୍ର ବେହେରା, ଓଡିଶା ଶିକ୍ଷା ବିକାଶ ପରିଷଦର ସଂଯୋଜକ ସୁଦର୍ଶନ ପ୍ରଧାନ, ପ୍ରାନ୍ତ ନିରିକ୍ଷିକା ଗୀତାଞ୍ଜଳି ପ୍ରଧାନ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ପିଲା ମାନେ ଭବିଷ୍ୟତ ପିଢୀର ସୂତ୍ରଧର ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ରାମଚନ୍ଦ୍ର ପାଣିଗ୍ରାହୀ ସ୍ୱାଗତ ଭାଷଣ, ପ୍ରଧାନାଚାର୍ଯ୍ୟ ନିମାଇଁ ଚରଣ ଦାସ ବାର୍ଷିକ ବିବରଣୀ ପାଠ, ବିମଳା ପଣ୍ଡା ଅତିଥି ପରିଚୟ ଓ ରାଜକିଶୋର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

# 'ଗ୍ରନ୍ଥାଗାର ସଂଗଠନ ଓ ପରିଚୟମୂଳକ ଦିଗଦର୍ଶନ' ଶୀର୍ଷକ କାର୍ଯ୍ୟକ୍ରମ



ବାଲେଶ୍ୱର,୧୫।୨(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟ, ମିତ୍ରପୁର, ଠାରେ 'ଗ୍ରନ୍ଥାଗାର ସଂଗଠନ ଓ ପରିଚୟମୂଳକ ଦିଗଦର୍ଶନ' ଶୀର୍ଷକ ଦୁଇ ଦିନିଆ ପ୍ରସାର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭା ଆରମ୍ଭରେ ମଞ୍ଚାସୀନ ଅତିଥିମାନଙ୍କ ଉପସ୍ଥିତିରେ ସ୍ନାତକୋତ୍ତର ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗର ସମନ୍ୱୟକ ଡ. ଜଗନ୍ନାଥ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗର ସହଯୋଗୀ ଅଧ୍ୟାପକ ଓ ପ୍ରସାର କାର୍ଯ୍ୟକ୍ରମର ସମନ୍ୱୟକ ଡ. ମନୋଜ କୁମାର ଆଚାର୍ଯ୍ୟ ଆଲୋଚନା କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରନ୍ଥାଗାର ଶିକ୍ଷାର ଆବଶ୍ୟକତା ଓ ସମାଜଗଠନରେ ତାହାର ଭୂମିକା ବିଷୟରେ ମତବ୍ୟକ୍ତ କରିଥିଲେ। ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଅଧକ୍ଷ ଅମିତ ସାହୁ ସମ୍ମାନୀତ ଅତିଥି ଭାବେ ଉଦ୍‌ବୋଧନ ରଖିଥିଲେ। ଏଥିସହ ଅଧ୍ୟାପକ ଡ. ମନୋରଞ୍ଜନ ଦାସ ମଧ୍ୟ ଗ୍ରନ୍ଥାଗାରର ସଠିକ୍ ସଂଗଠନ ଓ ପରିଚାଳନାର ଗୁରୁତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ସହାୟକ ଅଧ୍ୟାପକ ବିଶ୍ୱଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱରରେ ହଜ୍ ଯାତ୍ରୀଙ୍କ ପାଇଁ ପ୍ରଶିକ୍ଷଣ ଶିବିର

ବାଲେଶ୍ୱର,୧୫।୨ (ସମିସ)




ସାଉଦି ଆରବର ପ୍ରସିଦ୍ଧ ଧର୍ମପୀଠ ମକ୍କା ଏବଂ ମଦିନାକୁ ହଜ୍ କରିବା ପାଇଁ ଉତ୍ତର ଓଡ଼ିଶାରୁ ଯାଉଥିବା ଇସଲାମ ଧର୍ମାବଲମ୍ବୀଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଏବଂ ଟୀକାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶା ରାଜ୍ୟ ହଜ୍ କମିଟି ଓ ବାଲେଶ୍ୱରର "ଖୁଦାମୁଲ ହୁଜାଜ କମିଟି" ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରରେ ସଭାପତି ହାଜି କମାଲ ଜାଫର ପୌରହିତ୍ୟ କରିଥିଲେ। ଏହି ଶିବିରରେ ମୌଲାନା ମହମ୍ମଦ ହବିବୁଲ୍ଲା ପ୍ରଶିକ୍ଷକ ଓ ଭଦ୍ରକର ସୟଦ୍ ଅବଦୁଲ ମସଜୁଦ ଗାଇଡ ଭାବେ ଯୋଗଦେଇ ହଜ ଯାତ୍ରୀଙ୍କୁ ଯାତ୍ରାର ନିୟମାବଳୀ ସମ୍ପର୍କରେ ଅବଗତ କରାଇଥିଲେ। ପବିତ୍ର ଇସଲାମ ଧର୍ମପୀଠ ମକ୍କାକୁ ହଜ୍ କରିବାକୁ ଯାଇ ପୁଣ୍ୟ ଅର୍ଜନ ଭଳି ଯାତ୍ରୀଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦେଉଥିବା ବ୍ୟକ୍ତିମାନେ ବି ସମ ପରିମାଣର ପୁଣ୍ୟର ଅଧିକାରୀ ବୋଲି ପ୍ରଶିକ୍ଷକମାନେ କହିଥିଲେ। ଖୁଦାମୁଲ ହୁଜାଜ କମିଟିର ସମ୍ପାଦକ ଇନ୍ତେଖାବ ଅଲୀ ଖାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ହାଜି ମଇନୁଲ ଇସଲାମ ଓ ମହମ୍ମଦ ମୁକ୍ତାର ଅହେମଦଙ୍କ ସମେତ ସେଖ ବେଲାଲଉଦ୍ଦିନ, ସେଖ ସରାଫତ ଅଲ୍ଲି ପ୍ରମୁଖ ଯୋଗଦେଇ ହଜ୍ ଯାତ୍ରାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଖୁଦାମୁଲ ହୁଜାଜ କମିଟିର ଉପସଭାପତି ହାଜି ଶେଖ ଜମାଲ ଧନ୍ୟବାଦ ଦେଇଥିଲେ। ଚଳିତ ବର୍ଷ ଉତ୍ତର ଓଡିଶାର ବାଲେଶ୍ୱର ଜିଲ୍ଲାରୁ ୩୧ ଜଣ, ଭଦ୍ରକ ଜିଲ୍ଲାରୁ ୩୩ଜଣ ଓ ମୟୂରଭଞ୍ଜ ଜିଲ୍ଲାରୁ ୯ ଜଣ ଏହିପରି ତିନୋଟି ଜିଲ୍ଲାରୁ ମୋଟ ୭୪ ଜଣ ଯାତ୍ରୀ ହଜ୍ କରିବା ପାଇଁ ଯିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ୪ଜଣ ପଥ ପ୍ରଦର୍ଶକ ହଜ ଯାତ୍ରୀ ମାନଙ୍କ ସହ ଯାତ୍ରା କରି ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରିବେ। ୱାକଫ ବୋର୍ଡର ସାୟାଦ ମହମ୍ମଦ ଅଜହର, ସାୟାଦ ଅଲମସ ଅଲ୍ଲି, ସମ୍ମ ତବରେଜ ପ୍ରମୁଖ ହଜ୍ ଯାତ୍ରୀଙ୍କ ମଙ୍ଗଳ କାମନା କରିଥିଲେ। ବାଲେଶ୍?ର ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଏବଂ କର୍ମଚାରୀ ମାନେ ଉପସ୍ଥିତ ରହି ଟୀକାକରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯାତ୍ରୀମାନେ ମେ ମାସ ୧ ତାରିଖରୁ ବିଭିନ୍ନ ପର୍ଯ୍ୟାୟରେ ବିମାନ ଯୋଗେ ମକ୍କା ଅଭିମୁଖେ ଯାତ୍ରା କରିବେ। ଜୁନ ୧୧ ତାରିଖରେ ହଜ୍ କରିବା ପରେ ସମସ୍ତ ଯାତ୍ରୀ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ବୋଲି କମିଟି ପକ୍ଷରୁ କୁହାଯାଇଛି।



# ଦେଶ ବିଦେଶ

ସକାଳ
THE SAKALA
www.sakalaepaper.com

## କଶ୍ମୀରରେ ୮୦୦୦ ନକଲି ବ୍ୟାଙ୍କ ଖାତା

ନୂଆଦିଲ୍ଲୀ,୧୫ ।୨(ଏଜେନ୍ସି): ଜମ୍ମୁ-କଶ୍ମୀରରେ ସୁରକ୍ଷା ଏଜେନ୍ସିଗୁଡ଼ିକ ଆର୍ଥିକ ଅପରାଧ ଓ ଆତଙ୍କବାଦୀ ପାଣ୍ଠି ବିରୋଧରେ ଏକ ବଡ଼ ତଥା ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏଜେନ୍ସିଗୁଡ଼ିକ ୮,୦୦୦ରୁ ଅଧିକ ମ୍ୟୁଲ ଅର୍ଥାତ ଜାଲ ତଥା ନକଲି ଖାତାଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକୁ ଫ୍ରିଜ୍ କରିଛନ୍ତି । ମ୍ୟୁଲ ଆକାଉଣ୍ଟ ଏପରି ଏକ ବ୍ୟାଙ୍କ ଖାତା ଯାହାକୁ ଅପରାଧୀମାନେ ଅବୈଧ ଟଙ୍କା କାରବାର କରିବା ପାଇଁ ବ୍ୟବହାର କରିଥାନ୍ତି । ଅଧିକାଂଶ ସାଧାରଣ ଲୋକଙ୍କୁ କିଛି ଟଙ୍କାର ଲୋଭ ଦେଖାଇ କିମ୍ବା ସେମାନଙ୍କ ଅଜାଣତରେ ସେମାନଙ୍କ କାଗଜପତ୍ର ବ୍ୟବହାର କରି ଏହି ଖାତାଗୁଡ଼ିକ ଖୋଲାଯାଇଥାଏ । ସାଇବର ପୁଲିସ ଓ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକ ଏହି ଖାତାଗୁଡ଼ିକ ମାଧ୍ୟମରେ ହେଉଥିବା ସନ୍ଦେହଜନକ କାରବାର ଉପରେ ନଜର ରଖିଥିଲେ । ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବ୍ୟବହୃତ ହେଉଥିବା ପାଣ୍ଠିର ଉତ୍ସକୁ ବନ୍ଦ କରିବା ଓ ସାଇବର ଠକେଇକୁ ରୋକିବା ଏହି ପଦକ୍ଷେପର ମୂଳ କାରଣ ବୋଲି କୁହାଯାଇଛି ।

## ଏପ୍ରିଲ ୨୨ରୁ ଖୋଲିବ କେଦାରନାଥ ଧାମ

ଡେରାଡୁନ,୧୫ ।୨(ଏଜେନ୍ସି): ଆସନ୍ତା ଏପ୍ରିଲ ୨୨ ତାରିଖ ସକାଳ ୮ଟାରେ ଶ୍ରଦ୍ଧାଳୁଙ୍କ ପାଇଁ କେଦାରନାଥ ଧାମର ଦ୍ୱାର ପୁଣିଥରେ ଖୋଲିବ । ମହାଶିବରାତ୍ରି ଅବସରରେ ରୁଦ୍ରପ୍ରୟାଗ ଜିଲ୍ଲାର ଉଖୀମଠସ୍ଥିତ ଓମ୍‌କାରେଶ୍ୱର (ଭଗବାନ କେଦାରନାଥଙ୍କ ଶୀତକାଳୀନ ଆସନ) ଠାରେ ଶୁଭ ମୁହୂର୍ତ୍ତ ଗଣନା କରାଯାଇ ଏହି ସୂଚନା ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି । ସକାଳ ୮ଟା ପରଠାରୁ ଶ୍ରଦ୍ଧାଳୁମାନେ ବାବା କେଦାରଙ୍କ ସ୍ୱୟମ୍ଭୂ ଶିବଲିଙ୍ଗ ଦର୍ଶନ ଓ ପୂଜାର୍ଚ୍ଚନା କରିପାରିବେ । ଦ୍ୱାର ଫିଟିବା ତାରିଖ ସ୍ଥିର ହେବା ପରେ ପ୍ରଶାସନ ଓ ମନ୍ଦିର କର୍ତ୍ତୃପକ୍ଷ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି । କେଦାରନାଥ ପଦଯାତ୍ରା ମାର୍ଗରୁ ବରଫ ହଟାଇବା ଓ ଭିତ୍ତିଭୂମି ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି । ମନ୍ଦିର ଖୋଲିବା ପୂର୍ବରୁ ପରମ୍ପରା ଅନୁଯାୟୀ କେତେକ ଧାର୍ମିକ ରୀତିନୀତିର ପାଳନ କରାଯିବ । ସୂଚନାଯୋଗ୍ୟ ଯେ, ଗତବର୍ଷ ୨୦୨୫ ମେ ୨ ତାରିଖରେ ମନ୍ଦିରର ଦ୍ୱାର ଖୋଲିଥିଲା ଓ ରେକର୍ଡ ସଂଖ୍ୟକ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ ।

## ବିଷ୍ଣୋଇ ଗ୍ୟାଙ୍ଗର ୩ ସୁଟର ଗିରଫ

ନୂଆଦିଲ୍ଲୀ,୧୫ ।୨(ଏଜେନ୍ସି): ଦିଲ୍ଲୀରେ ବୱାନା ଅଞ୍ଚଳରେ ଦିଲ୍ଲୀ ପୁଲିସ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ୩ ଜଣ ସୁଟରଙ୍କୁ ଗିରଫ କରିଛି । ଏହି ସୁଟରମାନଙ୍କ ସହ ପୁଲିସର ଗୁଳି ବିନିମୟ ହୋଇଥିଲା । ଗୁଳି ବିନିମୟ ପରେ ହିଁ ପୁଲିସ ଏମାନଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛି । ସୁଟରମାନେ ବୱାନା-ମୁଣ୍ଡକା କେନାଲ ଅଞ୍ଚଳରେ ଥିବା ସୂଚନା ପାଇଁ ପୁଲିସ ଟିମ୍ ସେଠାରେ ଘେରାବନ୍ଦୀ କରିଥିଲା । ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କଲା ବେଳେ, ଅଭିଯୁକ୍ତମାନେ ପୁଲିସ ଉପରକୁ ଗୁଳି ଚଳାଇବା ଆରମ୍ଭ କରିଥିଲେ । ପୁଲିସ ପକ୍ଷରୁ ମଧ୍ୟ ଜବାବରେ ଗୁଳି ଚାଳନା ହୋଇଥିଲା । ଗିରଫ ହେବା ପରେ ଅଭିଯୁକ୍ତଙ୍କ ନିକଟରୁ ମାରାତ୍ମକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ଲରେନ୍ସ ଗ୍ୟାଙ୍ଗର ସୁଟରମାନେ କେବଳ ଦେଶ ନୁହେଁ ସାରା ବିଶ୍ୱରେ ବିଭିନ୍ନ ଦେଶରେ ରହିଛନ୍ତି । କିଛି ଦିନ ତଳେ ଏହି ଗ୍ୟାଙ୍ଗର ସଦସ୍ୟମାନେ ଜଣେ ପାକିସ୍ତାନୀ ଡନ୍‌ଙ୍କୁ ହତ୍ୟା କରିବା ପାଇଁ ଧମକ ଦେଇଥିଲେ ।

## ୧୦୦୦ରୁ ଅଧିକ ପାଇଲଟ ନିଯୁକ୍ତ କରିବ ଇଣ୍ଡିଗୋ

ନୂଆଦିଲ୍ଲୀ,୧୫ ।୨(ଏଜେନ୍ସି): ଭାରତର ସର୍ବବୃହତ ବେସାମରିକ ବିମାନ ସେବା ସଂସ୍ଥା (ଇଣ୍ଡିଗୋ) ବଡ଼ ଧରଣର ପାଇଲଟ ନିଯୁକ୍ତି ପାଇଁ ପ୍ରସ୍ତୁତି ଚଳାଇଛି । କମ୍ପାନୀ ୧,୦୦୦ରୁ ଅଧିକ ପାଇଲଟଙ୍କୁ ନିଯୁକ୍ତି ଦେବାକୁ ଯୋଜନା କରିଛି । ରିପୋର୍ଟ ଅନୁଯାୟୀ, ଭାରତୀୟ ବିମାନ ଚଳାଚଳ କ୍ଷେତ୍ରରେ କୌଣସି ଏୟାର ଲାଇନ୍ସ ଦ୍ୱାରା ଏହା ଏକ ବଡ଼ ନିଯୁକ୍ତି ପ୍ରକ୍ରିୟା । ଗତ ଡିସେମ୍ବର ମାସରେ ପରିଚାଳନାଗତ ସମସ୍ୟା ଯୋଗୁ ବିମାନ ସେବା ଭିତ୍ତିଭୂମିରେ ସୃଷ୍ଟି ହୋଇଥିବା ସଙ୍କଟକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି । ସେହି ସମୟରେ କର୍ମଚାରୀଙ୍କ ଅଭାବ ଯୋଗୁଁ ମାତ୍ର ୭ ଦିନ ମଧ୍ୟରେ ପ୍ରାୟ ୫,୦୦୦ ବିମାନ ବାତିଲ କରିବାକୁ ପଡ଼ିଥିଲା, ଯାହା ଯାତ୍ରୀମାନଙ୍କ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଥିଲା । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ନିୟାମକ ଆବଶ୍ୟକତା ପୂରଣ କରିବା ପାଇଁ ଇଣ୍ଡିଗୋ ଏହି ନିଯୁକ୍ତି କରୁଛି । ୩ଟି ପଦ ପାଇଁ ଆବେଦନ ଗ୍ରହଣ କରାଯିବ । ସେଗୁଡ଼ିକ ହେଲା, ଟ୍ରେନି ଫାଷ୍ଟ ଅଫିସର, ସିନିୟର ଫାଷ୍ଟ ଅଫିସର ଓ କ୍ୟାପଟେନ । ଇଣ୍ଡିଗୋ ପ୍ରତିମାସରେ ୪ ନୂଆ ବିମାନକୁ ସାମିଲ କରୁଛି । ଏଗୁଡ଼ିକୁ ଚଳାଇବା ପାଇଁ ନୂଆ ପାଇଲଟଙ୍କ ଆବଶ୍ୟକତା ରହିଛି । କମ୍ପାନୀ ପ୍ରତିମାସରେ ୨୦ରୁ ୨୫ ଜଣ ଫାଷ୍ଟ ଅଫିସରଙ୍କୁ କ୍ୟାପଟେନ ପଦବୀକୁ ପଦୋନ୍ନତି ଦେଉଛି । ଜଣେ ଟ୍ରେନି ଅଫିସର ପ୍ରସ୍ତୁତି ହେବା ପାଇଁ ୬ ମାସ ସମୟ ଲାଗିଥାଏ । ସେହିପରି କ୍ୟାପଟେନ ହେବା ପାଇଁ ୧,୫୦୦ ଘଣ୍ଟାର ବିମାନ ଚଳାଚଳ ଅଭିଜ୍ଞତା ଆବଶ୍ୟକତା ହୋଇଥାଏ । କମ୍ପାନୀ ବର୍ତ୍ତମାନ ଏହି ନିୟମଗୁଡ଼ିକୁ ଅଧିକ କଡ଼ାକଡ଼ି କରୁଛନ୍ତି ।

## ୧୭ ପାକ୍ ସୈନ୍ୟଙ୍କୁ ମୁଣ୍ଡଜାମିନ ରଖିବା ନେଇ ବିଏଲ୍‌ଏର ଦାବି

ଇସଲାମାବାଦ୍,୧୫ ।୨(ଏଜେନ୍ସି): ୧୭ ଜଣ ପାକିସ୍ତାନ ସୈନ୍ୟଙ୍କୁ ବନ୍ଧକ ରଖିଛି ବୋଲି ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍‌ଏ) ରବିବାର ଦାବି କରିଛି । ତେବେ ଏମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ଛାଡ଼ି ଦିଆଯାଇଥିବା ବେଳେ ବାକି ୭ ଏବେ ମଧ୍ୟ କଏଦରେ ଅଛନ୍ତି । ଏହି ବନ୍ଦୀମାନଙ୍କ ବଦଳରେ ନିଜର ସାଥୀ ଲଢୁଆମାନଙ୍କୁ ମୁକ୍ତ କରିବା ପାଇଁ ବିଏଲ୍‌ଏ ପାକିସ୍ତାନ ସରକାରଙ୍କୁ ଏକ ସପ୍ତାହର ସମୟ ଦେଇଛି । ଏହି ଦାବି ବିଏଲ୍‌ଏ ମିଡ଼ିଆ ୱିଙ୍ଗ୍ 'ହକ୍କାଲ' ପକ୍ଷରୁ ଜାରି କରାଯାଇଥିବା ବୟାନରେ କୁହାଯାଇଛି । ତେବେ ପାକିସ୍ତାନ ସେନା କିମ୍ବା ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ କୌଣସି ଆଧିକାରିକ ବୟାନ ଜାରି କରାଯାଇନାହିଁ । ବିଏଲ୍‌ଏ ମୁଖପାତ୍ର ଜିୟନ୍ଦ ବଲୁଚ ଏହି ଘଟଣାକୁ 'ଅପରେସନ ହେରୋଫ'ର ଦ୍ୱିତୀୟ ପର୍ଯ୍ୟାୟ ବୋଲି ବର୍ଣ୍ଣନା କରିଛନ୍ତି । ଉଲ୍ଲେଖଥାଉ କି, ବେଲୁଚିସ୍ତାନର ସ୍ୱାଧୀନତା ପାଇଁ ବିଏଲ୍‌ଏ ଲଢୁଛି ।



## ତାରିକଙ୍କ ଶପଥ ଉତ୍ସବକୁ ଯିବେ ଲୋକସଭା ବାଚସ୍ପତି ଓମ୍ ବିର୍ଲା

ନୂଆଦିଲ୍ଲୀ,୧୫ ।୨(ଏଜେନ୍ସି): ବାଂଲାଦେଶ ନେସନାଲ ପାର୍ଟି (ଏନ୍‌ସିପି)ର ଅଧ୍ୟକ୍ଷ ତାରିକ ରେହମାନ ଆସନ୍ତା ଫେବୃଆରୀ ୧୭ ତାରିଖରେ ଦେଶର ନୂଆ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ପରମ୍ପରାକୁ ଭାଙ୍ଗି ଏହି ଉତ୍ସବ ରାଷ୍ଟ୍ରପତି ଭବନ ପରିବର୍ତ୍ତେ ଢାକାସ୍ଥିତ ଜାତୀୟ ସଂସଦ ଭବନର ଦକ୍ଷିଣ ପ୍ଲାଜାରେ ଅନୁଷ୍ଠିତ ହେବ । ଏହି ସମାରୋହରେ ଯୋଗ ଦେବା ପାଇଁ ଢାକା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନେକ ଆଞ୍ଚଳିକ ନେତାଙ୍କୁ ନିମନ୍ତ୍ରଣ କରାଯାଇଛି । ଶନିବାର ବିଳମ୍ବିତ ରାତିରେ ଭାରତକୁ ଏହି ନିମନ୍ତ୍ରଣ ପଠାଯାଇଛି । ଫେବୃଆରୀ ୧୭ରେ ପ୍ରଧାମନମନ୍ତ୍ରୀ ମୋଦୀ ମୁମ୍ବଇରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ସହ ଏକ ଦ୍ୱିପାକ୍ଷିକ ବୈଠକରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ତେଣୁ ସେ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇପାରିବେ ନାହିଁ ବୋଲି କୁହାଯାଇଛି । ଏପରି ସ୍ଥଳେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଓ ବୈଦେଶିକ ସଚିବ ବିକ୍ରମ ମିଶ୍ରି ଏହି ଶପଥ ଗ୍ରହଣ ଉତ୍ସବରେ ଭାରତର ପ୍ରତିନିଧିତ୍ୱ କରିବେ । ପୂର୍ବରୁ ବିଏନ୍‌ପିର ବିଜୟରେ ମୋଦୀ ବାଂଲାଦେଶର ଭାବି ପ୍ରଧାନମନ୍ତ୍ରୀ ତାରିକ ରେହମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରୋନ ଫେବୃଆରୀ ୧୭ରେ ଭାରତ ଗସ୍ତରେ ଆସୁଛନ୍ତି । ୧୭ ତାରିଖରେ ମୁମ୍ବଇରେ ପ୍ରଧାନମନ୍ତ୍ରୀ ମୋଦୀ ଓ ମାକ୍ରୋନଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ସହ କେତୋଟି ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି ।



## ମୁନୀରଙ୍କୁ ଅଟକାଇଲେ ସୁରକ୍ଷା ଅଧିକାରୀ

ମ୍ୟୁନିକ୍,୧୫ ।୨(ଏଜେନ୍ସି): ଜର୍ମାନୀର ମ୍ୟୁନିକ୍‌ରେ ଚାଲିଥିବା ସୁରକ୍ଷା ସମ୍ମିଳନୀରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା । ପାକିସ୍ତାନର ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ଅସୀମ ମୁନୀରଙ୍କୁ ପ୍ରବେଶ ସମୟରେ ଜଣେ ସୁରକ୍ଷା ଅଧିକାରୀ ଅଟକାଇ ତାଙ୍କର ପରିଚୟପତ୍ର ସଠିକ୍ ଭାବେ ଦେଖାଇବାକୁ କହିଥିଲେ । ଏହି ଘଟଣାର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଅସୀମ ମୁନୀର ନିଜର ପ୍ରତିନିଧି ଦଳ ସହ ସମ୍ମିଳନୀରେ ଯୋଗ ଦେବାକୁ ପହଞ୍ଚିଥିଲେ । ପ୍ରବେଶ ଦ୍ୱାରରେ ମୁତୟନ ଥିବା ଜଣେ ସୁରକ୍ଷା ଅଧିକାରୀ ଦେଖିଲେ ଯେ, ମୁନୀରଙ୍କ ପରିଚୟ ପତ୍ରରେ ତାଙ୍କ ନାମ ସଠିକ୍ ଭାବେ ଦୃଶ୍ୟମାନ ହେଉନାହିଁ । ଭାଇରାଲ ଭିଡ଼ିଓରେ ଅଧିକାରୀ ଜଣକ ନିଜ ବ୍ୟାଚ୍ ଆଡକୁ ଇସାରା କରି ମୁନୀରଙ୍କୁ କହୁଛନ୍ତି, ଆପଣ ନିଜର ଆଇଡି ସାମ୍ନା ପଟକୁ କରିଦିଅନ୍ତୁ । ଅବଶ୍ୟ ଏହି ଭିଡ଼ିଓରେ କୌଣସି ପ୍ରକାର ଯୁକ୍ତିତର୍କ କିମ୍ବା ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିନାହିଁ । ଏହି ସମୟରେ ଜର୍ମାନୀରେ ଥିବା ସିନ୍ଧି ରାଜନୈତିକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁନୀରଙ୍କ ଗସ୍ତକୁ ବିରୋଧ କରାଯାଇଥିଲା । ପାକିସ୍ତାନରେ ମାନବାଧିକାର ଉଲ୍ଲଂଘନ ପ୍ରସଙ୍ଗ ଉଠାଇବା ସହ ଫିଲ୍ଡ ମାର୍ଶାଲଙ୍କ ଉପସ୍ଥିତିକୁ ନେଇ ଆପତ୍ତି ପ୍ରକାଶ କରାଯାଇଥିଲା ।

### ସନ୍ଦେହଜନକ ଥିଲା ଏପଷ୍ଟିନଙ୍କ ମୃତ୍ୟୁ

## ଆତ୍ମହତ୍ୟା ନୁହେଁ; ହତ୍ୟା



ୱାସିଂଟନ,୧୫ ।୨(ଏଜେନ୍ସି): ୨୦୧୯ରେ ନ୍ୟୁୟର୍କ ଜେଲ୍‌ରେ କୁଖ୍ୟାତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନଙ୍କ ମୃତ୍ୟୁକୁ ନେଇ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ସେ ଆତ୍ମହତ୍ୟା କରିନାହାନ୍ତି ଓ ତାଙ୍କର ତଣ୍ଟି ଚିପି ହତ୍ୟା କରାଯାଇଛି ବୋଲି ଦାବି କରାଯାଇଛି । ତାଙ୍କ ଶବ ବ୍ୟବଚ୍ଛେଦ ସମୟରେ ଉପସ୍ଥିତ ଥିବା ଫୋରେନସିକ ବିଶେଷଜ୍ଞ ଡାକ୍ତର ମାଇକେଲ ବ୍ୟାଡ଼େନ ଏହି ଦାବି କରିଛନ୍ତି । 'ଦି ଟେଲିଗ୍ରାଫ୍'କୁ ଦେଇଥିବା ସାକ୍ଷାତକାରରେ ସେ କହିଛନ୍ତି ଯେ, ଏହି ମାମଲାର ପୁନଃ ତଦନ୍ତ ହେବା ଆବଶ୍ୟକ । ସରକାରୀ ମେଡିକାଲ ପରୀକ୍ଷାରେ ଏହାକୁ ଆତ୍ମହତ୍ୟା ବୋଲି କୁହାଯାଇଥିଲେ ମଧ୍ୟ ଡାକ୍ତର ବ୍ୟାଡ଼େନଙ୍କ ଅନୁସାରେ ତଥ୍ୟଗୁଡ଼ିକ ହତ୍ୟା ଆଡ଼କୁ ଇସାରା କରୁଛି । ତାଙ୍କ ବେକରେ ୩ଟି ହାଡ଼ ଭାଙ୍ଗିବା ଅସ୍ୱାଭାବିକ ମନେ ହେଉଛି । ବ୍ୟାଡେନ କହିଛନ୍ତି ଯେ ତାଙ୍କର ୫୦ ବର୍ଷର ଅଭିଜ୍ଞତା ମଧ୍ୟରେ ସେ ଆତ୍ମହତ୍ୟା କରିଥିବା କୌଣସି ବ୍ୟକ୍ତିଙ୍କ କ୍ଷେତ୍ରରେ ଏପରି ୩ଟି ହାଡ଼ ଭାଙ୍ଗିଥିବା ଦେଖିନାହାନ୍ତି । ଏଭଳି ଆଘାତ କେବଳ ତଣ୍ଟିଚିପି ହତ୍ୟା କରିବା ସମୟରେ ହୋଇଥାଏ ବୋଲି ସେ ସ୍ପଷ୍ଟ କରିଛନ୍ତି ।

ଏହି ମାମଲାରେ ଚକିତ କଲା ଭଳି ଅନ୍ୟାନ ତଥ୍ୟ ମଧ୍ୟ ମିଳିଛି । ଆମେରିକା ନ୍ୟାୟ ବିଭାଗର ନୂଆ ଦସ୍ତାବିଜ୍‌ରୁ ଜଣାପଡ଼ିଛି ଯେ, ଏପଷ୍ଟିନଙ୍କ ମୃତ୍ୟୁର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ୨୦୧୯ ଅଗଷ୍ଟ ୯ରେ ହିଁ ତାଙ୍କ ମୃତ୍ୟୁ ସମ୍ପର୍କିତ ଆଧିକାରିକ ବୟାନର ଡ୍ରାଫ୍ଟ ପ୍ରସ୍ତୁତ ହୋଇସାରିଥିଲା । ଜେଲ୍‌ର ଅଧିକାରୀମାନେ ଅନେକ ଘଣ୍ଟା ପର୍ଯ୍ୟନ୍ତ ଏପଷ୍ଟିନଙ୍କ ଉପରେ ନଜର ରଖିନଥିଲେ, ଯଦିଓ ୩୦ ମିନିଟ ପର୍ଯ୍ୟନ୍ତ ଯାଞ୍ଚ୍ କରିବା ଅନିବାର୍ଯ୍ୟ ଥିଲା । ପୁଣି ଘଟଣା ସମୟରେ ଜେଲ୍‌ର କିଛି ସିସିଟିଭି କ୍ୟାମେରା କାମ କରୁନଥିଲା । ଆମେରିକୀୟ କଂଗ୍ରେସର ସଦସ୍ୟ ଲରେନ୍ ବୋବର୍ଟ କହିଛନ୍ତି ଯେ, ଏହି ମାମଲାର କିଛି ଦସ୍ତାବିଜରେ 'କ୍ୟାନିବାଲ ରେସ୍ତୁରାଁ' (ମଣିଷ ମାଂସ ଖିଆଯାଉଥିବା ସ୍ଥାନ) ଭଳି ଭୟଙ୍କର ଶବ୍ଦର ବ୍ୟବହାର କରାଯାଇଛି । ତେଣୁ ଏପିଷ୍ଟିନଙ୍କ ମୃତ୍ୟୁ ମାମଲାରେ ପୁଣି ଥରେ ପୁଙ୍ଖାନୁପୁଙ୍ଖ ଯାଞ୍ଚର ଆବଶ୍ୟକତା ରହିଛି । ଏପଷ୍ଟିନ ଫାଇଲକୁ ଆମେରିକା ନ୍ୟାୟ ବିଭାଗ ସାର୍ବଜୀନନ କରିବା ପରେ ସାରା ବିଶ୍ୱରେ ହଇଚଇ ସୃଷ୍ଟି ହୋଇଛି । କେତେକ ବିଶିଷ୍ଟ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମ ଏହି ଫାଇଲ୍‌ରେ ଆସିବା ପରେ ସେମାନେ ଅଡୁଆରେ ପଡ଼ିଛନ୍ତି ।

### ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

## ମାର୍ଚ୍ଚ ୯ରେ ବିତର୍କ ଓ ଭୋଟିଂ

ନୂଆଦିଲ୍ଲୀ,୧୫ ।୨(ଏଜେନ୍ସି): ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ହଟାଇବା ପାଇଁ ବିରୋଧୀ ଦଳ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି । ଆସନ୍ତା ମାର୍ଚ୍ଚ ୯ରେ ଏହି ପ୍ରସଙ୍ଗରେ ବିତର୍କ ଓ ଭୋଟିଂ ହେବ ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ରବିବାର ସୂଚନା ଦେଇଛନ୍ତି । ରିଜିଜୁ କହିଛନ୍ତି ଯେ, ଏହି ଅଧିବେଶନ ବେଶ୍ ଆକର୍ଷଣୀୟ ହେବ, କାରଣ ଅନେକ ଜରୁରୀକାଳୀନ ଆଇନ୍ ଓ କିଛି ଗୁରୁତ୍ୱପୂର୍ଣ୍ଣ ବିଲ ସଂସଦରେ ପାରିତ ହେବା ପାଇଁ ଆଗତ କରାଯିବ । ଯଦି ବିରୋଧୀ ଦଳଗୁଡ଼ିକ ଅଧିବେଶନ ପୂର୍ବରୁ ନିଜର ବିରୋଧ ପ୍ରଦର୍ଶନ ଜାରି ରଖନ୍ତି, ତେବେ ଏହା ସେମାନଙ୍କ ପାଇଁ କ୍ଷତିକାରକ ହେବ । ନିୟମ ଅନୁଯାୟୀ ପ୍ରଥମ ଦିନରେ ହିଁ ବାଚସ୍ପତିଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ହେବ ଓ ପରେ ଭୋଟିଂ ହେବ । ଏଥିସହ ସେ ଗିଲୋଟିନର ଚେତାବନୀ ମଧ୍ୟ ଦେଇଛନ୍ତି । ଯଦି ବିରୋଧୀ ଗୃହ କାର୍ଯ୍ୟ ଚଳାଇବାକୁ ନ ଦିଅନ୍ତି, ତେବେ ଆମେ ଗିଲୋଟିନ୍ (ବିନା ଆଲୋଚନାରେ ବିଲ୍ ପାସ୍ କରିବା ପ୍ରକ୍ରିୟା) ପାଇଁ ଯିବୁ । ସେ ସୂଚନା ଦେଇଛନ୍ତି ଯେ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବାଚସ୍ପତିଙ୍କ ବିରୋଧରେ ଆଗତ ଏହି ଅନାସ୍ଥା ପ୍ରସ୍ତାବରେ ସ୍ୱାକ୍ଷର କରିନାହିଁ । ଅନେକ ଛୋଟ ଦଳ ଗୃହ କାର୍ଯ୍ୟ ବନ୍ଦ କରିବା ସପକ୍ଷରେ ନାହାନ୍ତି । ଉଲ୍ଲେଖଥାଉ କି ଫେବୃଆରୀ ୨ରୁ ବଜେଟ ଅଧିବେଶନର ପ୍ରଥମ ଭାଗ ହଟ୍ଟଗୋଳ ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା । ବିଶୃଙ୍ଖଳ ଆଚରଣ ପାଇଁ ୮ ଜଣ ବିରୋଧୀ ଦଳ ସଦସ୍ୟଙ୍କୁ ବଜେଟ ଅଧିବେଶନର ବାକି ସମୟ ପାଇଁ ନିଲମ୍ବିତ କରାଯାଇଥିଲା । ବିରୋଧୀ ଦଳଗୁଡ଼ିକ ବାଚସ୍ପତିଙ୍କ ଉପରେ ପାତରଅନ୍ତର ଆଚରଣ ଅଭିଯୋଗ ଆଣିବା ପରେ ଓମ ବିର୍ଲା ବର୍ତ୍ତମାନ ପାଇଁ ଗୃହ ପରିଚାଳନାରୁ ନିଜକୁ ଦୂରେଇ ରଖିଛନ୍ତି ।

## ଆମେରିକା ସହ ପରମାଣୁ ଚୁକ୍ତି ପାଇଁ ଇରାନ ପ୍ରସ୍ତୁତ

ୱାସିଂଟନ/ତେହେରାନ,୧୫ ।୨(ଏଜେନ୍ସି): ଆମେରିକା ସହ ପରମାଣୁ ଚୁକ୍ତିକୁ ନେଇ ଇରାନ ପୁଣିଥରେ ଆଲୋଚନା ପାଇଁ ଇଚ୍ଛା ପ୍ରକାଶ କରିଛି । ଇରାନ ଉପ-ବୈଦେଶିକ ମନ୍ତ୍ରୀ ମଜିଦ ତଖ୍ତ- ରୱାଞ୍ଚି ବିବିସିକୁ ଦେଇଥିବା ସାକ୍ଷାତକାରରେ କହିଛନ୍ତି ଯେ, ଯଦି ଆମେରିକା କଟକଣା ହଟାଇବା ବିଷୟରେ ଆଲୋଚନା ପାଇଁ ପ୍ରସ୍ତୁତ, ତେବେ ଇରାନ ପରମାଣୁ କାର୍ଯ୍ୟକ୍ରମ ସହିତ ଜଡ଼ିତ ଅନେକ ପ୍ରସଙ୍ଗରେ ବୁଝାମଣା କରିବାକୁ ରାଜି ଅଛି । ଆସନ୍ତା ମଙ୍ଗଳବାର ଦିନ ଜେନେଭାଠାରେ ଦୁଇ ଦେଶ ମଧ୍ୟରେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ହେବ । ଅନ୍ୟପଟେ ଆମେରିକା ପକ୍ଷରୁ ବାରମ୍ବାର କୁହାଯାଇଛି ଯେ, ପରମାଣୁ ଆଲୋଚନା ଅଟକିବା ପଛରେ ଇରାନ ହିଁ ଦାୟୀ । ତେବେ ବାଲିଷ୍ଟିକ ମିସାଇଲ ପ୍ରକଳ୍ପ ଉପରେ ଆମେରିକା ସହ କୌଣସି ଆଲୋଚନା ହେବନାହିଁ ବୋଲି ରୱାଞ୍ଚି କହିଛନ୍ତି । ସେ କହିଛନ୍ତି ଯେ, ଯେତେବେଳେ ଇସ୍ରାଏଲ ଓ ଆମେରିକା ଆମ ଉପରେ



ଟ୍ରମ୍ପ କଟକଣା ହଟାଇଲେ ଚୁକ୍ତି ସମ୍ଭବ ବୋଲି କହିଲେ ଉପ- ବୈଦେଶିକ ମନ୍ତ୍ରୀ

ଆକ୍ରମଣ କରିଥିଲେ, ସେତେବେଳେ ଏହି ମିସାଇଲଗୁଡ଼ିକ ହିଁ ଆମକୁ ରକ୍ଷା କରିଥିଲା । ଆମେ ଆମର ପ୍ରତିରକ୍ଷା କ୍ଷମତା କିପରି ଛାଡ଼ି ପାରିବୁ ବୋଲି ସେ ପ୍ରଶ୍ନ କରିଛନ୍ତି । ସେପଟେ ପରମାଣୁ ଅସ୍ତ୍ର ତିଆରିକୁ ରୋକିବା ପାଇଁ ହେବାକୁ ଥିବା ଏହି ଆଲୋଚନାରେ ଇରାନ ଏକ ନୂଆ ପ୍ରସ୍ତାବ ଦେଇଛି । ରୱାଞ୍ଚିଙ୍କ ଅନୁଯାୟୀ, ଇରାନ ୬୦ ପ୍ରତିଶତ ପର୍ଯ୍ୟନ୍ତ ସମ୍ବର୍ଦ୍ଧିତ ୟୁରାନିୟମ ଭଣ୍ଡାରକୁ କମାଇବାକୁ ପ୍ରସ୍ତୁତ ଅଛି ।

ସୂଚନାଯୋଗ୍ୟ ଯେ, ୬୦ ପ୍ରତିଶତ ସମ୍ବର୍ଦ୍ଧିତ ୟୁରାନିୟମକୁ 'ୱେପନ ଗ୍ରେଡ୍' ବା ଅସ୍ତ୍ର ତିଆରି ପାଇଁ ଉପଯୁକ୍ତସ୍ତରର ନିକଟତର ବୋଲି ଧରାଯାଏ । ଅପରପକ୍ଷରେ ଆମେରିକାର ବିଶେଷ ଦୂତ ଷ୍ଟିଭ ୱିଟ୍‌କଫ୍ ଚୁକ୍ତି ପାଇଁ କେତୋଟି ସର୍ତ୍ତ ରଖିଛନ୍ତି । ସେଗୁଡ଼ିକ ହେଲା, ୟୁରାନିୟମ ସମ୍ବର୍ଦ୍ଧନା ଉପରେ ସମ୍ପୂର୍ଣ୍ଣ କଟକଣା । ପୂର୍ବରୁ ଗଚ୍ଛିତ ଥିବା ସମ୍ବର୍ଦ୍ଧିତ ୟୁରାନିୟମକୁ ହଟାଇବା । ଦୂରଗାମୀ କ୍ଷେପଣାସ୍ତ୍ର ସଂଖ୍ୟା ସୀମିତ ରଖିବା । ଆଞ୍ଚଳିକ ପ୍ରକ୍ସି ଫୋର୍ସଗୁଡ଼ିକୁ ସହାୟତା ବନ୍ଦ କରିବା । ଇତିମଧ୍ୟରେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢୁଥିବା ବେଳେ ଆମେରିକା ନିଜର ସବୁଠାରୁ ବଡ଼ ଏୟାରକ୍ରାଫ୍ଟ କ୍ୟାରିୟର ସେଠାକୁ ପଠାଇଛି ଓ ଇରାନ ଉପରେ ଚାପ ପ୍ରୟୋଗ କରିବାକୁ ଚେଷ୍ଟା କରୁଛି ।

## ଆମେରିକାରେ ନିଖୋଜ ଭାରତୀୟ ଛାତ୍ରଙ୍କ ମୃତଦେହ ଉଦ୍ଧାର

ସାନ ଫ୍ରାନ୍ସିସ୍କୋ,୧୫ ।୨(ଏଜେନ୍ସି): ଆମେରିକାର ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆର ୨୨ ବର୍ଷୀୟ ଭାରତୀୟ ଛାତ୍ର ସାକେତ ଶ୍ରୀନିବାସୈୟାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ସେ ଗତ ୬ ଦିନ ହେବ ଅର୍ଥାତ ଫେବୃଆରୀ ୯ରୁ ନିଖୋଜ ଥିଲେ । ସାନ ଫ୍ରାନ୍ସିସ୍କୋସ୍ଥିତ ଭାରତୀୟ ଦୂତାବାସ ରବିବାର ଏହି ସୂଚନାକୁ ନିଶ୍ଚିତ କରିଛି । ଦୂତାବାସ ପକ୍ଷରୁ ସୋସିଆଲ ମିଡିଆ



'ଏକ୍ସ'ରେ ପୋଷ୍ଟ କରି କୁହାଯାଇଛି ଯେ, ସ୍ଥାନୀୟ ପୁଲିସ ନିଖୋଜ ଛାତ୍ରଙ୍କ ମୃତଦେହ ମିଳିଥିବା ସୂଚନା ଦେଇଛି । ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହ ଦୂତାବାସ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛି । ମୃତଦେହକୁ ଭାରତ ପଠାଇବା ପାଇଁ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରାଯାଉଥିବା ଦୂତାବାସ ଜଣାଇଛି । ମୃତ ସାକେତଙ୍କୁ ଶେଷଥର ପାଇଁ ବର୍କଲେ ହିଲ୍ସସ୍ଥିତ ଲେକ୍ ଏଞ୍ଜା ନିକଟରେ ଦେଖିବାକୁ ମିଳିଥିଲା । ଏକ ଘରର ଦ୍ୱାର ନିକଟରୁ ତାଙ୍କ ବ୍ୟାଗ୍ ମିଳିଥିଲା । ଏଥିରେ ତାଙ୍କ ପାସପୋର୍ଟ ଓ ଲାପଟପ୍ ରହିଥିଲା । ସାକେତ କର୍ଣ୍ଣାଟକର ବାସିନ୍ଦା ଥିଲେ । ସେ ଆଇଆଇଟି ମାଡ୍ରାସରୁ କେମିକାଲ ଇଞ୍ଜିନିୟରିଂରେ ବିଟେକ କରିବା ପରେ ବର୍କଲେରେ ମାଷ୍ଟର୍ସ କରୁଥିଲେ । ସାକେତ ନିଖୋଜ ହେବା ପରେ ତାଙ୍କ ରୁମ୍ ମେଟ୍ ବନୀତ ସିଂ ସୋସିଆଲ ମିଡିଆରେ ସୂଚନା ମାଗିଥିଲେ ।

## ଭାରତକୁ ମିଳିବାକୁ ଥିବା ୧୧୪ଟି ବିମାନ ମଧ୍ୟରୁ ୨୪ଟି ସୁପର ରାଫେଲ

ନୂଆଦିଲ୍ଲୀ,୧୫ ।୨(ଏଜେନ୍ସି): ଭାରତ ୩.୨୫ ଲକ୍ଷ କୋଟି ଟଙ୍କା ମୂଲ୍ୟର ଚୁକ୍ତି ଫ୍ରାନ୍ସ ସହ କରିବାକୁ ଯାଉଛି । ଏହି ଚୁକ୍ତି ଦ୍ୱାରା ଭାରତକୁ ୧୧୪ଟି ରାଫେଲ ଲଢୁଆ ବିମାନ ମିଳିବ । ଫେବୃଆରୀ ୧୭ରୁ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ଭାରତ ଗସ୍ତ ସମୟରେ ଏହି ଚୁକ୍ତି ଉପରେ ଚୂଡ଼ାନ୍ତ ମୋହର ବାଜିବ । ଏହି ୧୧୪ଟି ବିମାନ ମଧ୍ୟରୁ ୨୪ଟି ବିମାନ ସୁପର ରାଫେଲ ହେବ । ଏହାକୁ ଫ୍ରାନ୍ସ ବିମାନ ନିର୍ମାତ କମ୍ପାନୀ ଡାସଲ୍ଟ ଆଭିଏସନ ଏଫ୍-୫ ନାମରେ ପସ୍ତୁତ କରିଛି । ଅର୍ଥାତ ଏହି ସୁପର ରାଫେଲ ବିମାନର ନାମ ଏଫ୍-୫ ରଖାଯାଇଛି । ବର୍ତ୍ତମାନ ଭରାତୀୟ ବାୟୁସେନା ପାଖରେ ଏଫ୍-୩ ରାଫେଲ ବିମାନ ରହିଛି । ଏଗୁଡିକ ୪.୫ ଜେନେରେସନ ଅର୍ଥାତ ପିଢ଼ିର । କିନ୍ତୁ ଏହି ନୂଆ ଏଫ୍-୫ ବିମାନଗୁଡ଼ିକ ୫ମ କିମ୍ବା ଷଷ୍ଠ ଜେନେରେସନର ବୋଲି କୁହାଯାଉଛି । ଏହି ବିମାନଗୁଡ଼ିକ ଆମେରିକାର ଏଫ୍-୩୫ ଓ ରୁଷର ସୁଖୋଇ-୫୭ଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ । ମିଳିବାକୁ ଥିବା ୧୧୪ଟି ବିମାନରୁ ୧୮ଟି ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ଆସିବ । ବାକି ୯୬ଟି ଭାରତରେ ତିଆରି ହେବ । ଏଥିରେ ୬୦ ପ୍ରତିଶତ ଯନ୍ତ୍ରାଂଶ ସ୍ୱଦେଶୀ ହେବ । ଏଫ୍-୫ ବିମାନଗୁଡ଼ିକ ୨୦୩୦ ପରେ ମିଳିବ । ଏହି ସୁପର ରାଫେଲ ବିମାନଗୁଡିକରେ ଅତ୍ୟାଧୁନିକ ଷ୍ଟେଲ୍‌ଥ କ୍ଷମତା ଓ ପରମାଣୁ ଅସ୍ତ୍ର ନିକ୍ଷେପ କରିବାର ଶକ୍ତି ରହିବ ।



ଏଫ୍-୫ ନାମ ରଖାଯାଇଛି, ୨୦୩୦ ପରେ ମିଳିବ ଡେଲିଭରି

## ରମ୍‌ଜାନ୍ ପୂର୍ବରୁ ଦୁବାଇରେ ପାକିସ୍ତାନୀ ଭିକାରିଙ୍କ ଭିଡ଼

ଦୁବାଇ,୧୫ ।୨(ଏଜେନ୍ସି): ରମଜାନ ମାସ ପୂର୍ବରୁ ଦୁବାଇରେ ବିଦେଶୀ, ବିଶେଷ କରି ପାକିସ୍ତାନ ଭିକାରିଙ୍କ ସଂଖ୍ୟା ବଢୁଥିବାରୁ ପୁଲିସ ଏକ ବଡ଼ ଧରଣର ଅଭିଯାନ ଆରମ୍ଭ କରିଛି । ଏହି ଅଭିଯାନ ସମୟରେ ଜଣେ ଭିକାରି ଧରା ପଡ଼ିଛନ୍ତି, ଯିଏ କି ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ସହ ୩ଟି ବିଳାସପୂର୍ଣ୍ଣ କାର୍‌ର ମାଲିକ । ବ୍ରିଗେଡିୟର ଅଲି ସାଲେମ ଅଲ ସାମିସ୍‌ଙ୍କ ଅନୁସାରେ, ଏହି ଠକମାନେ ଜନସାଧାରଣଙ୍କ ଦୟାର ସୁଯୋଗ ନେଇ ପ୍ରଚୁର ଟଙ୍କା ରୋଜଗାର କରିଥାନ୍ତି । ଚଢ଼ାଉ ସମୟରେ ଜଣେ ଭିକାରିଙ୍କ ସତରଞ୍ଚି ତଳୁ ୨୫,୦୦୦ ଦିରହାମ (ପ୍ରାୟ ୬ ଲକ୍ଷରୁ ଅଧିକ ଟଙ୍କା) ଉଦ୍ଧାର କରାଯାଇଛି । ସେହିଭଳି ଜଣେ ଏସୀୟ ବ୍ୟକ୍ତି ନିଜର ଦୁଇବର୍ଷର ପିଲାକୁ ଧରି ମସଜିଦ ବାହାରେ ଭିକ ମାଗୁଥିବା ବେଳେ ତାଙ୍କ ପାଖରୁ ୫ ଲକ୍ଷ ଟଙ୍କା ମିଳିଛି । ଭିକାରିମାନେ କେତେ ରୋଜଗାର କରନ୍ତି



ତାହା ଜାଣିବା ପାଇଁ ଶାରଜା ପୁଲିସ ଏକ ପରୀକ୍ଷଣ କରିଥିଲା । ଏଥିରୁ ଜଣାପଡ଼ିଛି

**ଜଣଙ୍କ ପାଖରେ ଅଛି ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି, ୩ଟି ଦାମୀ କାର୍**

**ଘଣ୍ଟାକୁ ହଜାର ହଜାର ଟଙ୍କା ରୋଜଗାର**

ଯେ, ଜଣେ ଭିକାରି ମାତ୍ର ଏକ ଘଣ୍ଟା ମଧ୍ୟରେ ୯,୦୦୦ ଟଙ୍କା (୩୬୭ ଦିରହାମ) ରୋଜଗାର କରିପାରୁଛି । ପୁଲିସ କହିବା ଅନୁଯାୟୀ, ଗିରଫ ହୋଇଥିବା ଲୋକଙ୍କ ମଧ୍ୟରୁ ୯୦ ପ୍ରତିଶତ ପର୍ଯ୍ୟଟକ ଭିସାରେ ଆସି ଭିକ ମାଗୁଛନ୍ତି । ଦୁବାଇରେ ଭିକ୍ଷାବୃତ୍ତି ବିରୋଧରେ କଠୋର ଆଇନ୍ ଲାଗୁ ହୋଇଛି । ଧରାପଡ଼ିଲେ ୫,୦୦୦ ଦିରହାମ ଓ ୩ ମାସ ଜେଲର ବ୍ୟବସ୍ଥା ରହିଛି । ସେହିପରି ବିଦେଶରୁ ଭିକାରି ଆଣୁଥିବା ଲୋକଙ୍କୁ ଅତିକମ୍‌ରେ ୬ ମାସ ଜେଲ ଓ ଏକ ଲକ୍ଷ ଦିରହାମରୁ ଅଧିକ ଜରିମାନା ଦେବାକୁ ପଡ଼ିଥାଏ ।

## ବ୍ରାଉନସୁଗର ଜବତ; ୩ ଗିରଫ



ଘଟଗାଁ, ୧୫।୨(ସମିସ): କେନ୍ଦୁଝର ଜିଲ୍ଲା ଘଟଗାଁ ପୁଲିସକୁ ବଡ଼ ସଫଳତା ମିଳିଛି। ଏକ ଦାମୀ କାର ଯୋଗେ ଭଦ୍ରକରୁ କେନ୍ଦୁଝର ଚାଲାଣ ହେଉଥିବା ଧଳା ଜହରକୁ ଜବତ କରିଛି। ଘଟଗାଁ ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଗାଡ଼ିଟିକୁ ପିଛା କରିଥିଲା ଏକ ଟିମ୍। ଗାଡ଼ିଟିକୁ ପିଛା କରି ଘଟଗାଁ ନିକଟସ୍ଥ କତ୍ରାବେଡ଼ା ପେଟ୍ରୋଲ ପମ୍ପ ନିକଟରେ ଧରିଥିଲା। ବ୍ରାଉନସୁଗର ଚାଲାଣ କରୁଥିବା ୩ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିବା ବେଳେ ତାଙ୍କ ପାଖରୁ ୮୭ ଗ୍ରାମ ବ୍ରାଉନସୁଗର, ଗୋଟିଏ କାର, ୩ଟି ମୋବାଇଲ ସହ ନଗଦ ୯୫୬୦ ଟଙ୍କା ଜବତ କରିଥିବା ପୁଲିସ୍ ପକ୍ଷରୁ ସୂଚନା ମିଳିଛି। ୩ ଅଭିଯୁକ୍ତମାନେ ହେଲେ କେନ୍ଦୁଝର ଟାଉନ ଥାନା ଅଧୀନସ୍ଥ ରାକେଶ ସାହୁ, ଅବନୀ ସାହୁ ଓ ସଞ୍ଜୟ ଜେନା। ସମସ୍ତ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

କେନ୍ଦୁଝର,୧୫।୨(ସମିସ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ରାଇସୁଆଁ ପୁରୁଣା ଥାନା ତାରିଣୀଶାଳ ସମ୍ମୁଖରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଇସୁଆଁ ଗାଁର ମଙ୍ଗୁଲୁ ନାଏକ (୩୮)। ଗତକାଲି ବିଳମ୍ବିତ ରାତ୍ରରେ ସେ ବଜାରରୁ ଘରକୁ ଫେରୁଥିବାବେଳେ ତାଙ୍କୁ ପ୍ରଥମେ ଏକ ବାଇକ୍ ଧକ୍କା ଦେବାରୁ ସେ ରାସ୍ତାରେ ଛିଟିକି ପଡ଼ିଥିଲେ। ବିପରୀତ ଦିଗରୁ ଯାଉଥିବା ଏକ ଟ୍ରକ୍ ତାଙ୍କ ଉପରେ ମାଡ଼ିଯିବାରୁ ଘଟଣାସ୍ଥଳରେ ମଙ୍ଗୁଲୁଙ୍କ ମୃତ୍ୟୁ ଘଟିଛି। ସଦର ପୁଲିସ ପହଞ୍ଚି ତଦନ୍ତ ଚଳାଇଛି। ଏନେଇ ଏକ ମାମଲା ଏକ ରୁଜୁ ହୋଇଛି। କେନ୍ଦୁଝର ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି।

## ରାଣୀପୁର ସିଦ୍ଧେଶ୍ୱର ମନ୍ଦିରରେ ଦୁର୍ବୃତ୍ତଙ୍କ ଭଙ୍ଗାରୁଜା



ବାଲିବନ୍ଧ, ୧୫।୨(ସମିସ): ଝୁମ୍ପୁରା ବ୍ଲକ ବାରିଆ ଥାନା ରାଣୀପୁରସ୍ଥିତ ସିଦ୍ଧେଶ୍ୱର ମନ୍ଦିର ପରିସରରେ ବିଭିନ୍ନ ମୂର୍ତ୍ତିଗୁଡ଼ିକୁ ଗତକାଲି ରାତିରେ କିଛି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏନେଇ ବାରିଆ ଥାନାରେ ମନ୍ଦିର ପରିଚାଳନା କମିଟି ତରଫରୁ ଅଭିଯୋଗ ପରେ ପୁଲିସ ତନାଘନା ଚଳାଇଛି। ମନ୍ଦିର ଚାରିପାଖ ଉଚ୍ଚ ପାଚେରି ଉପରେ ତାରବାଡ଼ ଏବଂ ମୁଖ୍ୟଦ୍ୱାରରେ ଫାଟକ ରହିଥିଲେ ମଧ୍ୟ ଅସାମାଜିକ ବ୍ୟକ୍ତି ମନ୍ଦିର ଭିତରେ ପଶି ଏଭଳି କାଣ୍ଡ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଗଣେଶ ମୂର୍ତ୍ତି, କାର୍ତ୍ତିକ ମୂର୍ତ୍ତି, ହନୁମାନ ମୂର୍ତ୍ତିକୁ ଭଙ୍ଗାରୁଜା କରାଯାଇଛି। ସକାଳେ ଜାଗର ଥିବାରୁ ମନ୍ଦିର ପରିଚାଳନା କମିଟି ତଥା ପୂଜକ ଏସବୁ ଭୋର୍‌ରୁ ଦେଖିଥିଲେ। ବାରିଆ ଥାନାଧିକାରୀ ରଞ୍ଜୁହସିନା କୁଲୁ, ଏଏସଆଇ ଅନୁସୟା ସେଠୀ ମନ୍ଦିରରେ ପହଞ୍ଚି ଅନୁଧ୍ୟାନ କରିବା ସହିତ ଏକ ମାମଲା ରୁଜୁ କରାଯାଇଛି। ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମହେନ୍ଦ୍ର ପ୍ରଧାନ, ବିଶ୍ୱନାଥ ଗିରି, କଳାକାର ପ୍ରଧାନ, ରଶ୍ମିରଞ୍ଜନ ନାଏକ, ଅନିଲ ପ୍ରଧାନ, ସୁଶୀଲ ପ୍ରଧାନ, ନିରାକାର ପ୍ରଧାନ, ତ୍ରିଲୋଚନ ନାଏକ ପ୍ରମୁଖ ଦାବି କରିଛନ୍ତି।

## ଷଣ୍ଢ ବୋଝେଇ ବୋଲେରୋ ଦୁର୍ଘଟଣାଗ୍ରସ୍ତ

କଳାବାଡିଆ,୧୫।୨(ସମିସ): ବାଙ୍ଗିରିପୋଷି ଥାନା ସମ୍ମୁଖ ମେଡିସିନ ଦୋକାନ ଓ ମ୍ୟାଚିଂ ସେଣ୍ଟରରେ ରବିବାର ଭୋର ୫ଟା ସମୟରେ ଭାରସାମ୍ୟ ହରାଇ ଷଣ୍ଢ ବୋଝେଇ ବୋଲେରୋ ପଶିଯାଇଥିଲା। ଫଳରେ ଗଣେଶ ବସାଙ୍କ ଔଷଧ ଦୋକାନ କାନ୍ଥ ଓ କବାଟ ସହିତ ସରୋଜ କୁମାର ସିଙ୍କ ଦୋକାନ ଆଜବେଷ୍ଟସ ଭାଙ୍ଗିଯାଇଥିଲା। ଏହି ବୋଲେରୋରେ ୪ଟି ଷଣ୍ଢ ଥିଲେ। ବୋଲେରୋ କଳାବାଡିଆରୁ ବାଙ୍ଗିରିପୋଷି ଥାନା ପାର କରୁଥିବାବେଳେ ଦୁର୍ଘଟଣା ଘଟିଥିଲା। ଶିବରାତ୍ରି ଦିନ ଷଣ୍ଢ ଚାଲାଣକୁ ସାଧାରଣ ଜନତା ବିରୋଧ କରିଥିଲେ। ଆସାମୀଙ୍କୁ ଶୀଘ୍ର ଧରିବା ପାଇଁ ବଜାର ରାସ୍ତା ବନ୍ଦ କରିଥିଲେ। ପୁଲିସ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପୁଲିସ ଚାରୋଟି ଷଣ୍ଢ ସହିତ ଗାଡ଼ିକୁ ଥାନା ନେଇ ଦୋକାନୀଙ୍କ ଲିଖିତ ଅଭିଯୋଗ ପରେ ଏକ ମାମଲା ରୁଜୁ କରିଛି।

## ୨ ଜୁଆଡ଼ି ଗିରଫ

ଶୁଳିଆପଦା,୧୫।୨(ସମିସ): ଶୁଳିଆପଦା ବ୍ଲକ୍ ବାଘଡା ପଞ୍ଚାୟତ ଅଧୀନ କପ୍ତିଶୋଳ ଗ୍ରାମରେ ଫୁଟବଲ୍ ଖେଳ ପଡିଆରେ ଗତକାଲି ସନ୍ଧ୍ୟାରେ ଜୁଆ ଖେଳ ଚାଲିଥିବା ଖବର ପାଇ ଶୁଳିଆପଦା ଓଆଇସି ସତ୍ୟନାରାୟଣ ବଳ ସଦଳବଳେ ଚଢ଼ଉ କରି ଜୁଆ ଖେଳରେ ବ୍ୟବହୃତ ସାମଗ୍ରୀ, ନଗଦ ୧୨ ଶହ ଟଙ୍କା ଜବତ କରିବା ସହ ଖେଳ କରୁଥିବା ୨ ଜଣ ଜୁଆଡିଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଏ ନେଇ ଶୁଳିଆପଦା ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ଚାନ୍ଦୁଆ ଥାନା ଅଧୀନ ଅଁଳାକୁଡାର ରତିକାନ୍ତ ବେହେରା ଓ ଗୋପିବଲ୍ଲଭ ପରିଡାଙ୍କୁ ଗିରଫ କରାଯାଇଛି।



### ସାରନା କ୍ଲବ୍ ପକ୍ଷରୁ ଆଦିବାସୀ ମହୋତ୍ସବ

# ‘ଯୁବପିଢ଼ି ବାବା ତିଲକାଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ’





ବିଶୋଇ,୧୫।୨(ସମିସ)

ସ୍ୱାଧୀନତା ସଂଗ୍ରାମୀ ବାବା ତିଲକା ମାଝୀଙ୍କ ଜୟନ୍ତୀ ଉପଲକ୍ଷେ ସାରନା ମାର୍ଶାଲ କ୍ଲବ ଆନୁକୂଲ୍ୟରେ ବିଶୋଇ ସାରନା ଛକ ପଡିଆରେ ବାର୍ଷିକ କ୍ରୀଡା, ନୃତ୍ୟ, ସଙ୍ଗୀତ ଏକାଙ୍କିକାର ସମାରୋହ ଆଦିବାସୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୧ ତାରିଖରେ କ୍ଲବ୍ ପକ୍ଷରୁ ବାବା ତିଲକାଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଆଜି ଉତ୍ସବର ମୁଖ୍ୟ ଦିବସ ଅବସରରେ ବାଳକ/ବାଳିକା ବିଭାଗର ଦୌଡ଼, ଲମ୍ବଡ଼ିଆ ପ୍ରତିଯୋଗିତା ସହିତ ମହିଳାଙ୍କ ଦୌଡ଼ି ଟଣା ଓ ବାସ୍କେଟବଲ ପ୍ରତିଯୋଗିତା ଦର୍ଶକଙ୍କ ବେଶ ଆକର୍ଷଣ ସାଜିଥିଲା। ବାବା ତିଲକା ମାଝୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସେହିପରି ଅପରାହ୍ନରେ ଡାଣ୍ଟା,ବୁଢ଼ୀଗାଳି, ଲଟା ଦୀପିଲ ବୁଢୀଗାଳି ଏବଂ ଭାଲୁ ନାଚ ସହିତ ବିଭିନ୍ନ ପ୍ରକାର ଆଦିବାସୀ ପାରମ୍ପରିକ ନୃତ୍ୟର ସଙ୍ଗମ ଦେଖିବାକୁ ମିଳିଥିଲା। କ୍ଲବର ବରିଷ୍ଠ ସଦସ୍ୟ ତୁଳସୀ ରାମ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଭାଦବ୍ ହାଁସଦା ଯୋଗଦେଇ ମହୋତ୍ସବ ଆଦିବାସୀ ପରମ୍ପରାକୁ ଉଜ୍ଜୀବିତ କରୁଛି ବୋଲି ବ୍ୟକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ସାଂସଦ ଇଂ ରାମଚନ୍ଦ୍ର ହାଁସଦା ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ବାବା ତିଲକା ମାଝୀଙ୍କ ସାହସ, ଧୈର୍ଯ୍ୟ, ନେତୃତ୍ୱ, ତ୍ୟାଗ, ବଳିଦାନ ଓ ଦେଶପ୍ରେମ ଜୀବନୀ ଉପରେ ବ୍ୟକ୍ତବ୍ୟ ରଖିବା ସହିତ ତାଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ, ସାମ୍ବାଦିକ ଇଂ ଅମିତ ଦାସ, ୱାର୍ଡସଭ୍ୟ ସୋନିଆ ମାହାଲି, ସମାଜସେବୀ ଖେଲାରାମ ଟୁଡୁ, ଏଡବ୍ଲ୍ୟୁଡ଼ବ୍ଲ୍ୟୁ ମାନି ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ନୃତ୍ୟ ଦଳ ଓ କୃତି କ୍ରୀଡା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସୋମବାର ଢାବୁଲ ନାଚ ପ୍ରୋତିଯୋଗିତା ଅନୁଷ୍ଠିତ ହେବା ନେଇ ସୂଚନା ମିଳିଛି। ସନ୍ଦୀପ ବାସ୍କେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କ୍ଲବ୍‌ର ବରିଷ୍ଠ ସଦସ୍ୟ ଜ୍ୟାତିନ୍ଦ୍ର ନାଥ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବ ସଭାପତି ମନୋଜ ହେମ୍ବ୍ରମ, ସମ୍ପାଦକ ସାଉନା ବାସ୍କେ, ଉପସଭାପତି ନରେଶ ଟୁଡୁ, ସହସମ୍ପାଦକ ବାଜିନାଥ ହେମ୍ବ୍ରମ, ବାରିଆଲ ବାସ୍କେ, ସମାୟ ହେମ୍ବ୍ରମ, ଲକ୍ଷ୍ମଣ ବିନ୍ଧାଣି, ସାଇରାମ ହେମ୍ବ୍ରମ, ଗଜେନ୍ଦ୍ର ମୁର୍ମୁ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଦୁବରାଜ ଟୁଡୁ, ଭୀମ ହେମ୍ବ୍ରମ, ମହେନ୍ଦ୍ର ମୁର୍ମୁ, ନରସିଂହ ମୁର୍ମୁ, ମାନସିଂ ମାଝୀ, ରାମ ମୁର୍ମୁ, ଦିଲ୍ଲୀପ ମୁର୍ମୁ, ରାମଚନ୍ଦ୍ର ବାସ୍କେ, ପୃଥ୍ୱୀରାଜ ଟୁଡୁ, ବୈଦ୍ୟନାଥ ଟୁଡୁଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୯୦ତମ ମହାଶିବରାତ୍ରୀ ମହୋତ୍ସବ



ତେଲକୋଇ, ୧୫।୨(ସମିସ): ତେଲକୋଇ ବ୍ଲକ ମୁଖ୍ୟାଳୟସ୍ଥିତ ଝମୁକାପଶି ରୋଡସ୍ଥିତ ବରଦାନ ଭବନରେ ୯୦ତମ ଶିବ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ତେଲକୋଇ ୧୯ ନମ୍ବର ଜୋନ ଜିଲ୍ଲା ପରିଷଦ ଭଗିନୀ ଛଇଳବାଳା ନାୟକ, ସମ୍ମାନିତ ଅତିଥି ରୂପେ ତେଲକୋଇ ବନାଞ୍ଚଳ ଅଧିକାରୀ ଅଶୋକ ମାଝୀ, ନୂଆଡିହାରୁ ଅବସରପ୍ରାପ୍ତ ଶିକ୍ଷକ ରସାନନ୍ଦ ମହନ୍ତ ଯୋଗ ଦେଇଥିଲେ। ବ୍ରହ୍ମକୁମାରୀ ଶିକ୍ଷାନୁଷ୍ଠାନର ମୁଖ୍ୟ ସଂଚଳିକା ଭଉଣୀ ବ୍ରହ୍ମାକୁମାରୀ ପାର୍ବତୀ ଭଉଣୀ ଅତିଥିଙ୍କ ପରିଚୟ ଦେଇଥିଲେ। ପରେ ଶିବ ଝଣ୍ଡା ଉତ୍ତୋଳନ କରାଯାଇଥିଲା। ବ୍ରହ୍ମାକୁମାର କବିନ୍ଦ୍ର, ତୀର୍ଥ, ପ୍ରଭାତ, ସତ୍ୟ, ଦିବ୍ୟ ଏବଂ ବ୍ରହ୍ମାକୁମାରୀ ଜସ୍ମିନ୍, ଶଶି, ପ୍ରଭାତୀ, ଦମୟନ୍ତୀ, ସରୋଜିନୀ, ବିନି, ରଙ୍ଗଲତା, ସୁନୀତା, ଫୁଲମଣୀ, ଲିଲୀ, ମାଳତୀ ସହଯୋଗ କରିଥିଲେ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମଉତ୍ସବ



ଆନନ୍ଦପୁର, ୧୫।୨(ସମିସ): ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ଉତ୍ସବ ଆନନ୍ଦପୁର ସତସଙ୍ଗ ବିହାରରେ ପାଳିତ ହୋଇଯାଇଛି। କେନ୍ଦ୍ର ସଭାପତି ବଳରାମ ରାଉତଙ୍କ ତତ୍ତ୍ୱାବଧାନରେ ଷାକୀର୍ତ୍ତନ କରାଯାଇଥିଲା। ଦିବା ୧୦ଟା ସମୟରେ ଶ୍ରୀ ଠାକୁରଙ୍କ ପ୍ରତିକୃତି ସହ ନଗର କୀର୍ତ୍ତନରେ ଶହ ଶହ ମା’ ଓ ଭାଇମାନେ ନଗର ଭ୍ରମଣ କରିଥିଲେ। ପରେ ଏକ ସଭାରେ ଡମ୍ବରୁଧର ଦାଶଙ୍କ ସଂଯୋଜନାରେ ପୂଜ୍ୟ ବିନାୟକ ଦାଦା ପୂଜ୍ୟ ଶ୍ରୀଧର ଦାଦା ଓ ରଣଜିତ ମୁଦୁଲି ଗଭୀର ବିଶ୍ୱାସ ହିଁ ସମସ୍ତଙ୍କ ପାଇଁ ଆଶୀର୍ବାଦ ବୋଲି ମତ ବ୍ୟକ୍ତ କରିଥିଲେ। ମାତୃ ସମ୍ମିଳନୀରେ ମାମାନେ ଯୋଗଦେଇ ମଣିଷ ତିଆରି କାରଖାନାକୁ ଠିକ ଭାବେ ପରିଚାଳନା କରିବା ଉଚିତ ବୋଲି ମତ ବ୍ୟକ୍ତ କରିଥିଲେ। ପରେ ସଂଗୀତ ବିଚିତ୍ରା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସହିଦଙ୍କୁ ଭଞ୍ଜପୁର ଦୁର୍ଗାପୂଜା କମିଟିର ଶ୍ରଦ୍ଧାଞ୍ଜଳି



ବାରିପଦା, ୧୫।୨(ସମିସ): ପୁଲୱାମାରେ ସହିଦ ହୋଇଥିବା ୪୦ ଜଣ ସିଆରପିଏଫ ଯବାନଙ୍କୁ ସ୍ଥାନୀୟ ଭଞ୍ଜପୁର ଛକରେ ଦୁର୍ଗାପୂଜା କମିଟି ସଦସ୍ୟ କ୍ୟାଣ୍ଡେଲ ଜାଳି ଓ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଦେଶ ପାଇଁ ବଳିଦାନ ଦେଇଥିବା ସହିଦ ସର୍ବଦା ଅମର ହୋଇରହିବେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। କମିଟିର ପ୍ରସନ୍ନଜିତ ମହାନ୍ତି, ସୁନୀଲ ନାୟକ, ସିଦ୍ଧାର୍ଥ ପଣ୍ଡା, ସତ୍ୟାନନ୍ଦ ବାରିକ, ରଞ୍ଜିତ ପାତ୍ର, ମାନସ ପାତ୍ର ଓ ସଞ୍ଜୟ ସାହୁଙ୍କ ସମେତ ସ୍ଥାନୀୟ ଯୁବପିଢ଼ି ଯୋଗ ଦେଇଥିଲେ।

## କପ୍ତିପଦା ଏନଏସିର କାଉନସିଲର ପଦ ସଂରକ୍ଷଣ ବିଜ୍ଞପ୍ତି

କପ୍ତିପଦା,୧୫।୨(ସମିସ) କପ୍ତିପଦା, ଝିଙ୍କପଦା, ବଡ଼ଖଲାଡି (ଆଂଶିକ), ଜାମବଣି (ଆଂଶିକ) ବଡ଼ବିଶୋଳ (ଆଂଶିକ)କୁ ନେଇ ଗଠିତ କପ୍ତିପଦା ବିଜ୍ଞାପିତ ଅଞ୍ଚଳ ପରିଷଦର ସୀମା ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣକୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଜିଲ୍ଲା ନଗର ଉନ୍ନୟନ ଏଜେନ୍ସି ପକ୍ଷରୁ ଜିଲ୍ଲାପାଳ ନୋଟିସ ନଂ ୧୭୭୪, ୧୨/୨/୨୦୨୬ ଅନୁଯାୟୀ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବିଜ୍ଞପ୍ତି ପ୍ରକାଶର ୧୦ଦିନ ମଧ୍ୟରେ କୌଣସି ଆପତ୍ତି ଅଭିଯୋଗ ଅଥବା ପରାମର୍ଶ ଥିଲେ ଆଗ୍ରହୀ ଯେକୌଣସି ବ୍ୟକ୍ତି ଜିଲ୍ଲାପାଳଙ୍କ ନିକଟରେ ତାହା ଦାଖଲ କରିପାରିବେ। ସମସ୍ତ ୱାର୍ଡର ଭୌଗୋଳିକ ସ୍ଥିତି ମୁତାବକ ସୀମାରେଖା ଅଙ୍କନୟ କରାଯାଇଛି। ୨, ୪ ଓ ୧୦ନଂ ୱାର୍ଡ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବାବେଳେ ୮ ଓ ୯ ୱାର୍ଡ ଅନୁସୂଚିତ ଜାତି, ୧୧ନଂ ୱାର୍ଡ ଅନୁସୂଚିତ ଜାତି ମହିଳା,୧, ୫, ୧୨ ଓ ୧୫ନଂ ଓ୍ୱାଡ ସାଧାରଣ ବର୍ଗ ମହିଳା, ୩, ୬, ୭ ଓ ୧୪ନଂ ୱାର୍ଡ ଅଣସଂରକ୍ଷିତ ରହିଛି। ଝିଙ୍କପଦା ଓ ବଣିଆ ଗାଁକୁ ନେଇ ୧ ନମ୍ବର ୱାର୍ଡ, ସୌଭାଗ୍ୟ ଦେଇପୁର, କୁଆଗୋଠଣା, ମାଛିଆକୁ ନେଇ ୨ନଂ ୱାର୍ଡ, ଗୈଡଗାଁ ୩ ନମ୍ବର ୱାର୍ଡ, ସାନଶିମୁଳିଆ, କପ୍ତିପଦା (ବାଲେଶ୍ୱର ଗୋଲେଇଠାରୁ ବାମପାର୍ଶ୍ୱର କୁହ୍ଲାସାହୀ, କଷିଗଡିଆ, ସୋନପୋଲ ପର୍ଯ୍ୟନ୍ତ)କୁ ନେଇ ୪ ନମ୍ବର ୱାର୍ଡ, ବନ୍ଧମାଳ, ତେନ୍ତୁଳି ସାହି, ଡାହିସାହି, ଗଡ଼ସାହି(ବାମ) ଗାନ୍ଧୀ ଛକ ଓ ଡିବାସାହିକୁ ନେଇ ୫ନଂ ୱାର୍ଡ, କପ୍ତିପଦା ମାର୍କେଟରୁ ବାଲେଶ୍ୱର ଗୋଲେଇ (ଦକ୍ଷିଣ ପାଶ୍ୱର୍) ରଥଦାଣ୍ଡ, ଜଗନ୍ନାଥ ମନ୍ଦିର (ବାମ) ଚଣ୍ଡିଆସାହି, ମାଟିଆଳି ସାହିକୁ ନେଇ ୬ନଂ ୱାର୍ଡ, ମହୁଲଡିହା (ଉତ୍ତର) ଓ ଜନକପୁରକୁ ନେଇ ୭ନଂ ୱାର୍ଡ, ମହୁଲଡିହା (ଦକ୍ଷିଣ ପାଶ୍ୱର୍) ଭଗାବନ୍ଧ, ବେଲଡିହା, କଷିବିଲ ଓ ପଥର ସାହିକୁ ନେଇ ୮ନଂ ୱାର୍ଡ, କାଲାଡ଼ାହି ସାମିଲ ହରଡଡାହି, ସହର ସାହି, ଦାରଘାସାହି, ଭୋଲାଘାଟକୁ ନେଇ ୯ନଂ ୱାର୍ଡ, କାଲାଡ଼ାହି, ଝରଣଘାଟି, ଶାଳଘାଟି, ରଙ୍ଗାମାଟିଆ, ମଣିସାହିକୁ ନେଇ ୧୦ ନଂ ୱାର୍ଡ, ବେଲଡିହା, ଖପରାପାଳ, ପରାଶବଣି, ଧୁମକ୍ଷେତକୁ ନେଇ ୧୧ନଂ ୱାର୍ଡ, ଜାମବଣି, ବଡାମପଦା, ବାଘିଆଗଡି ସାମିଲ ସୁଡସୁଡିଆକୁ ନେଇ ୧୨ନଂ ୱାର୍ଡ, ଶୁଣ୍ଠଳ, କୁସୁନପୁର ଆମ୍ବପିଛୁଳା (ଆଂଶିକ)କୁ ନେଇ ୧୩ନଂ ୱାର୍ଡ, ସୁଡସୁଡିଆ ଆମ୍ବପିଛୁଳା (ଆଂଶିକ)କୁ ନେଇ ୧୪ନଂ, ମିରିଗୋଠଣା, ଦୁଣ୍ଡରିଆ, ସୁଡସୁଡିଆ (ଆଂଶିକ)କୁ ନେଇ ୧୫ନଂ ୱାର୍ଡ ଗଠିତ ହୋଇଛି।

## ବାଙ୍ଗିରିପୋଷି ଏନ୍‌ଏସି ପାଇଁ ୱାର୍ଡ ତାଲିକା ପ୍ରକାଶ

ବାରିପଦା, ୧୫।୨(ସମିସ): ନୂତନ ବାଙ୍ଗିରିପୋଷି ଏନଏସି (ବିଜ୍ଞାପିତ ପରିଷଦ ଅଞ୍ଚଳ)ର ୱାର୍ଡ ତାଲିକା ସହିତ କେଉଁ ୱାର୍ଡ କେଉଁ ବର୍ଗ ପାଇଁ ସଂରକ୍ଷିତ ଏହା ମୟୂରଭଞ୍ଜ ଜିଲ୍ଲାପାଳଙ୍କ (ଜିଲ୍ଲା ନଗର ଉନ୍ନୟନ ଏଜେନ୍ସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତିରେ ୱାର୍ଡସଂଖ୍ୟା ୧୪ ରହିଛି। ବାଙ୍ଗିରିପୋଷି ସାମିଲ ମଝିଗାଁ, ସାନପଥରଖମ, ମଝିଗାଁ ସାମିଲ ସାନପଥରଖମ, କାଳିଆମି, ସିଲିପୁଞ୍ଜି, ଜାମଦାପାଳ ସାମିଲ ଶାରସପୋଷି, ହାଣଦା ସାମିଲ ମହୁଲି, ହାଣଦା ସାମିଲ ମହୁଲି, ହାଣଦା ସାମିଲ ମହୁଲବରେଇ, ପୁନାସିଆ ସାମିଲ ଭାଲୁପାହାଡି, ମଣଦା ସାମିଲ ଶିକଡ଼ଭଙ୍ଗା, ମହୁଲବରେଇ ସାମିଲ ବାଙ୍ଗିରିପୋଷିକୁ ନେଇ ଗଠିତ ହୋଇଥିବା ଏଥିରେ ଉଲ୍ଲେଖ ରହିଛି। ଏଥିସହିତ ଯଦି କାହାର କିଛି ଆପତ୍ତି କିମ୍ବା ମତାମତ ଦେବାର ଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୦ଦିନ ମଧ୍ୟରେ ଗ୍ରହଣ କରାଯାଇ ବିଚାର କରାଯିବ। ଏହି ସମୟସୀମା ଅତିବାହିତ ହୋଇଯିବା ପରେ କୌଣସି ଆପତ୍ତି ବା ପ୍ରସ୍ତାବ ଗ୍ରହଣ କରାଯିବ ନାହିଁ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ୧୪ଟି ୱାର୍ଡରୁ ୭ଟି ଅନୁସୂଚିତ ଜାତି (୨, ୪, ୬, ୧୦ ମହିଳା ଓ ୩, ୭, ୧୧ ମହିଳା, ପୁରୁଷ) ପାଇଁ ସଂରକ୍ଷିତ ରଖାଯାଇଥିବାବେଳେ ଗୋଟିଏ (୯) ଅନୁସୂଚିତ ଜନଜାତି ମହିଳା, ୨ଟି (୫, ୧୨) ସାଧାରଣ ବର୍ଗ ମହିଳା ଓ ୪ଟି ୱାର୍ଡ (୧, ୮, ୧୩, ୧୪) ଅଣସଂରକ୍ଷିତ ରହିଥିବା ଏହି ବିଜ୍ଞପ୍ତିରେ ସୂଚନା ପ୍ରଦାନ କରାଯାଇଛି।

## ରାସଗୋବିନ୍ଦପୁର ଏନ୍‌ଏସିରେ ୧୨ ୱାର୍ଡ

ରାସଗୋବିନ୍ଦପୁର,୧୫।୨(ସମିସ): ମୟୁରଭଞ୍ଜ ଜିଲ୍ଲା ନଗର ଉନ୍ନୟନ ଏଜେନ୍ସି ପକ୍ଷରୁ ରାସଗୋବିନ୍ଦପୁର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ର ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ପର୍କିତ ନୋଟିସ୍ ଜାରି କରାଯାଇଛି। ରାସଗୋବିନ୍ଦପୁର ଏନ୍‌ଏସି ୧୨ଟି ୱାର୍ଡ ରହିଛି। ୧ନଂ ୱାର୍ଡ ତଳସାହି, ବାଛୁରିପାଳ ହାଟ, ଶିଟାଲ ମନ୍ଦିର, ବାଛୁରିପାଳ ଗ୍ରାମ, ୨ନଂ ୱାର୍ଡ ବାରୁଡି ସାହି, ସଂସା ୟୁପି ସ୍କୁଲ୍, ଡେଙ୍ଗାମ୍ ସାହି, ଜାଲାନ୍ ସାହି, ସଂସା ଗ୍ରାମ, ୩ନଂ ୱାର୍ଡ ଦେବଶୋଳ ମହାଦେବ ମନ୍ଦିର, ଦେବଶୋଳ ବସ୍‌ଷ୍ଟାଣ୍ଡ, ଦେବଶୋଳ ଗ୍ରାମ, ପଥରଖୋଲ ଗ୍ରାମ, ଦେବଶୋଳ ପଞ୍ଚାୟତ କାର୍ଯ୍ୟାଳୟ, ୪ନଂ ୱାର୍ଡ ମୂଷାମାରି ଗ୍ରାମ, ମୂଷାମାରି ପେଟ୍ରୋଲ୍ ପମ୍ପ, ମୂଷାମାରି ଖେଳ ପଡିଆ, ସାଇକ୍ରିଷ୍ଣା କଲ୍ୟାଣ ମଣ୍ଡପ, ଇଲେକ୍ଟ୍ରି କାର୍ଯ୍ୟାଳୟ, ଦୁଧୂଆଶୋଳ ଏଡବ୍ଲୁସି, ଏଏନଏମ କେନ୍ଦ୍ର, ୫ନଂ ୱାର୍ଡ ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ, ରାମଚନ୍ଦ୍ରପୁର ଗ୍ରାମ, ୬ନଂ ୱାର୍ଡ ଅଙ୍ଗାରଗାଡିଆ ଗ୍ରାମ, କାଟୁଣି ଗ୍ରାମ, ୭ନଂ ୱାର୍ଡ ତହସିଲ କାର୍ଯ୍ୟାଳୟ, ବିନୋଦରାୟ ମଠ, ରାସଗୋବିନ୍ଦପୁର ଶିବ ମନ୍ଦିର, ୮ନଂ ୱାର୍ଡ ଟ୍ରେଜେରୀ ଅଫିସ୍, ସବରେଜିଷ୍ଟର ଅଫିସ୍, ବିନୋଦ ରାୟ ହାଇସ୍କୁଲ୍, ରାସଗୋବିନ୍ଦପୁର ପୁଲିସ ଷ୍ଟେସନ୍, ଦୁର୍ଗା ମଣ୍ଡପ, ବ୍ଲକ କାର୍ଯ୍ୟାଳୟ, ଡାହିସାହି ଗ୍ରାମ, ବିଇଓ ଅଫିସ୍, କେଜିବିଭି ବିଦ୍ୟାଳୟ, ବିନୋଦ ରାୟ ୟୁପି.ଏସ୍, ରାସଗୋବିନ୍ଦପୁର ଗ୍ରାମର ହରିଜନ ସାହି, ୯ନଂ ୱାର୍ଡ ତକାଡିଡା ଗ୍ରାମ, ୧୦ନଂ ୱାର୍ଡ ମହୁଲିଆ ଗ୍ରାମ, ହରିଜନ ସାହି ପାଟଗୋଡିଆ ଓ ପାଟଗୋଡିଆ ଗ୍ରାମ ସ୍କୁଲ ସାହି, ଆଦର୍ଶ ବିଦ୍ୟାଳୟ, ୧୧ନଂ ୱାର୍ଡ ଆରଡିହା ଗ୍ରାମ, ରଙ୍ଗାମାଟିଆ ଗ୍ରାମର ଏସିଏମ୍ ସାହି, ୧୨ନଂ ରଙ୍ଗାମାଟିଆ ଓ ଅନ୍ଧାରୀ ଗ୍ରାମକୁ ନେଇ ଗଠନ କରାଯାଇଛି। ୧ନଂ ୱାର୍ଡ ମହିଳା, ୩, ୪, ୯, ୧୦ ନଂ ୱାର୍ଡ ଅନୁସୂଚିତ ଜନଜାତି ମହିଳା, ୫ନଂ ୱାର୍ଡ ଅନୁସୂଚିତ ଜାତି ମହିଳା, ୨, ୧୧, ୧୨ ଅନୁସୂଚିତ ଜନଜାତି, ୬, ୭, ୮ନଂ ୱାର୍ଡ ଅଣସଂରକ୍ଷିତ ଆସନ ରହିଛି। କୌଣସି ବ୍ୟକ୍ତିଙ୍କ ଆପତ୍ତି କିମ୍ବା ପ୍ରସ୍ତାବ ଥିଲେ, ନୋଟିସ୍ ପ୍ରକାଶ ପାଇବାର ୧୦ ଦିନ ମଧ୍ୟରେ ଜମା କରିବାକୁ ଅନୁରୋଧ କରାଯାଇଛି।

# ଶୁକୃଳି ହାଇସ୍କୁଲର ବାର୍ଷିକ ଉତ୍ସବ




ଶୁକୃଳି,୧୫।୨(ସମିସ): ୧୯୫୦ରେ ପ୍ରତିଷ୍ଠା ହୋଇଥିବା ଶୁକୃଳିର ସର୍ବପୁରାତନ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରରୁଆଁ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେଶ ମୁଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଗଣେଶ ରାମ ସିଂ ଖୁଣ୍ଟିଆ, ଖିଚିଂ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ମୁକେଶ କୁମାର ବେହେରା ମୁଖ୍ୟବକ୍ତା, ଗୋଷ୍ଠୀ ଶିକ୍ଷାଧିକାରୀ ସୁଶାନ୍ତ କୁମାର ସିଂ, ଅବସରପ୍ରାପ୍ତ ଶିକ୍ଷକ କାହ୍ନୁଚରଣ ଗିରି, ଶରତ ଚନ୍ଦ୍ର ସାହୁ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ଶିକ୍ଷକ ଅଭିରାମ ମହାପାତ୍ର ଓ ସଂଜୟ ସେଠୀ ମଞ୍ଚ ପରିଚାଳନା କରିଥିବାବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବିଦ୍ୟୁତପ୍ରଭା ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ୧୯୮୦ ବ୍ୟାଚ୍ ପୁରାତନ ଛାତ୍ର ସଙ୍ଘ ଗତ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ତିନିଜଣ ଛାତ୍ରଙ୍କୁ ମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ କରିଥିଲେ। ଏଥିସହ କ୍ରୀଡ଼ା ଓ ଅନ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବୁଲାମଣି ସେଠୀ, ଶିକ୍ଷୟିତ୍ରୀ କଳ୍ପନା ପ୍ରଧାନ ଓ ଶାବିନା ସୁନ୍ଦରୀ ହାଁସଦା ପରିଚାଳନା କରିଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷକ ଶ୍ରୀ ଗିରି, ଗୋବର୍ଦ୍ଧନ ପଲେଇ, ଶିକ୍ଷୟିତ୍ରୀ ବନିତା ମାଝୀ ପରିଚାଳନା କରିଥିଲେ। ଶିକ୍ଷକ ନୀଳକଣ୍ଠ ନାୟକ, ସୁଧାକର ନାୟକ ଓ ନୀତିଶ ମହାନ୍ତ ସହଯୋଗ କରିଥିଲେ। ବିଦ୍ୟାଳୟର ଜୁନିୟର ଆସିଷ୍ଟାଣ୍ଟ ଲକ୍ଷ୍ମୀସ୍ୱରୂପା ବେହେରା, ଚତୁର୍ଥ ଶ୍ରେଣୀ କର୍ମଚାରୀ ଜଗଦୀଶ ସି, ଭକ୍ତବନ୍ଧୁ ମହାନ୍ତ ଓ ରାଇମଣୀ ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଶିକ୍ଷକ ଅଭିରାମ ମହାପାତ୍ରଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ନାଟକ "ସମୟ ବଡ ବଳବାନ’ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିବାବେଳେ ଶିକ୍ଷକ ଜଗବନ୍ଧୁ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲି ବୋଝେଇ ହାଇୱା ଜବତ

କ ଳା ବା ଡି ଆ , ୧ ୫ । ୨ ( ସ ମି ସ ) : ଝାରପୋଖରିଆ ଥାନା ସୁବର୍ଣ୍ଣରେଖା ନଦୀରୁ ବାଲି ବୋଝେଇ ଏକ ହାଇୱା ଯଶିପୁର ଯାଉଥିବାବେଳେ ବାଙ୍ଗିରିପୋଷି ବଜାରକୁ ପସିଆସିଥିଲା। ଫଳରେ ସ୍ଥାନୀୟ ଜନସାଧାରଣ ପୁଲିସକୁ ଖବର ଦେବାରୁ ପୁଲିସ ହାଇୱାକୁ ଆଣିବା ସହିତ ମାଇନିଂ ବିଭାଗକୁ ଖବର ଦେଇଥିଲା। ପରମିଟରେ ଲୋଡିଙ୍ଗ ସମୟ ଓ ଗନ୍ତବ୍ୟ ସ୍ଥଳ ତାଳମେଳ ଖାଉ ନ ଥିବାରୁ ମାଇନିଂ ଅଫିସର ୪ ଲକ୍ଷ ୧୮ ହଜାର ୯୨୮ ଟଙ୍କା ଜରିମାନା କରିଛନ୍ତି। ଜରିମାନା ନ ଦେବା ପର୍ଯ୍ୟନ୍ତ ଗାଡ଼ି ଛଡ଼ାଯିବ ନାହିଁ ବୋଲି ପୁଲିସ କହିଛି। ଏ ପଟେ ଡ୍ରାଇଭରକୁ ନୋଟିସ ଦେଇ ପୁଲିସ ଛାଡିଛି। ଗୋଟିଏ ଚାଲାଣରେ ଗୋଟିଏ ଟ୍ରିପ ବାଲି ନେବାକୁ ହେଉଥିବାବେଳେ ଗାଡ଼ି ମାଲିକ ଦୁଇରୁ ତିନି ଟ୍ରିପ କରି ରାଜସ୍ୱ ଫାଙ୍କୁଥିବା ଅଭିଯୋଗ ହୋଇଛି। ଏଥିପ୍ରତି ମାଇନିଂ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

## ଉତ୍ସବ ମୁଖର ଶୁଆକାଟି ବାବା ପାଟେଶ୍ୱର ପୀଠ



କେନ୍ଦୁଝର, ୧୫।୨(ସମିସ): ବାଂଶପାଳ ବ୍ଲକ ଶୁଆକାଟିସ୍ଥିତ ଶୈବ ପୀଠ ବାବା ପାଟେଶ୍ୱର ମନ୍ଦିରରେ ମହାଶିବରାତ୍ରୀ ଓ ଜାଗର ମେଳା ଅବସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ଭୋର ୪ଟାରୁ ଶ୍ରଦ୍ଧାଳୁମାନେ ବାବା ପାଟେଶ୍ୱରଙ୍କୁ ଦର୍ଶନ କରିବା ସହ ଶୁଭ ମନାସି ଦୀପ ଜାଳୁଛନ୍ତି। ରାତି ୧୦ଟା ପରେ ମହାଦୀପ ଉଠିବ ବୋଲି କମିଟି ପକ୍ଷରୁ ପ୍ରକାଶ କରଯାଇଛି। ପାଟେଶ୍ୱର କମିଟି ପକ୍ଷରୁ ସଭାପତି ରଞ୍ଜିତ ବାରିକ, ସଂପାଦକ ଲକ୍ଷ୍ମଣ ବାରିକ, କୋଷାଧ୍ୟକ୍ଷ ରଞ୍ଜନ ନାୟକ, ବରିଷ୍ଠ ସଦସ୍ୟ ଉମାକାନ୍ତ ବିନ୍ଧାଣି, ହଟକିଶୋର ବାରିକ, ବିଜୁ ରଣା, ଅଞ୍ଜନ ବେଜ, ଜଗନ୍ନାଥ ବାରିକ, ପ୍ରମୋଦ ପରିଡା, ପଞ୍ଚାନନ ବାରିକ, ବିଷ୍ଣୁପ୍ରସାଦ ବାରିକଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନା କରୁଛନ୍ତି। ସୋମବାରଠାରୁ ୨ ଦିନ ଭଜନ ସମାରୋହ ଅନୁଷ୍ଠିତ ହେବ। ୧୯ ତାରିଖଠାରୁ ୨୨ ତାରିଖ ପର୍ଯ୍ୟନ୍ତ ମନୋରଞ୍ଜନ ପାଇଁ ଯାତ୍ରା ସ୍ୱର୍ଣ୍ଣ ମହଲ ଅପେରା ନାଟକ ମଞ୍ଚସ୍ଥ କରିବ ବୋଲି ସୂଚନା ଦିଆଯାଇଛି।

## ଇଶାନ କିଶାନ ଶ୍ରେଷ୍ଠ, ସ୍ପିନରଙ୍କ ପ୍ରଭାବୀ ବୋଲିଂ

# କଲମ୍ବୋରେ ପାକିସ୍ତାନର ଶୋଚନୀୟ ପରାଜୟ



କଲମ୍ବୋ,୧୫।୨ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ଚାଲିଥିବା ଟି-୨୦ ବିଶ୍ୱକପ୍ ପୂର୍ବରୁ ପାକିସ୍ତାନ ସରକାର ଓ କ୍ରିକେଟ ବୋର୍ଡର ଅବାସ୍ତବ ନାଟକ ଶେଷରେ ଫ୍ଲପ୍ ସାବ୍ୟସ୍ତ ହୋଇଛି। ଭାରତ ବିପକ୍ଷ ମ୍ୟାଚ୍‌କୁ ବୟକଟ କରିବା ଧମକ ପରେ ଏଠାରେ ଆଜି ଅନୁଷ୍ଠିତ ହାଇଭୋଲ୍ଟେଜ୍ ମୁକାବିଲାରେ ପାକିସ୍ତାନ ଶୋଚନୀୟ ପରାଜୟ ବରଣ କରିଛି। ଏହା ଫଳରେ କ୍ରିକେଟରେ ଭାରତ ଆଗରେ ପାକିସ୍ତାନର ଦମ୍ ଯେ କେତେ କମ୍ ତାହା ବାରମ୍ବାର ପ୍ରମାଣିତ ହୋଇଛି। ଏଠାରେ ରବିବାର ଖେଳାଯାଇଥିବା ଗ୍ରୁପ୍-ଏ'ର ଶୀର୍ଷସ୍ଥାନ ଲାଗି ମୁକାବିଲାରେ କଲମ୍ବୋର ମନ୍ଥର ପିଚ୍‌ରେ ପାକିସ୍ତାନ ସ୍ପିନରଙ୍କ ମାଧ୍ୟମରେ ପ୍ରଭାବୀ ଖେଳିବ ବୋଲି ଆଶା କରାଯାଉଥିଲା। କିନ୍ତୁ ସେମାନଙ୍କ ପ୍ରଭାବକୁ ପ୍ରତିହତ କରି ଏହି ମୁକାବିଲାରେ ଭାରତ ୬୧ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ଯାହା ଫଳରେ ହ୍ୟାଟ୍ରିକ୍ ବିଜୟ ସହ ଭାରତ ଚଳିତ ଟୁର୍ଣ୍ଣାମେଣ୍ଟରେ ତୃତୀୟ ଦଳ ଭାବେ ସୁପର-୮'ରେ ପ୍ରବେଶ କରିଛି। ପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍ ହ୍ୟାଟ୍ରିକ୍ ବିଜୟ ସହ ସୁପର-୮'ରେ ସ୍ଥାନ ପକ୍କା କରିଛନ୍ତି।

କଲମ୍ବୋର ରଣସିଂହେ ପ୍ରେମଦାସା ଷ୍ଟାଡିୟମ୍ ପିଚ୍ ସ୍ପିନ୍ ବୋଲରଙ୍କୁ ସାଥ୍ ଦେଇଥିଲା। ଏଥିରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଇଶାକ କିଶାନଙ୍କ ୪୦ ବଲ୍‌ରୁ ୭୭ ରନ୍ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୭୫ ରନ୍ କରିଥିଲା। ଦଳ ପକ୍ଷରୁ କାମଚଳା ସ୍ପିନର ସାଏମ ଆୟୁବ ସର୍ବାଧିକ ୩ଟି ଓ ସମସ୍ତ ସ୍ପିନର ମିଳିତ ଭାବେ ୫ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ୧୭୬ ରନ୍‌ର ଟାର୍ଗେଟ୍‌କୁ ପିଛା କରିଥିବା ପାକିସ୍ତାନ ଭାରତୀୟ ବୋଲିଂର ଉଚିତ ମୁକାବିଲା କରି ନ ପାରି ୧୮ ଓଭରରେ ୧୧୪ ରନ୍ କରିଥିଲା। ଦଳ ପକ୍ଷରୁ କେବଳ ଉସ୍‌ମାନ ଖାନ୍ ୪୪ ରନ୍ କରି ଲଢ଼ିଥିଲେ। ଭାରତ ପକ୍ଷରୁ ପେସର ୪ଟି ଓ ସ୍ପିନରମାନେ ୬ଟି ୱିକେଟ ନେଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଫାଷ୍ଟ ବୋଲର ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ୍ ବୁମ୍‌ରା ୨ଟି ଲେଖାଏଁ, ଦୁଇ ସ୍ପିନର ଅକ୍ଷର ପଟେଲ ଓ ବରୁଣ ଚକ୍ରବର୍ତ୍ତୀ ମଧ୍ୟ ୨ଟି ଲେଖାଏଁ ୱିକେଟ ପାଇଥିଲେ। କୁଳଦୀପ ଯାଦବ ଓ କାମଚଳା ସ୍ପିନର ତିଲକ ବର୍ମା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

ପୂର୍ବରୁ ଭାରତ ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରିଥିଲା। ଦଳର ବିସ୍ଫୋରକ ଓପନର ଅଭିଷେକ ଶର୍ମା ୪ଟି ବଲ୍ ଖେଳିଥିଲେ ମଧ୍ୟ ଖାତା ଖୋଲି ନ ପାରି ସଲମାନଙ୍କ ଦ୍ୱାରା ଆଉଟ ହୋଇଥିଲେ। ପ୍ରଥମ ଓଭରରୁ ୱିକେଟ ହରାଇବା ପରେ ଇଶାନ କିଶାନ ଆକ୍ରମଣାତ୍ମକ ଖେଳି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ। ସେ ପାୱାର ପ୍ଲେ'ରେ ୪୨, ୨୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ପରେ ଅଭିଷେକଙ୍କ ଅନୁପସ୍ଥିତି ଉପଲବ୍ଧ ହୋଇ ନ ଥିଲା। ସେ କିନ୍ତୁ ୪୦ଟି ବଲ୍‌ର ସମ୍ମୁଖୀନ ହୋଇ ୭୭ ରନ୍ କରିଥିଲାବେଳେ ଆୟୁବଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ଏହି ସ୍କୋରରେ ସେ ୧୦ଟି ଚୌକା ଓ ୩ଟି ଛକା ମାରିଥିଲେ। ତାଙ୍କ ଆଉଟ ପରେ ଦ୍ରୁତ ରନ୍ ସଂଗ୍ରହରେ ପାକିସ୍ତାନୀ ସ୍ପିନର ବ୍ରେକ୍ ଲଗାଇଥିଲେ। ବିଶେଷ କରି ଆୟୁବ ଓ ଉସ୍‌ମାନ ତାରିକ୍ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ତିଲକ ବର୍ମା ୨୪ ବଲ୍‌ରୁ ୨୫, ସୂର୍ଯ୍ୟକୁମାର ଯାଦବ ଧୈର୍ଯ୍ୟପୂର୍ଣ୍ଣ ଖେଳି ୨୯ ବଲ୍‌ରୁ ୩୨ ରନ୍ କରିଥିଲେ। ଶେଷ ଭାଗରେ ଶିବମ ଦୁବେ ୧୭ ବଲ୍‌ରୁ ୩ ଚୌକା ଓ ୧ ଛକା ସହ ଦ୍ରୁତ ୨୭, ରିଙ୍କୁ ସିଂ ୪ଟି ବଲ୍‌ରୁ ୧୧ ରନ୍ କରିବା ଫଳରେ ଦଳ ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ଅଭିଷେକଙ୍କ ସହ ହାର୍ଦ୍ଦିକ ପାଣ୍ଡ୍ୟା ଖାତା ଖୋଲି ନ ପାରିବାରୁ ଭାରତ ଏକ ବିଶାଳ ସ୍କୋର କରିବାକୁ ବଞ୍ଚିତ ହୋଇଥିଲା। ଭାରତ ଓ ପାକିସ୍ତାନ ମ୍ୟାଚରେ 'ନୋ ହ୍ୟାଣ୍ଡସେକ୍' ଧାରା ବଜାୟ ରହିଛି। ଏଠାରେ ଆଜି ମଧ୍ୟ ଭାରତ ଓ ପାକିସ୍ତାନ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ସଲମାନ ଆଘା ଟସ୍ ସମୟରେ ପରସ୍ପର ହାତ ନ ମିଳାଇ ଚାଲିଯାଇଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ଇନିଂସ: ୧୭୫/୭, ୨୦ ଓଭର (ଇଶାନ-୭୭, ସୂର୍ଯ୍ୟକୁମାର-୩୨, ଶିବମ-୨୭, ତିଲକ-୨୫, ଅଭିଷେକ-୦, ହାର୍ଦ୍ଦିକ-୦, ଆୟୁବ-୩/୨୫, ସଲମାନ-୧/୧୦, ତାରିକ-୧/୨୪, ଆଫ୍ରିଦୀ-୧/୩୧)।

ପାକିସ୍ତାନ ଇନିଂସ : ୧୧୪/୧୦, ୧୮ ଓଭର (ଉସ୍‌ମାନ-୪୪, ସଦାବ-୧୪, ହାର୍ଦ୍ଦିକ-୨/୧୬, ବୁମ୍‌ରା-୨/୧୭, ଅକ୍ଷର-୨/୨୯, ବରୁଣ-୨/୧୭)।

### ଆଜିର ବିଶ୍ୱକପ୍ ମ୍ୟାଚ୍

| ମ୍ୟାଚ୍ | ସମୟ | ସ୍ଥାନ |
|---|---|---|
| ଆଫଗାନିସ୍ତାନ-ୟୁଏଇ | ପୂର୍ବାହ୍ନ ୧୧ଟା | ଦିଲ୍ଲୀ |
| ଇଂଲଣ୍ଡ- ଇଟାଲୀ | ଅପରାହ୍ଣ ୩ଟା | କୋଲକାତା |
| ଅଷ୍ଟ୍ରେଲିଆ-ଶ୍ରୀଲଙ୍କା | ରାତି ୭ଟା | ପାଲେକେଲେ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ହୋଲ୍ଡରଙ୍କ ଘାତକ ବୋଲିଂ, ହୋପ୍‌ଙ୍କ ଅର୍ଦ୍ଧଶତକ

# ସୁପର-୮ରେ ୱେଷ୍ଟଇଣ୍ଡିଜ୍

ମୁମ୍ବଇ,୧୫।୨ (ଏଜେନ୍ସି): ଫାଷ୍ଟ ବୋଲର ଜେସନ ହୋଲ୍ଡର (୨୭ ରନ୍‌ରେ ୪ ୱିକେଟ)ଙ୍କ ଘାତକ ବୋଲିଂ ଓ ସାଇ ହୋପ୍ (୪୪ ବଲ୍‌ରେ ୬୧ରନ୍)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଏଠାରେ ଆଜି ଅନୁଷ୍ଠିତ ଗ୍ରୁପ୍-ସି'ର ଏକ ଲିଗ୍ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୯ ୱିକେଟରେ ନେପାଳକୁ ପରାସ୍ତ କରିଛି। ଏହା ଫଳରେ ହ୍ୟାଟ୍ରିକ୍ ବିଜୟ ସହ ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଦଳ ଭାବେ ସୁପର-୮'ରେ ପ୍ରବେଶ କରିଛି। ପୂର୍ବରୁ ଦକ୍ଷିଣ ଆଫ୍ରିକା ପ୍ରଥମ ଦଳ ଭାବେ ସୁପର-୮'ରେ ସ୍ଥାନ ସୁରକ୍ଷିତ କରିଥିଲା। ଏହି ଗ୍ରୁପ୍‌ରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ମ୍ୟାଚ୍‌ରେ ସ୍କଟଲାଣ୍ଡକୁ ୩୫ ଓ ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡକୁ ୩୦ ରନ୍‌ରେ ହରାଇଥିଲା। ଇଟାଲୀ ସହ ୱେଷ୍ଟଇଣ୍ଡିଜ୍ ତାହାର ଚତୁର୍ଥ ତଥା ଶେଷ ଲିଗ୍ ମ୍ୟାଚ୍ ଆସନ୍ତା ୧୯ରେ ଖେଳିବ।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନେପାଳ ୮ ୱିକେଟରେ ୧୩୩ ରନ୍ କରିଥିଲା। ଦଳ ପକ୍ଷରୁ ଦୀପେନ୍ଦ୍ର ସିଂ ଆଇରୀ ସର୍ବାଧିକ ୫୮ ଓ ସୋମପାଲ କାମି ଅପରାଜିତ ୨୬ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ହୋଲ୍ଡର ୪ଟି ୱିକେଟ ପାଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ୍ ୧୫.୨ ଓଭରରେ କେବଳ ବ୍ରାଣ୍ଡନ କିଙ୍ଗ (୨୨)ଙ୍କ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଅଧିନାୟକ ହୋପ୍ ୪୪ ବଲ୍‌ରୁ ୫ ଚୌକା ଓ ୩ଛକା ସହ ୬୧ ଏବଂ ସିମରନ ହେଟମାୟର ୩୨ବଲ୍‌ରୁ ୪ଚୌକା ଓ ୨ଛକା ସହ ୪୬ ରନ୍‌ରେ ଅପରାଜିତ ରହିଥିଲେ।

## ମୋନାକ, ସଞ୍ଜୟଙ୍କ ଅର୍ଦ୍ଧଶତକ

# ବିଜୟ ସହ ୟୁଏସ୍‌ଏ ବିଦା

ଚେନ୍ନଇ,୧୫।୨ (ଏଜେନ୍ସି): ଅଧିନାୟକ ମୋନାକ ପଟେଲ (୩୦ବଲ୍‌ରେ ୫୮ ରନ୍) ଓ ସଞ୍ଜୟ କୃଷ୍ଣମୂର୍ତ୍ତି (୩୩ବଲ୍‌ରେ ଅପରାଜିତ ୬୮ ରନ୍)ଙ୍କ ଅର୍ଦ୍ଧଶତକ ସହାୟତାରେ ଏଠାରେ ରବିବାର ଅନୁଷ୍ଠିତ ଗ୍ରୁପ୍-ଏ'ର ଏକ ଲିଗ୍ ମ୍ୟାଚ୍‌ରେ ୟୁଏସ୍‌ଏ (ୟୁନାଇଟେଡ୍ ଷ୍ଟେଟସ ଅଫ୍ ଆମେରିକା) ୩୧ ରନ୍‌ରେ ନାମିବ୍ୟାକୁ ପରାସ୍ତ କରି ପ୍ରଥମ ବିଜୟ ହାସଲ କରିଛି। ଭାରତ, ପାକିସ୍ତାନ ଓ ନେଦରଲାଣ୍ଡସଠାରୁ ପରାଜିତ ହୋଇଥିବା ୟୁଏସ୍‌ଏ ଏହି ବିଜୟ ସହ ଚଳିତ ବିଶ୍ୱକପ୍‌ରୁ ବିଦା ହୋଇଛି। ଏହି ମ୍ୟାଚ୍‌ରେ ୩୩ବଲ୍‌ରୁ ୪ଚୌକା ଓ ୮ଛକା ସହ ୬୮ ରନ୍‌ରେ ଅପରାଜିତ ରହିଥିବା ୟୁଏସ୍‌ଏର ସଞ୍ଜୟ କୃଷ୍ଣମୂର୍ତ୍ତିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ୟୁଏସ୍‌ଏ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୧୯୯ ରନ୍ କରିଥିଲା। ଅଧିନାୟକ ମୋନାକ ପଟେଲ ଓ ସଞ୍ଜୟ କୃଷ୍ଣମୂର୍ତ୍ତିଙ୍କ ଅର୍ଦ୍ଧଶତକ ବ୍ୟତୀତ ମିଲିନ୍ଦ କୁବାର ଅପରାଜିତ ୨୮ ଓ ସାୟାନ ଜାହାଙ୍ଗୀର ୨୨ ରନ୍ କରିଥିଲେ। ଜବାବରେ ନାମିବ୍ୟା ସମାନ ସଂଖ୍ୟକ ଓଭର ଖେଳି ୬ ୱିକେଟରେ ୧୬୮ ରନ୍ କରିଥିଲା। ଦଳ ପକ୍ଷରୁ ଲୌରେନ ଷ୍ଟିନକ୍ୟାମ୍ପ ୫୮, ଜେଜେ ସ୍ମିଟ୍ ୩୧ ରନ୍ କରିଥିଲେ। ୟୁଏସ୍ ପକ୍ଷରୁ ଶାଡଲୀ ଭାନ ସ୍କାଲକ୍ୱିକ୍ ସର୍ବାଧିକ ୨ଟି ୱିକେଟ ପାଇଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟରେ ଦକ୍ଷିଣ ଆଫ୍ରିକା ଜନ୍ମିତ ୩୭ ବର୍ଷୀୟ ସ୍ପିନର ଶାଡ୍‌ଲୀ ୪ଟି ମ୍ୟାଚ୍ ଖେଳି ୟୁଏସ୍‌ଏ ପକ୍ଷରୁ ସର୍ବାଧିକ ୧୩ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା ପାଇଛନ୍ତି।

**ତମାଣ୍ଡୋ ପ୍ରିମିୟର ଲିଗ୍**

# ସମ୍ବଲପୁର ଏମ୍‌ଏମ୍‌ସିସିର ବିଜୟ

ଭୁବନେଶ୍ୱର,୧୫।୨(ସମିସ): ସମ୍ବଲପୁରର ଏମ୍‌ଏମ୍‌ସିସି ୪୪ ରନ୍‌ର ବୃହତ୍ ବ୍ୟବଧାନରେ କାକଟପୁରର ଏମ୍‌ସିସିକୁ ପରାସ୍ତ କରି ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍‌ରେ ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ସମ୍ବଲପୁରର ଆବ୍ରାର ହାସନ ୩୭ ରନ୍‌ରେ ୪ ୱିକେଟ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଅତିଥି ଅଜୟ ପାଟଶାଣୀଙ୍କଠାରୁ ପୁରସ୍କାର ଲାଭ କରିଛନ୍ତି। ଆସନ୍ତାକାଲି ୟୁବି ରକ୍‌ଷ୍ଟାର ଓ ବ୍ରହ୍ମପୁର ଆର୍‌ସି ମଧ୍ୟରେ ପରବର୍ତ୍ତୀ ଲିଗ୍ ମ୍ୟାଚ୍ ଖେଳାଯିବ।

ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସମ୍ବଲପୁର ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୨୦୫ ରନ୍ କରିଥିଲା। ଦଳ ପକ୍ଷରୁ ସତ୍ୟଜିତ ସାବତ ସର୍ବାଧିକ ୪୬, ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ୩୧, ସରୋଜ ପଣ୍ଡା ୨୯ ଓ ସୌମ୍ୟରଞ୍ଜନ ବିଶ୍ୱାଳ ୨୨ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ପ୍ରବୀଣ କୁମାର ସର୍ବାଧିକ ୩ଟି, କାର୍ତ୍ତିକ ବିଶ୍ୱାଳ ଓ ବିଭୂତି ଗୋଛାୟତ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୨୦୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି କାକଟପୁର ୧୯ ଓଭରରେ ୧୬୧ ରନ୍ କରି ଅଲଆଉଟ ହୋଇଯାଇଥିଲା।

ସତୀଶ ସିଂଙ୍କ ୫୯, ଦୁର୍ଗାପ୍ରସାଦ ବେହେରାଙ୍କ ୩୦ କିମ୍ବା ଆଇଏସ ଗିରିଙ୍କ ୨୪ ରନ୍ ଦଳକୁ ଜିତାଇପାରି ନ ଥିଲା। ବିଜୟୀ ଦଳ ପକ୍ଷରୁ ଆବ୍ରାରଙ୍କ ୪ ୱିକେଟ ବ୍ୟତୀତ ଏମ୍‌ଜି ଗୋପାଳ ୩ଟି ଓ ପ୍ରତୀକ ରଞ୍ଜନ ୨ଟି ୱିକେଟ ପାଇଥିଲେ।

**ମୃତ୍ୟୁଞ୍ଜୟ ପାତ୍ର ସ୍ମାରକୀ ଚେସ୍**

# ମହେଶ ଚାମ୍ପିଅନ, ସଞ୍ଜୀବନ ରନର୍ସ ଅପ୍

ଭୁବନେଶ୍ୱର,୧୫।୨(ସମିସ): ପୁରୀର ମହେଶ ପ୍ରସାଦ ସେଠୀ ୭ମ ମୃତ୍ୟୁଞ୍ଜୟ ପାତ୍ର ସ୍ମାରକୀ ଓପନ ଚେସ ଚାମ୍ପିଅନ ହୋଇଛନ୍ତି। ଭୁବନେଶ୍ୱର ଚେସ୍ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ



ଏହି ଟୁର୍ଣ୍ଣାମେଣ୍ଟରେ ୪ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଟାଇବ୍ରେକରରେ ଯାଜପୁରର ସଞ୍ଜୀବନ ନାୟକ ପ୍ରଥମ ରନର୍ସଅପ୍ ଓ ଭୁବନେଶ୍ୱରର ଓମ୍ ଆଦିତ୍ୟ ଖାଡଙ୍ଗା ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱରର ସ୍ୱପ୍ନିଲ ପ୍ରିୟଦର୍ଶୀ, ତନ୍ମୟ ତ୍ରିପାଠୀ, ନଟବର ଦାସ, ସୁରଜ ମହାରଣା ଓ ମନୀଷ ରଞ୍ଜନ ଦାସ ଯଥାକ୍ରମେ ଚତୁର୍ଥରୁ ୮ମ ସ୍ଥାନରେ ରହିଥିଲେ। ଟୁର୍ଣ୍ଣାମେଣ୍ଟକୁ ଓମ୍‌ଗୁରୁକୂଳ ପବ୍ଲିକ୍ ସ୍କୁଲ୍‌ର ଏମ୍‌ଡି ଲକ୍ଷ୍ମୀଧର ବେହେରା ଉଦ୍‌ଘାଟନ କରିଥିଲାବେଳେ ରବିଶଙ୍କର ମାତ୍ର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଥିଲେ। ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

**ୱିମେନ ରାଇଜିଂଷ୍ଟାର ଏସିଆ କପ୍**

# ପାକିସ୍ତାନ-ଏ'କୁ ହରାଇଲା ଭାରତ-ଏ



ବ୍ୟାଙ୍କକ୍, ୧୫।୨ (ଏଜେନ୍ସି): ପାକିସ୍ତାନ-ଏ'କୁ ୮ ୱିକେଟରେ ପରାସ୍ତ କରି ଭାରତ-ଏ' ଏଠାରେ ଚାଲିଥିବା ୱିମେନ ରାଇଜିଂଷ୍ଟାର ଏସିଆ କପ୍‌ରେ ପ୍ରଥମ ବିଜୟ ହାସଲ କରିଛି। ପୂର୍ବରୁ ୟୁଏଇଠାରୁ ହାରିଥିବା ଭାରତ-ଏ' ଏହି ବିଜୟ ଫଳରେ ସେମିଫାଇନାଲ ଖେଳିବା ଆଶା ତିଷ୍ଠି ରହିଛି। ଏହି ମ୍ୟାଚ୍‌ରେ ଭାରତ-ଏ'ର ସାଇମା ଠାକୁର, ରାଧା ଯାଦବ ଓ ପ୍ରେମା ରାୱତ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ-ଏ ୧୮.୫ ଓଭରରେ ୯୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଦିନେଶ ବୃନ୍ଦାଙ୍କ ଅପରାଜିତ ୫୫ ଓ ଅନୁଷ୍କା ଶର୍ମାଙ୍କ ୨୪ ରନ୍ ସହାୟତାରେ ଭାରତ-ଏ' ୧୦.୧ ଓଭରରେ ୨ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ବୃନ୍ଦାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ-ଏ' ତାହାର ଶେଷ ଲିଗ୍ ମ୍ୟାଚ୍ ନେପାଳ ସହ ମଙ୍ଗଳବାର ଖେଳିବ।

## ଅଷ୍ଟ୍ରେଲିଆ ବିପକ୍ଷରେ ଅରୁନ୍ଧତୀଙ୍କ ଘାତକ ବୋଲିଂ

# ପ୍ରଥମ ଟି-୨୦ରେ ଜିତିଲା ଭାରତ



ସିଡ୍‌ନୀ,୧୫।୨ (ଏଜେନ୍ସି): ମିଡିୟମ ଫାଷ୍ଟ ବୋଲର ଅରୁନ୍ଧତୀ ରେଡ୍ଡୀଙ୍କ ଘାତକ ବୋଲିଂ ଓ ବର୍ଷା ସହାୟତାରେ ଏଠାରେ ଆଜି ଅନୁଷ୍ଠିତ ପ୍ରଥମ ମହିଳା ଟି-୨୦ରେ ଭାରତ ଡିଏଲଏସ୍ ମେଥଡ୍‌ରେ ଅଷ୍ଟ୍ରେଲିଆକୁ ୨୧ ରନ୍‌ରେ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ କାନବେରାରେ ୧୯ ତାରିଖ ଖେଳାଯିବ। ଏହି ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଇନିଂସରେ ୪ ଓଭର ବୋଲିଂ କରି ୨୨ ରନ୍‌ରେ ୪ଟି ୱିକେଟ ନେଇଥିବା ଅରୁନ୍ଧତୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୧୩୩ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଜର୍ଜିଆ ୱେୟାରହାମ୍ ସର୍ବାଧିକ ୩୦, ଫୋଏବ ଲିଚଫେଲ୍ଡ ୨୬ ଓ ଏଲିସେ ପେରୀ ୨୦ ରନ୍ କରିଥିଲେ। ଭାରତ ପକ୍ଷରୁ ଅରୁନ୍ଧତୀଙ୍କ ୪ ୱିକେଟ ବ୍ୟତୀତ ରେଣୁକା ସିଂ ଓ ଶ୍ରୀ ଚରଣୀ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ଭାରତ ୫.୧ ଓଭରରେ ଶେଫାଳି ବର୍ମା (୧୧ବଲ୍‌ରେ ୨୧ରନ୍)ଙ୍କ ୱିକେଟ ହରାଇ ୧ ୱିକେଟରେ ୫୦ ରନ୍ କରିଥିଲାବେଳେ ବର୍ଷା ଯୋଗୁଁ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ଫଳରେ ଡିଏଲ୍‌ଏସ୍ ମେଥଡ ଅନୁଯାୟୀ ଭାରତକୁ ୨୧ ରନ୍‌ରେ ବିଜୟୀ ଘୋଷିତ କରାଯାଇଥିଲା।

# ପିତୃତ୍ୱ ଛୁଟିରେ ଗଲେ ଫର୍ଗୁସନ

ନୂଆଦିଲ୍ଲୀ, ୧୫।୨ (ଏଜେନ୍ସି): ବିଶ୍ୱକପ୍ ମଝିରୁ ସାମୟିକ ସମୟ ଲାଗି ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଲୋକି ଫର୍ଗୁସନ ସ୍ୱଦେଶ ଫେରିଯାଇଛନ୍ତି। ଫର୍ଗୁସନଙ୍କ ସ୍ତ୍ରୀ ଇମା ପ୍ରଥମ ସନ୍ତାନ ପ୍ରସବ ଦେବାକୁ ଯାଉଛନ୍ତି। ତେଣୁ ପତ୍ନୀଙ୍କ ସହିତ ଏହି ବିଶେଷ ସମୟ ଅତିବାହିତ କରିବା



ପାଇଁ ଫର୍ଗୁସନଙ୍କୁ ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ସାମୟିକ ପିତୃତ୍ୱ ବିରତି ମିଳିଛି। ଫଳରେ ସେ ନ୍ୟୁଜିଲାଣ୍ଡର ଶେଷ ଲିଗ୍ ମ୍ୟାଚରେ ଖେଳିପାରିବେ ନାହିଁ। ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ନ୍ୟୁଜିଲାଣ୍ଡ ଏହାର ଶେଷ ମ୍ୟାଚରେ ମଙ୍ଗଳବାର କାନାଡା ସହ ଖେଳିବ। ନ୍ୟୁଜିଲାଣ୍ଡ ବର୍ତ୍ତମାନ ସୁଦ୍ଧା ୩ ମ୍ୟାଚ୍ ଖେଳି ୨ ବିଜୟ ଓ ଗୋଟିଏ ପରାଜୟ ସହ ୪ ପଏଣ୍ଟ ପାଇ ଦକ୍ଷିଣ ଆଫ୍ରିକା (୬) ପଛକୁ ୨ୟ ସ୍ଥାନରେ ରହିଛି। 'ଏହା ଫର୍ଗୁସନ ଓ ଇମାଙ୍କ ପାଇଁ ଏକ ଅତ୍ୟନ୍ତ ରୋମାଞ୍ଚକ ସମୟ। ଆମେ ଖୁସି ଯେ ଫର୍ଗୁସନ ଏପରି ଏକ ବିଶେଷ ଅବସର ପାଇଁ ଘରେ ରହିବେ। ସେ ସୁପର୍-୮ ପର୍ଯ୍ୟାୟ ବେଳକୁ ପୁଣିଥରେ ଦଳ ସହ ଯୋଗଦେଇଥିବେ'ବୋଲି ନ୍ୟୁଜିଲାଣ୍ଡ କୋଚ୍ ରବ୍ ୱାଲ୍ଟର କହିଛନ୍ତି।

# ସଦରଲାଣ୍ଡଙ୍କୁ କ୍ରମାଗତ 'ବେଲିଣ୍ଡା କ୍ଲାର୍କ' ପଦକ

ସିଡନୀ, ୧୫।୨ (ଏଜେନ୍ସି): ବର୍ଷ ୨୦୨୫ ଲାଗି ଆନାବେଲ୍ ସଦରଲାଣ୍ଡ ଅଷ୍ଟ୍ରେଲିଆର ଶ୍ରେଷ୍ଠ ମହିଳା କ୍ରିକେଟର୍ ହୋଇଛନ୍ତି। ଏଥିଲାଗି ତାଙ୍କୁ ରବିବାର ସିଡ୍‌ନୀରେ କ୍ରିକେଟ୍ ଅଷ୍ଟ୍ରେଲିଆ ପକ୍ଷରୁ ସମ୍ମାନଜନକ 'ବେଲିଣ୍ଡା କ୍ଲାର୍କ' ପଦକ ପ୍ରଦାନ କରାଯାଇଛି। ଭୋଟିଂ ପ୍ରକ୍ରିୟାରେ ସେ ୩ ଖଣ୍ଡ ଭୋଟରେ ବେଥ୍ ମୁନୀଙ୍କୁ ପଛରେ ପକାଇ ଏହି ପୁରସ୍କାର ଜିତିଛନ୍ତି। ୨୪ ବର୍ଷୀୟା ସଦରଲାଣ୍ଡ କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି ଏହି ପଦକ ବିଜୟୀ ହୋଇଛନ୍ତି। ଫଳରେ ଲଗାତର ଭାବେ 'ବେଲିଣ୍ଡା କ୍ଲାର୍କ' ପଦକ ଜିତିବାରେ ସଦରଲାଣ୍ଡ ଅଷ୍ଟ୍ରେଲିଆର ୫ମ ମହିଳା କ୍ରିକେଟର୍ ହୋଇଛନ୍ତି। ସେହିଭଳି ସଦରଲାଣ୍ଡ ଅଷ୍ଟ୍ରେଲିଆର 'ଶ୍ରେଷ୍ଠ ଦିନିକିଆ ମହିଳା କ୍ରିକେଟର୍' ଏବଂ ବେଥ୍ ମୁନୀ 'ଶ୍ରେଷ୍ଠ ମହିଳା ଟି-୨୦ କ୍ରିକେଟର୍' ପୁରସ୍କାର ଜିତିଛନ୍ତି। ୨୦୨୫ରେ ସଦରଲାଣ୍ଡ ସମସ୍ତ ଫର୍ମାଟରେ ମୋଟ୍ ୨୭ଟି ୱିକେଟ ନେଇଥିବାବେଳେ ୨୫୦ ରନ ସଂଗ୍ରହ କରିଥିଲେ।

**ସିକେ ନାଇଡୁ ଟ୍ରଫି**

# ଓଡ଼ିଶାର ପାଳି ପରାଜୟ ଆଶଙ୍କା

ଭୁବନେଶ୍ୱର, ୧୫।୨ (ସମିସ): ମୁମ୍ବଇ ବିପକ୍ଷରେ ଚାଲିଥିବା ୨୫ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ପାଳି ପରାଜୟ ଆଶଙ୍କାରେ ରହିଛି। ମୁମ୍ବଇର ସଚିନ ତେନ୍ଦୁଲକର ଜିମଖାନା ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ୩୧୫ ରନ ପଛରେ ଥାଇ ଦ୍ୱିତୀୟ ପାଳି



ଆରମ୍ଭ କରିଥିବା ଓଡ଼ିଶା ରବିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୨ ୱିକେଟରେ ୧୦୭ ରନ ସଂଗ୍ରହ କରିଛି। ସମ୍ବିତ ବେଜ୍ ୩୬ ଓ ଅଧିନାୟକ ଓମ୍ ଟି ମୁଣ୍ଡେ ୯ ରନରେ ଆଉଟ୍ ହୋଇଛନ୍ତି। ଖେଳ ଶେଷବେଳକୁ ଆୟୂଷ ସୁତାର ୫୨ ଓ ଶ୍ରେୟାଂଶ ଭରଦ୍ୱାଜ ୭ ରନରେ ଅପରାଜିତ ରହିଛନ୍ତି। ହାତରେ ଦ୍ୱିତୀୟ ପାଳିର ୮ ୱିକେଟ୍ ବଳକା ଥାଇ ଓଡ଼ିଶା ଆହୁରି ୨୦୮ ରନ ପଛରେ ରହିଛି। ସୋମବାର ମ୍ୟାଚର ଅନ୍ତିମ ଦିବସ। ଓଡ଼ିଶାକୁ ଏବେ ମ୍ୟାଚ୍ ବଞ୍ଚାଇବାକୁ ହେଲେ ସମ୍ପୂର୍ଣ୍ଣ ଦିନ ବ୍ୟାଟିଂ କରିବା ଜରୁରୀ ହୋଇପଡ଼ିଛି। ପୂର୍ବରୁ ଓଡ଼ିଶାର ପ୍ରଥମ ପାଳି ସ୍କୋର ୧୬୯ ରନ ଜବାବରେ ଘରୋଇ ମୁମ୍ବଇ ୪୮୪ ରନର ବିଶାଳ ସ୍କୋର କରିଥିଲା। ଓପନର ଆୟୁଷ ଜେଠୱା (୧୪୪ ରନ) ଓ ମନନ ଭଟ୍ଟ (୧୧୧) ଶତକୀୟ ପାଳି ଖେଳି ମୁମ୍ବଇକୁ ବଡ଼ ସ୍କୋର ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶା ପକ୍ଷରୁ ବାମହାତୀ ସ୍ପିନର ବାଦଲ ବିଶ୍ୱାଳ ସର୍ବାଧିକ ୫ଟି ୱିକେଟ୍ ନେଇଥିଲେ।

## ରଣଜୀ ଟ୍ରଫି ସେମିଫାଇନାଲ

# ପ୍ରଥମ ଦିନରେ ରାହୁଲ, ପଡ଼ିକଲ, ସୁଦୀପଙ୍କ ଶତକ



ଲକ୍ଷ୍ନୌ, ୧୫।୨ (ଏଜେନ୍ସି): ଚଳିତ ରଣଜୀ ଟ୍ରଫିର ୯୧ତମ ସଂସ୍କରଣର ସେମିଫାଇନାଲ ପର୍ଯ୍ୟାୟ ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୩ଟି ଶତକୀୟ ପାଳି ଦେଖିବାକୁ ମିଳିଛି। ଲକ୍ଷ୍ନୌର ଏକନା ଷ୍ଟାଡିୟମରେ ଉତ୍ତରାଖଣ୍ଡ ଓ କର୍ଣ୍ଣାଟକ ପ୍ରଥମ ସେମିଫାଇନାଲରେ ପରସ୍ପରକୁ ଭେଟିଛନ୍ତି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା କର୍ଣ୍ଣାଟକ ଅଧିନାୟକ ଦେବଦତ୍ତ ପଡ଼ିକଲ ଓ ଓପନର ଲୋକେଶ ରାହୁଲଙ୍କ ଶତକୀୟ ପାଳି ବଳରେ ୯୦ ଓଭରରେ ୨ ୱିକେଟ୍ ହରାଇ ୩୫୫ ରନର ସମ୍ମାନଜନକ ସ୍କୋର କରିଛି। ରାହୁଲ ୧୪୧ ରନ କରି ଆଉଟ ହୋଇଛନ୍ତି। ୨୧୧ ବଲର ଏହି ପାଳିରେ ସେ ୧୧ଟି ଚୌକା ଓ ୫ଟି ଛକା ମାରିଛନ୍ତି। ସେହିଭଳି ପଡ଼ିକଲ ୧୬ ଚୌକା ଓ ୨ ଛକା ବଳରେ ୨୩୬ ବଲରୁ ୧୪୮ ରନ କରି ଅପରାଜିତ ରହିଛନ୍ତି। ଦ୍ୱିତୀୟ ୱିକେଟରେ ରାହୁଲ ଓ ପଡ଼ିକଲ ୨୭୮ ରନର ଭାଗୀଦାରି ଗଢ଼ି ଦଳକୁ ବିଶାଳ ସ୍କୋର ଅଭିମୁଖେ ଅଗ୍ରସର କରାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୟଙ୍କ ଅଗରୱାଲ ୫ ରନରେ ଆଉଟ୍ ହୋଇଥିବାବେଳେ କରୁଣ ନାୟାର ୩୭ ରନରେ ଅପରାଜିତ ରହିଛନ୍ତି। ଅପରପକ୍ଷରେ କୋଲକାତାର କଲ୍ୟାଣୀରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଜମ୍ମୁ କାଶ୍ମୀର ବିପକ୍ଷରେ ଘରୋଇ ବେଙ୍ଗଲ ଭଲ ଆରମ୍ଭ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବେଙ୍ଗଲ ୭୯.୫ ଓଭରରେ ୫ ୱିକେଟ ହରାଇ ୨୪୯ ରନ ସଂଗ୍ରହ କରିଛି। ସୁଦୀପ ଘରାମି ୧୩୬ ରନ କରି ଅପରାଜିତ ରହିଛନ୍ତି। ଜମ୍ମୁର ଆକ୍ୱିବ ନବି ଓ ସୁନିଲ କୁମାର ୨ଟି ଲେଖାଏ ୱିକେଟ୍ ନେଇଛନ୍ତି।

# ରାଉରକେଲାରେ ଭାରତ ବିଜୟଶୂନ୍ୟ

ରାଉରକେଲା, ୧୫।୨ (ସମିସ): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ କ୍ରମାଗତ ୪ର୍ଥ ପରାଜୟ ବରଣ କରିଛି। ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳିଥିବା ସମସ୍ତ ୪ଟି ଯାକ ମ୍ୟାଚରେ ପରାସ୍ତ ହୋଇ ବିଜୟ ଖାତା ଖୋଲି ପାରିନି। ରବିବାର ଭାରତ ଏହାର ଶେଷ ତଥା ୪ର୍ଥ ମ୍ୟାଚରେ ଆର୍ଜେଣ୍ଟିନାଠାରୁ ୪-୨ ଗୋଲରେ ପରାସ୍ତ ହୋଇଛି। ଏଠାରେ ଆର୍ଜେଣ୍ଟିନା ନିକଟରୁ ଭାରତର ଏହା କ୍ରମାଗତ ୨ୟ ପରାଜୟ। ଏଥିପୂର୍ବରୁ ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମୁକାବିଲାକୁ ଆର୍ଜେଣ୍ଟିନା ୮-୦ ଗୋଲରେ ଏକପାଖିଆ ଭାବେ ବିଜୟ ଲାଭ କରିଥିଲା। ସେହିଭଳି ଭାରତ ଏଠାରେ ବେଲ୍‌ଜିୟମ ବିପକ୍ଷ ଦୁଇଟି ଯାକ ମ୍ୟାଚକୁ ଯଥାକ୍ରମେ ୩-୧ ଓ ୪-୨ ଗୋଲରେ ହାରିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS